

ପରଦାକୁ ଫେରିବେ ମୀନାକ୍ଷୀ

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-330 •FRIDAY •29 MAY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୩୩୦ •ଶୁକ୍ରବାର •୨୯ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ଥାନାରେ ଥାର୍ଡ ଡିଗ୍ରୀ

# ଖାକିରେ ଗୁଣ୍ଡାଗିରି

### ବିନା ଅପରାଧରେ ନିରୀହ ଯୁବକଙ୍କୁ ଶାରୀରିକ ନିର୍ଯାତନା

■ ଭୁବନେଶ୍ୱର, ୨୮।୫ (ସମିସ): ପତ୍ନୀଙ୍କ ନିଖୋଜ ଅଭିଯୋଗ କରିବାକୁ ଥାନାକୁ ଯାଇଥିବା ଜଣେ ନିରୀହ ଯୁବକଙ୍କୁ ପୁଲିସର ଶାରୀରିକ ନିର୍ଯାତନା ଓ ଥାର୍ଡ ଡିଗ୍ରୀ ଏବେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନାରେ ମା' ପୁଅଙ୍କୁ ପୁଲିସ ଅନୁରୂପ ବ୍ୟବହାର କରିଥିବା ଅଭିଯୋଗର ଦୁଇଦିନ ପରେ ବାରଙ୍ଗ ଥାନାରେ ଘଟିଥିବା ଏହି ଘଟଣା ଏବେ ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ପୁଲିସର ଛବି ଖାକିପିନ୍ଧା ଗୁଣ୍ଡାକୁ ପରିବର୍ତ୍ତିତ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ବାରଙ୍ଗ ଅଞ୍ଚଳର ରାକେଶ ବେହେରା ଥାନାରେ ତାଙ୍କ ପତ୍ନୀଙ୍କ ନିଖୋଜ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ରାକେଶଙ୍କ ପତ୍ନୀଙ୍କୁ ଖୋଜିବା ପରିବର୍ତ୍ତେ ନଦୀ ପଠାରୁ ମିଳିଥିବା ଏକ ଅଜଣା ମହିଳାଙ୍କ ଶବକୁ ତାଙ୍କ ପତ୍ନୀ ଦର୍ଶାଇ ତାଙ୍କୁ କେବଳ ହତ୍ୟା ଅଭିଯୁକ୍ତ ସଜାଇଲେ ନାହିଁ; ନିସ୍ତୁକ ମାଡ଼ ମାରି ହତ୍ୟାକାରୀ ବୋଲି ସ୍ୱୀକାର କରିବାକୁ ବାଧ କଲେ। ପୁଲିସ କଳ୍ପିତ ମିଛ ଅଭିଯୋଗକୁ ସ୍ୱୀକାର କରିବାକୁ ରାକେଶ ଅରାଜି ହେବାରୁ ଥାନା ହାଜତରେ ପୁଲିସ ନିସ୍ତୁକ ପିଟିଲା, ପରେ ଜଙ୍ଗଲ ମଧ୍ୟକୁ ନେଇ ଅମାନୁଷିକ ଭାବରେ ନିର୍ଯାତନା ଦେଲା। ମରଣାନ୍ତକ ମାଡ଼ ଓ ଅତ୍ୟାଚାରରେ ରାକେଶ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରାକେଶଙ୍କ କିଡ୍‌ନୀ ଅଚଳ ହୋଇଛି ଓ କଟକରେ ତାଙ୍କର ଡାଏଲିସିସ୍ କରାଯାଉଛି । ପୁଲିସ ରାକେଶଙ୍କ ଚିକିତ୍ସା ଖର୍ଚ୍ଚ ବହନ କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

**ଘଟଣାକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା**

**ପୁଲିସର କାର୍ଯ୍ୟକୁ ନେଇ ସାଂସଦ ମାନସଙ୍କ ପ୍ରଶ୍ନ**

କୌତୂହଳର କଥା ହେଉଛି ରାକେଶଙ୍କ ସମ୍ପର୍କୀୟ, ଗ୍ରାମବାସୀ, ଶ୍ୱଶୁରଘର ଲୋକେ ମିଳିଥିବା ଶବ ନିଖୋଜ ମହିଳାଙ୍କର ନୁହେଁ ବୋଲି ପ୍ରକାଶ କରିଛନ୍ତି। ଏହା ସତ୍ତ୍ୱେ ନଦୀ ▶ପୃଷ୍ଠା-୭

## ଡେରିରେ ଆସିବ ମୌସୁମୀ

### ଜାରି ରହିବ ତାତି ସାଙ୍ଗକୁ କାଳବୈଶାଖୀ

■ ଭୁବନେଶ୍ୱର, ୨୮।୫ (ସମିସ): ଏଥର ମୌସୁମୀ ଆଗମନ ବିଳମ୍ବ ହେବ। ଚଳିତବର୍ଷ ସ୍ୱାଭାବିକ ସମୟ ପୂର୍ବରୁ ଅର୍ଥାତ ମେ' ୨୬ରେ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ଆକଳନ କରାଯାଇଥିଲା; କିନ୍ତୁ ଏହା ମେ' ୩୦ରୁ ଜୁନ୍ ୩ ମଧ୍ୟରେ କେରଳ ଛୁଇଁବାର ସମ୍ଭାବନା ରହିଛି। ଯଦି ବାୟୁ ପ୍ରବାହରେ ବ୍ୟାହତ ଘଟେ, ତେବେ ମୌସୁମୀ ଆଗମନ ଆହୁରି ୨ ରୁ ୩ ଦିନ ଘୁଞ୍ଚିଯାଇପାରେ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି।

ଭାରତୀୟ ମୌସୁମୀ ଆକଳନର ମାପଦଣ୍ଡ ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ବାୟୁ ମଧ୍ୟ-ବାୟୁମଣ୍ଡଳ ଅର୍ଥାତ୍ ପ୍ରାୟ ୬୦୦ ଏଚ୍‌ପିଏ ସ୍ତର ପର୍ଯ୍ୟନ୍ତ ଗଭୀର ହେବା ଆବଶ୍ୟକ। ବର୍ତ୍ତମାନର ବାୟୁମଣ୍ଡଳର ଉପରିଭାଗ ବିଶ୍ଳେଷଣରୁ ସଙ୍କେତ ମିଳୁଛି ଯେ, ୭୦୦ ଏଚ୍‌ପିଏ ସ୍ତର ନିକଟରେ ମଧ୍ୟ ବାୟୁ ପ୍ରବାହ ବିକ୍ଷିପ୍ତ ଅବସ୍ଥାରେ ରହିଛି। ଏହା ବ୍ୟତୀତ, ▶ପୃଷ୍ଠା-୭



**୪ ଜିଲ୍ଲାରେ ଝଡ଼ ଭାଙ୍ଗିଲା ୨୫୨ ଘର**

**ବଜ୍ରପାତରେ ଗଲା ୩ ଜଣଙ୍କ ଜୀବନ**

## ୪ ଦିନ ହେଲା ଗାଁରେ ଲାଇନ୍ ନାହିଁ

## ବିଦ୍ୟୁତ୍ କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ



■ ଦେବଗଡ଼, ୨୮।୫ (ସମିସ): କାଳବୈଶାଖୀରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଜାଡ଼ିବାକୁ ଆସିଥିବା ବିଦ୍ୟୁତ୍ କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼। ଦେବଗଡ଼ ଜିଲ୍ଲା ତିଲେଇବଣୀ ବ୍ଲକ୍ ଦୁଧିଆନାଳି ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।

ସୂଚନାନୁଯାୟୀ, ୪ ଦିନ ତଳେ ହୋଇଥିବା କାଳବୈଶାଖୀ ଜନିତ ବର୍ଷା-ପବନରେ ଦୁଧିଆନାଳି ଗାଁରେ ଏକ ବିଦ୍ୟୁତ୍ ତାର ଛିଡ଼ି ପଡ଼ିଥିଲା। ସେବେଠାରୁ ଗାଁରେ ବିଦ୍ୟୁତ୍ ସରବରାହ ବନ୍ଦ ଥିଲା। ଗୁରୁବାର ସକାଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାକୁ ସଜାଡ଼ିବାକୁ ବିଭାଗର ମେଣ୍ଟେନାନ୍ସ କର୍ମଚାରୀ ବିଜୟ ପ୍ରଧାନ, ସନ୍ତୋଷ ପ୍ରଧାନ ଓ ଦିଲ୍ଲୀପ ବେହେରା ଗ୍ରାମରେ ପହଞ୍ଚିଥିଲେ। ଏହି ସମୟରେ ଗ୍ରାମବାସୀଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ଏଥିରେ ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ଏକ ରଶି ସାହାଯ୍ୟରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ▶ପୃଷ୍ଠା-୭

## କନୱର ବିଶାଲ ସିଂହ ଏସଟିଏଫ୍ ଡିଆଇଜି

■ ଭୁବନେଶ୍ୱର, ୨୮।୫ (ସମିସ): ରାଜ୍ୟ ଆଇପିଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ(କୋରାପୁଟ)ର ଡିଆଇଜି ଭାବେ କାର୍ଯ୍ୟରତ ଡା. କନୱର ବିଶାଲ ସିଂହଙ୍କୁ ଭୁବନେଶ୍ୱର ସ୍ଥିତ ଏସଟିଏଫ୍ ଡିଆଇଜି ଭାବେ ବଦଳି ହୋଇଛି। ସେହିପରି ସ୍ପେଶାଲ୍ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସ୍ଆଇଡବ୍ଲୁ)ର ଡିଆଇଜି ଅଖିଳେଶ୍ୱର ସିଂହଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ (କୋରାପୁଟ)ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅଖିଳେଶ୍ୱର ଏସ୍ଆଇଡବ୍ଲୁ ସହିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଭାବେ କାର୍ଯ୍ୟ କରିବେ। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି।


**ଅଖିଳେଶ୍ୱରଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜର ଅତିରିକ୍ତ ଦାୟିତ୍ୱ**

## ଦୋକାନରେ ପଶିଗଲା ପିକ୍-ଅପ୍; ମହିଳା ମୃତ



■ ରାଇରଙ୍ଗପୁର, ୨୮।୫ (ସମିସ): ଏକ ଦ୍ରୁତଗାମୀ ପିକ୍-ଅପ୍ ଭ୍ୟାନ୍ ଦୋକାନ ଉପରକୁ ମାଡ଼ିଯିବାରୁ ଅକାରଣରେ ଜଣେ ମହିଳାଙ୍କ ଜୀବନ ଯାଇଛି। ବହଳଦା ଥାନା ଅନ୍ତର୍ଗତ ବାନାଡୁଙ୍ଗୁରି ଗ୍ରାମ ଦେଇ ଯାଇଥିବା ୨୨୦ନଂ ଜାତୀୟ ରାଜପଥ କଡ଼ରେ ଏଭଳି ଏକ ଦୁର୍ଘଟଣା ଘଟିଛି। ମୃତକ ହେଲେ, ବହଳଦା ଥାନା ଅନ୍ତର୍ଗତ ବାନାଡୁଙ୍ଗୁରି ଗ୍ରାମର ଛବିରାଣୀ ଦତ୍ତ। ଦୁର୍ଘଟଣା ଘଟାଇବା ପରେ ଭ୍ୟାନ୍ ଚାଳକ ଫେରାର୍ ହୋଇଯାଇଛି।

ସୂଚନା ମୁତାବକ, ଗୁରୁବାର ଭୋର୍ ପ୍ରାୟ ସାଢ଼େ ୫ଟାରେ ଏହି ଦୁର୍ଘଟଣା ଘଟିଥିଲା। ରାଇରଙ୍ଗପୁର ପଟୁ ଟାଟା ଅଭିମୁଖେ ଯାଉଥିବା ଏକ ପିକ୍-ଅପ୍ ବହଳଦାର ବାନାଡୁଙ୍ଗୁରି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାଜପଥ କଡ଼ରେ ଥିବା ଗ୍ରୋସରି ଦୋକାନ ଉପରକୁ ମାଡ଼ି ଯାଇଥିଲା। ଗାଡ଼ିଟି ବିଦ୍ୟୁତ୍ ଖୁଣ୍ଟକୁ ଜୋର୍‌ରେ ଧକ୍କା ଦେବା ସହ ଦୋକାନର ଦୁଇଟି କାନ୍ଥ ଭାଙ୍ଗି ଭିତରକୁ ପଶି ଛବିରାଣୀଙ୍କୁ ଚାପି ଦେଇଥିଲା। ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ଉଦ୍ଧାର କରି ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଦୁର୍ଘଟଣା ଘଟାଇବା ପରେ ପିକ-ଅପ୍ ଚାଳକ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିଲେ। ବହଳଦା ଥାନା ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଛି।



# ଓମାନକୁ ବୋମା ପକାଇ ଉଡ଼ାଇ ଦେବାକୁ ଟ୍ରମ୍ପଙ୍କ ଧମକ



ୱାଶିଂଟନ, ୨୮ ।୫(ଏଜେନ୍ସି): ଇରାନ ସହିତ ଚାଲିଥିବା ବିବାଦ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ବିବାଦୀୟ ବୟାନ ଦେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଆମେରିକାର ପୁରୁଣା ତଥା ବିଶ୍ୱସ୍ତ ସହଯୋଗୀ ଦେଶ ଓମାନକୁ ଟ୍ରମ୍ପ ସିଧାସଳଖ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଇଛନ୍ତି। ହର୍ମୁଜ ପ୍ରଣାଳୀ ଉପରେ କୌଣସି ଗୋଟିଏ ଦେଶର ନିୟନ୍ତ୍ରଣକୁ ଆମେରିକା ଗ୍ରହଣ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ଟ୍ରମ୍ପ କହିଛନ୍ତି, 'ଏହି ସାମୁଦ୍ରିକ ପଥ ଉପରେ କାହାରି ନିୟନ୍ତ୍ରଣ ରହିବ ନାହିଁ। ଏହା ଏକ ଆନ୍ତର୍ଜାତୀୟ ଜଳପଥ ଏବଂ ଓମାନକୁ ମଧ୍ୟ ଅନ୍ୟ ଦେଶ ଭଳି ସାଧାରଣ ନିୟମ ମାନିବାକୁ ପଡ଼ିବ, ନଚେତ ଆମେ ସେମାନଙ୍କୁ ବୋମାରେ ଉଡ଼ାଇ ଦେବୁ।'

ଇରାନ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଇରାନ ଏବଂ ଓମାନ ମିଳିତ ଭାବେ ହର୍ମୁଜ ପ୍ରଣାଳୀ ଦେଇ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକର ନିୟନ୍ତ୍ରଣ କରିବେ ଏବଂ ଏଥିପାଇଁ ଆମେରିକା ସେଠାରୁ ନିଜର ସେନା ହ୍ରାସ କରିବ। ତେବେ ହ୍ୱାଇଟ ହାଉସ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ପ୍ରତ୍ୟାଖ୍ୟାନ କରିଛି। ଏହି ସାମୁଦ୍ରିକ ପଥ ବିଶ୍ୱ ବାଣିଜ୍ୟ ଏବଂ ବିଶେଷ କରି ତେଲ ଯୋଗାଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆମେରିକା ଏହା ଉପରେ ନିଜର ତୀକ୍ଷ୍ଣ ନଜର ରଖିବ ବୋଲି ଟ୍ରମ୍ପ କହିଛନ୍ତି। ଏହି ଅବସରରେ ଟ୍ରମ୍ପ ଉପସାଗର ଏବଂ ମୁସଲିମ ବହୁଳ ଦେଶଗୁଡ଼ିକ ଉପରେ ଇସ୍ରାଏଲ ସହିତ ସମ୍ପର୍କ ସ୍ୱାଭାବିକ କରିବା ପାଇଁ ପ୍ରସ୍ତାବିତ 'ଅବ୍ରାହମ ଚୁକ୍ତି'ରେ ସାମିଲ ହେବାକୁ ଚାପ ପକାଉଛନ୍ତି। ସେ ସାଉଦି ଆରବ, କାତାର, ପାକିସ୍ତାନ, ତୁର୍କୀ, ମିଶର ଏବଂ ଜର୍ଡାନ ଭଳି ଦେଶଗୁଡ଼ିକୁ ଏହି ଚୁକ୍ତିରେ ସାମିଲ ହେବାକୁ କହିଛନ୍ତି। ଯଦି ଏହି ଦେଶଗୁଡ଼ିକ ଚୁକ୍ତି ସ୍ୱାକ୍ଷର ନକରନ୍ତି, ତେବେ ଇରାନ ସହିତ କୌଣସି ପ୍ରକାର ଶାନ୍ତି ଆଲୋଚନା କରାଯିବ ନାହିଁ ବୋଲି ସେ ସଙ୍କେତ ଦେଇଛନ୍ତି। ସାମୁଦ୍ରିକ ପଥ ବ୍ୟତୀତ ଇରାନର ପରମାଣୁ କାର୍ଯ୍ୟକ୍ରମ ମଧ୍ୟ ଏକ ବଡ଼ ପ୍ରତିବନ୍ଧକ ସାଜିଛି। ଆମେରିକା ସେକ୍ରେଟାରୀ ଅଫ୍ ଷ୍ଟେଟ ମାର୍କୋ ରୁବିଓ ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କଦାପି ପରମାଣୁ ଅସ୍ତ୍ର ତିଆରି କରିବାକୁ ଦିଆଯିବ ନାହିଁ। ଟ୍ରମ୍ପ ଇରାନକୁ ତାହାର ସମୃଦ୍ଧ ୟୁରାନିୟମ ସମର୍ପଣ କରିବାକୁ ଦାବି କରିଛନ୍ତି ଏବଂ ଏହା ବଦଳରେ କୌଣସି ଆର୍ଥିକ କଟକଣା କୋହଳ କରାଯିବ ନାହିଁ ବୋଲି କହିଛନ୍ତି।

## ପଞ୍ଜାବ ବିଜେପି ସଭାପତି ହେଲେ କେବଳ ସିଂହ ଧିଲନ୍

ଚଣ୍ଡିଗଡ଼, ୨୮ ।୫(ଏଜେନ୍ସି): ଆଗାମୀ ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ଏକ ବଡ଼ ସାଂଗଠନିକ ପରିବର୍ତ୍ତନ କରିଛି। କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଥିବା ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ କେବଲ ସିଂହ ଧିଲନ୍‌ଙ୍କୁ ଦଳ ପଞ୍ଜାବ ବିଜେପିର ନୂତନ ସଭାପତି ଭାବେ ନିଯୁକ୍ତ କରିଛି। ଶିଖ ସମ୍ପ୍ରଦାୟ ମଧ୍ୟରେ ଦଳର ପ୍ରଭାବ ବିସ୍ତାର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଜଣେ ପ୍ରଭାବଶାଳୀ ଜାଟ୍ ଶିଖ ନେତା ଭାବେ ପରିଚିତ ଧିଲନ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହଙ୍କ ଅତ୍ୟନ୍ତ ନିକଟତର। ସେ ୨୦୦୭ ରୁ ୨୦୧୨ ପର୍ଯ୍ୟନ୍ତ ବରନାଲାର ବିଧାୟକ ଥିଲେ ଏବଂ ୨୦୨୨ ଜୁନ୍ ମାସରେ ବିଜେପିରେ ଯୋଗ ଦେଇଥିଲେ। ବିଜେପିର କେନ୍ଦ୍ରୀୟ ନେତୃତ୍ୱ ବୁଧବାର ଦିନ ପଞ୍ଜାବ ସମେତ ଦିଲ୍ଲୀ, ହରିୟାଣା ଏବଂ ତ୍ରିପୁରା ଭଳି ଅନ୍ୟ କେତେକ ରାଜ୍ୟର ମଧ୍ୟ ନୂଆ ସଭାପତିଙ୍କ ନାମ ଘୋଷଣା କରି ସାଂଗଠନିକ ପୁନର୍ଗଠନ କରିଛନ୍ତି।

## କାନାଡାରେ ୨୨ ବର୍ଷୀୟା ଗୁଜରାଟୀ ଛାତ୍ରୀଙ୍କୁ ଛୁରାମାଡ଼ କରି ହତ୍ୟା



ନୂଆଦିଲ୍ଲୀ, ୨୮ ।୫(ଏଜେନ୍ସି): କାନାଡାର ନାଗ୍ରା ଅଞ୍ଚଳରେ ଜଣେ ୨୨ ବର୍ଷୀୟା ଭାରତୀୟ ଛାତ୍ରୀଙ୍କୁ ଛୁରାମାଡ଼ କରି ନିର୍ମମ ଭାବେ ହତ୍ୟା କରାଯାଇଥିବା ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମୃତ ଛାତ୍ରୀଜଣକ ଗୁଜରାଟର ବାସିନ୍ଦା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ବିଦେଶ ମାଟିରେ ଜଣେ ଭାରତୀୟ ଛାତ୍ରୀଙ୍କ ସହ ଘଟିଥିବା ଏହି ଅଭାବନୀୟ ଘଟଣା ପରେ ତାଙ୍କ ପରିବାର ତଥା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଛାତ୍ରୀଙ୍କ ଚିହ୍ନଟ ଗୁଜରାଟର ଆନନ୍ଦ ଜିଲ୍ଲା ବୋରସଦ ଅଞ୍ଚଳର ବିଧି କକ୍ଷେଶଭାଇ ମେଘାଣୀ ଭାବେ କରାଯାଇଛି। ବିଧି ବିଗତ ଚାରି ବର୍ଷ ଧରି କାନାଡାରେ ରହୁଥିଲେ। ସେ ସେଠାରେ ନିଜର ପାଠପଢ଼ା ଜାରି ରଖିବା ସହିତ ଏକ ଆଂଶିକ ସମୟ ପାଇଁ ଚାକିରି ମଧ୍ୟ କରୁଥିଲେ। ସ୍ଥାନୀୟ ପୋଲିସର ସୂଚନା ଅନୁଯାୟୀ, ଏହି ଭୟଙ୍କର କାଣ୍ଡ ଚଳିତ ମାସ ମେ ୨୫ ତାରିଖରେ ଘଟିଥିଲା। କେଉଁ କାରଣରୁ କିମ୍ବା କେଉଁ ପରିସ୍ଥିତିରେ ବିଧିଙ୍କ ଉପରେ ଏହିପରି ମାରାତ୍ମକ ଆକ୍ରମଣ କରାଗଲା, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଆକ୍ରମଣର ପ୍ରକୃତ କାରଣ ଏବେ ବି ରହସ୍ୟ ଘେରରେ ରହିଛି।

## ବ୍ରିଟେନ୍‌ରେ ମହିଳାଙ୍କୁ ହତ୍ୟା: ଭାରତୀୟ ଯୁବକଙ୍କୁ ୨୯ ବର୍ଷ ଜେଲ୍

ଲଣ୍ଡନ, ୨୮ ।୫(ଏଜେନ୍ସି): ବ୍ରିଟେନ୍‌ର ୱେଷ୍ଟ ମିଡ୍‌ଲ୍ୟାଣ୍ଡସ ଅଞ୍ଚଳରେ ଜଣେ ମହିଳାଙ୍କୁ ନିର୍ମମ ଭାବେ ଗଳାଚିପି ହତ୍ୟା କରିବା ଅଭିଯୋଗରେ ଜଣେ ଭାରତୀୟ ବଂଶୋଦ୍ଭବ ପାର୍ସଲ ବିତରଣ ଚାଳକଙ୍କୁ ୨୯ ବର୍ଷର ଜେଲ୍ ଦଣ୍ଡାଦେଶ ଶୁଣାଯାଇଛି। ଦଣ୍ଡ ପାଇଥିବା ଏହି ଅଭିଯୁକ୍ତ ଜଣକ ହେଉଛନ୍ତି ୩୭ ବର୍ଷୀୟ ଚନ୍ଦନାର ସିଂହ। ପୋଲିସ ସୂଚନା ଅନୁଯାୟୀ, ଗତ ୨୦୨୫ ଅଗଷ୍ଟ ମାସରେ ସ୍ମେଥ୍‌ୱିକ୍‌ଠାରେ ଜଣେ ୪୧ ବର୍ଷୀୟା ମହିଳା ସାରା ମିଲରଙ୍କ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଚନ୍ଦନାର ମଦ୍ୟପାନ କରିବା ପରେ ନିଜ ଭ୍ୟାନ୍ ସାହାଯ୍ୟରେ ମହିଳାଙ୍କୁ ଆଣିଥିଲେ ଏବଂ ଗାଡ଼ି ଭିତରେ ହିଁ ତାଙ୍କୁ ଗଳାଚିପି ହତ୍ୟା କରିଥିଲେ। କେବଳ ସେତିକି ନୁହେଁ, ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ସେ ମୃତଦେହ ଉପରେ ଏକ ପ୍ରକାର ତରଳ ପଦାର୍ଥ ଢାଳି ରାସ୍ତାକଡ଼ରେ ଫିଙ୍ଗି ଫେରାର ହୋଇଯାଇଥିଲେ।

## ନେପାଳର ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ୧୪ଟି ସ୍କୁଲ ନିର୍ମାଣ କରିବ ଭାରତ

କାଠମାଣ୍ଡୁ, ୨୮ ।୫(ଏଜେନ୍ସି): ନେପାଳର ସାମାଜିକ-ଅର୍ଥନୈତିକ ବିକାଶ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଭାରତ ସରକାର ପୁଣିଥରେ ସହାୟତାର ହାତ ବଢ଼ାଇଛନ୍ତି। ନେପାଳର ଭୂକମ୍ପ ପ୍ରଭାବିତ ୮ଟି ଜିଲ୍ଲାରେ ୧୪ଟି ସ୍କୁଲର ପୁନଃନିର୍ମାଣ ପାଇଁ ଭାରତ ୫୬ କୋଟି ୨ ଲକ୍ଷ ନେପାଳୀ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି। ଏ ନେଇ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଭାରତ ସରକାରଙ୍କ ଏହି ଅନୁଦାନ ସହାୟତାରେ ସ୍କୁଲ ଗୁଡ଼ିକର ନିର୍ମାଣ ପାଇଁ ନେପାଳର ଶିକ୍ଷା ଓ କ୍ରୀଡ଼ା ମନ୍ତ୍ରାଳୟ ଅନ୍ତର୍ଗତ କେନ୍ଦ୍ରୀୟ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା ପକ୍ଷରୁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ସ୍କୁଲଗୁଡ଼ିକ ଗୋରଖା, ନୁୱାକୋଟ, ଧାଦିଙ୍ଗ, ଦୋଲଖା, କାଠମାଣ୍ଡୁ, କାଭ୍‌ରେପାଲାନଚୌକ, ରାମେଛାପ ଏବଂ ସିନ୍ଧୁପାଲଚୋକ ଜିଲ୍ଲାରେ ନିର୍ମାଣ କରାଯିବ, ଯାହା ବିଗତ ବର୍ଷଗୁଡ଼ିକରେ ଭୂକମ୍ପ ଦ୍ୱାରା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା।

## ଦକ୍ଷିଣ ଲେବାନନରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍‌ରେ ୧୪ ମୃତ



ବେରୁଟ୍, ୨୮ ।୫(ଏଜେନ୍ସି): ଆମେରିକା ରାଜଧାନୀ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଆଲୋଚନା ହେବାକୁ ଥିବାବେଳେ ଇସ୍ରାଏଲ ସେନା ପକ୍ଷରୁ ଦକ୍ଷିଣ ଲେବାନନରେ ଜୋରଦାର ଆକ୍ରମଣ କରାଯାଇଛି। ଗୁରୁବାର ସକାଳେ ହୋଇଥିବା ଏହି ବିମାନ ଆକ୍ରମଣରେ ୫ ଜଣ ମହିଳା ଓ ଶିଶୁ ଏବଂ ଜଣେ ଲେବାନନ ସୈନିକଙ୍କ ସମେତ ଅତିକମରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଅନେକ ଲୋକ ଆହତ ହୋଇଥିବା ସେଠାକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଲେବାନନର ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାର ଡ୍ରୋନ୍ ଆକ୍ରମଣରେ ଜଣେ ଇସ୍ରାଏଲୀ ସୈନିକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଲେବାନନରେ ସେନା ଆକ୍ରମଣକୁ ବ୍ୟାପକ କରିବା ପାଇଁ ଘୋଷଣା କରିବା ପରେ ଏହି ସଂଘର୍ଷ ଆହୁରି ତୀବ୍ର ହୋଇଛି। ଶୁକ୍ରବାର ଦିନ ୱାଶିଂଟନଠାରେ ଦୁଇ ଦେଶର ସାମରିକ ଅଧିକାରୀଙ୍କ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଗତ ଏପ୍ରିଲ ୧୭ ରୁ ଚାଲିଥିବା ଅସ୍ଥାୟୀ ଯୁଦ୍ଧବିରତି ସତ୍ତ୍ୱେ ଉଭୟ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଛି, ଯାହାକି ସ୍ଥାନୀୟ ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି କରିଛି।

## ହମାସ ସେନା ମୁଖ୍ୟ ମହମ୍ମଦ ଓଡେହ ନିହତ



ଗାଜା ସିଟି, ୨୮ ।୫(ଏଜେନ୍ସି): ଇସ୍ରାଏଲ୍‌ର ଏକ ଶକ୍ତିଶାଳୀ ବିମାନ ଆକ୍ରମଣରେ ପାଲେଷ୍ଟାଇନର ଆତଙ୍କବାଦୀ ସଂଗଠନ 'ହମାସ'ର ନୂତନ ସେନା ମୁଖ୍ୟ ମହମ୍ମଦ ଓଡେହଙ୍କର ମୃତ୍ୟୁ ହୋଇଛି। ଗୁରୁବାର ଦିନ ହମାସ ପକ୍ଷରୁ ଏହି ଖବରକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରାଯାଇଛି। ବୁଧବାର ଦିନ ଗାଜା ସିଟିର ରିମାଲ୍ ଅଞ୍ଚଳରେ ହୋଇଥିବା ଏହି ଆକ୍ରମଣରେ ଓଡେହଙ୍କ ସହ ତାଙ୍କ ପତ୍ନୀ ଏବଂ ଦୁଇ ସନ୍ତାନ ମଧ୍ୟ ପ୍ରାଣ ହରାଇଛନ୍ତି। ଗୁରୁବାର ଦିନ ସମସ୍ତଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ବିଶେଷ ସୂଚନା ଅନୁଯାୟୀ, ଗତ ମଇ ୧୫ ତାରିଖରେ ପୂର୍ବତନ ସେନା ମୁଖ୍ୟ ଇଜ୍ ଅଲ୍-ଦିନ୍ ଅଲ୍-ହଦାଦ୍‌ଙ୍କ ମୃତ୍ୟୁ ପରେ ମାତ୍ର ୧୧ ଦିନ ପୂର୍ବେ ଓଡେହ ହମାସର ସାମରିକ କମାଣ୍ଡର ଦାୟିତ୍ୱ ଗ୍ରହଣ କରିଥିଲେ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍‌ଜ କହିଛନ୍ତି ଯେ, ଏହି ସାମରିକ ଅଭିଯାନ ସ୍ୱତନ୍ତ୍ର ଭାବେ ଓଡେହଙ୍କୁ ସମ୍ପୂର୍ଣ୍ଣ ଶେଷ କରିବା ପାଇଁ ଲକ୍ଷ୍ୟ ରଖି କରାଯାଇଥିଲା। ହମାସର ଜଣେ ପରେ ଜଣେ ଶୀର୍ଷ ନେତାଙ୍କୁ ସମାପ୍ତ କରିବା ଦିଗରେ ଇସ୍ରାଏଲ ସେନାକୁ ଏହା ଏକ ବଡ଼ ସଫଳତା ମିଳିଛି।

## ୱାକଫ୍ ବୋର୍ଡର ୪୦୪ ଏକର ଜମି ଦାବି



ଆତଙ୍କିତ ୭୦୦ ପରିବାର ରାସ୍ତାରେ

ତିରୁବନନ୍ତପୁରମ, ୨୮ ।୫ (ଏଜେନ୍ସି): କେରଳ ରାଜ୍ୟ ୱାକଫ୍ ବୋର୍ଡ ପକ୍ଷରୁ କୋଚି ନିକଟସ୍ଥ ମୁନମ୍ବମ୍ ଅଞ୍ଚଳର ୪୦୪ ଏକର ଜମିକୁ କେନ୍ଦ୍ର ସରକାରଙ୍କ 'ଉମିଦ୍' ପୋର୍ଟାଲରେ ପଞ୍ଜୀକୃତ କରାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ନିଷ୍ପତ୍ତି ଯୋଗୁଁ ବିଗତ କେତେକ ପିଢ଼ି ଧରି ସେଠାରେ ବସବାସ କରୁଥିବା ପ୍ରାୟ ୭୦୦ ହିନ୍ଦୁ ଏବଂ ଖ୍ରୀଷ୍ଟିଆନ ପରିବାର ନିଜ ଭିଟାମାଟି ହରାଇବା ଆଶଙ୍କାରେ ଆତଙ୍କିତ ହୋଇପଡ଼ିଛନ୍ତି। ନିଜକୁ ବେଆଇନ ବାସିନ୍ଦା ବୋଲି ଘୋଷଣା କରାଯିବା ଭୟରେ ଶତାଧିକ ଲୋକେ ରାସ୍ତାକୁ ଓହ୍ଲାଇ ମାନବ ଶୃଙ୍ଖଳ ଗଠନ କରିବା ସହ ଜୋରଦାର ବିରୋଧ ପ୍ରଦର୍ଶନ କରୁଛନ୍ତି। ୱାକଫ୍ ବୋର୍ଡର କହିବା ଅନୁଯାୟୀ, ୧୯୫୦ ମସିହାରେ ଏହି ଜମି ଏକ କଲେଜକୁ ଦାନ ଆକାରରେ ଦିଆଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ କଲେଜ କର୍ତ୍ତୃପକ୍ଷ ସାଧାରଣ ଲୋକଙ୍କୁ ବିକ୍ରି କରିଦେଇଥିଲେ। ବୋର୍ଡ ଅଧ୍ୟକ୍ଷ କେ. ଏସ୍. ହାମଜା ଏହାକୁ ନିଜର ସମ୍ପତ୍ତି ବୋଲି ଦାବି କରିଛନ୍ତି। ଅନ୍ୟପଟେ, ବାସିନ୍ଦାମାନେ କହିଛନ୍ତି ଯେ ସେମାନେ ଆଇନଗତ ଭାବେ ଜମି କିଣିବା ସହ ବର୍ଷ ବର୍ଷ ଧରି ସରକାରୀ ଟିକସ ଦେଇ ଆସୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ରାଜ୍ୟରେ ତୀବ୍ର ରାଜନୀତି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଭି. ଡି. ସତୀଶନ ପୂର୍ବରୁ ଏହି ସମସ୍ୟାର ସମାଧାନ ମାତ୍ର ୧୦ ମିନିଟ୍‌ରେ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଏବେ ବିଜେପି ଏହାକୁ ଭୂମି ଜବରଦଖଲ ରାଜନୀତି ବୋଲି ଅଭିହିତ କରି ସରକାରଙ୍କ ଉପରେ ବର୍ଷିଛି।

## ଶେଷ ନିଶ୍ୱାସ ତ୍ୟାଗ କଲେ ବିଶିଷ୍ଟ ଉର୍ଦ୍ଦୁ କବି ବଶିର ବଦ୍ର



ଭୋପାଳ, ୨୮ ।୫(ଏଜେନ୍ସି): ବିଶିଷ୍ଟ ଉର୍ଦ୍ଦୁ କବି ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବଶିର ବଦ୍ରଙ୍କର ଆଜି ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ସ୍ମୃତିଭ୍ରଂଶ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ଦେଶର ସାହିତ୍ୟ ଏବଂ ସାଂସ୍କୃତିକ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ସେ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲେ ଏବଂ ଭୋପାଳଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପୁତ୍ର ନୁସରତ ବଦ୍ର ଏହି ଦୁଃଖଦ ଖବର ନିଶ୍ଚିତ କରିଛନ୍ତି। ବଶିର ବଦ୍ର ମାତ୍ର ସାତ ବର୍ଷ ବୟସରୁ କବିତା ଲେଖିବା ଆରମ୍ଭ କରିଥିଲେ ଏବଂ ନିଜର ସରଳ ତଥା ଭାବପୂର୍ଣ୍ଣ ଶୈଳୀ ପାଇଁ ସାରା ବିଶ୍ୱରେ ଆଦୃତ ହୋଇଥିଲେ। ଶିକ୍ଷାଗତ ଯୋଗ୍ୟତା ଭାବେ ସେ ଅଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରୁ ସ୍ନାତକ, ସ୍ନାତକୋତ୍ତର ଏବଂ ସନ୍ଦର୍ଭ ହାସଲ କରିବା ପରେ ଅଧ୍ୟାପନାକୁ ବୃତ୍ତି ଭାବେ ଆପଣାଇଥିଲେ। ସେ ଅନେକ ପ୍ରସିଦ୍ଧ ପୁସ୍ତକ ଓ କବିତା ସଂକଳନ ରଚନା କରିଛନ୍ତି, ଯାହା ବିଭିନ୍ନ ଭାଷାରେ ଅନୁବାଦିତ ମଧ୍ୟ ହୋଇଛି। ତାଙ୍କର ଏହି ମହାପ୍ରୟାଣରେ ଅନେକ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ସାହିତ୍ୟ ଜଗତରେ ଜଣେ ସର୍ବଜନପ୍ରିୟ ବ୍ୟକ୍ତିତ୍ୱ ଭାବେ ତାଙ୍କର କୃତି ଏବଂ ସ୍ମୃତି ସଦାସର୍ବଦା ଅମର ହୋଇ ରହିବ।

## ମହାରାଷ୍ଟ୍ରର ଦୁଷ୍କର୍ମ ପୀଡ଼ିତାଙ୍କ ସଂଘର୍ଷ | ମାମଲା ଦାୟର ପାଇଁ ୮ ଘଣ୍ଟା ଓ ଡାକ୍ତରଙ୍କ ପାଇଁ ୧୦ ଘଣ୍ଟା ଅପେକ୍ଷା

ବିଡ୍, ୨୮ ।୫(ଏଜେନ୍ସି): ମହାରାଷ୍ଟ୍ରର ବିଡ୍ ଜିଲ୍ଲାରେ ଜଣେ ନାବାଳିକା ଦୁଷ୍କର୍ମର ଶିକାର ହେବା ପରେ ନ୍ୟାୟ ପାଇଁ ପ୍ରଶାସନିକ ସ୍ତରରେ ଚରମ ଅବହେଳାର ସମ୍ମୁଖୀନ ହୋଇଛନ୍ତି। ପୀଡ଼ିତାଙ୍କୁ ମାମଲା ଦାୟର କରିବା ପାଇଁ ପୋଲିସ ଥାନାରେ ୮ ଘଣ୍ଟା ଏବଂ ଡାକ୍ତରୀ ମାଇନା ପାଇଁ ମାତୃମଙ୍ଗଳ କେନ୍ଦ୍ରରେ ୧୦ ଘଣ୍ଟା କାଳ ଅପେକ୍ଷା କରିବାକୁ ପଡ଼ିଛି। ସରକାରୀ ବ୍ୟବସ୍ଥାର ଏଭଳି ସମ୍ବେଦନହୀନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ତାଙ୍କର ସମ୍ପର୍କୀୟ ଭାଇଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିଲେ। ଅଭିଯୁକ୍ତ ଜଣକ ପୀଡ଼ିତାଙ୍କ ହାତ ବାନ୍ଧି ମୁହଁରେ ରୁମାଲ ଗୁଞ୍ଜି ଏହି ବର୍ବର କାଣ୍ଡ ଘଟାଇଥିଲେ। ଘଟଣା ପରେ ପୀଡ଼ିତା ଏବଂ ତାଙ୍କ ପରିବାର ଲୋକେ ଅଭିଯୋଗ କରିବାକୁ ଥାନାକୁ ଯାଇଥିଲେ। ସେଠାରେ ସାରା ରାତି ଅପେକ୍ଷା କରିବା ପରେ ଭୋର ୫ଟା ସମୟରେ ପୋଲିସ ପ୍ରାଥମିକ ସୂଚନା ବିବରଣୀ ବା ମାମଲା ଦାୟର କରିଥିଲା। ଏହା ପରେ ଡାକ୍ତରୀ ପରୀକ୍ଷା ପାଇଁ ପରିବାର ଲୋକେ ସକାଳ ୧୧ଟାରେ ଉପ-ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚିଥିଲେ ମଧ୍ୟ ସେଠାରେ ମହିଳା ସ୍ତ୍ରୀ ରୋଗ ବିଶେଷଜ୍ଞ ଉପସ୍ଥିତ ନଥିଲେ। ରାତି ୯ଟା ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ିବା ସତ୍ତ୍ୱେ ଡାକ୍ତର ନମିଳିବା ପରିବାର ଲୋକଙ୍କୁ ମାନସିକ ଭାବେ ନିର୍ଯାତିତ କରିଥିଲା। ସ୍ୱାସ୍ଥ୍ୟ ବିଭାଗର ଉଦାସୀନ ମନୋଭାବ ଯୋଗୁଁ ପୀଡ଼ିତାଙ୍କ ପରିବାର ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖାଦେଇଛି। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ପୋଲିସର ଶିଥିଳତା ଏବଂ ଚିକିତ୍ସାଳୟର ସେବା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପରମାଣୁ ନିରସ୍ତ୍ରୀକରଣ ପ୍ରସ୍ତାବକୁ ଉତ୍ତରକୋରିଆର ପ୍ରତ୍ୟାଖ୍ୟାନ



ନୂଆଦିଲ୍ଲୀ, ୨୮ ।୫(ଏଜେନ୍ସି): ଉତ୍ତର କୋରିଆକୁ ସମ୍ପୂର୍ଣ୍ଣ ଭାବେ ପରମାଣୁମୁକ୍ତ କରିବା ପାଇଁ 'କ୍ୱାଡ୍' ସଂଗଠନ ପକ୍ଷରୁ ଦିଆଯାଇଥିବା ଆହ୍ୱାନକୁ ଉତ୍ତର କୋରିଆ ଗୁରୁବାର ଦୃଢ଼ତାର ସହ ପ୍ରତ୍ୟାଖ୍ୟାନ କରିଛି। ନିଜର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମକୁ ସେ କେବେହେଲେ ବନ୍ଦ କରିବ ନାହିଁ ବୋଲି ସ୍ପଷ୍ଟ ଭାବେ ଜଣାଇଦେଇଛି। ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆକୁ ନେଇ ଗଠିତ 'କ୍ୱାଡ୍' ସଂଗଠନର ବୈଦେଶିକ ମନ୍ତ୍ରୀମାନେ ନୂଆଦିଲ୍ଲୀଠାରେ ଏକ ବୈଠକ କରି ଉତ୍ତର କୋରିଆର ପରମାଣୁ ନିଶସ୍ତ୍ରୀକରଣ ଏବଂ ବେଆଇନ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ଚିନ୍ତା ପ୍ରକାଶ କରିଥିଲେ। ଏହାର ଜବାବରେ ଉତ୍ତର କୋରିଆର ବୈଦେଶିକ ମନ୍ତ୍ରାଳୟ କହିଛି ଯେ, ଏହି ସଂଗଠନ ଆମେରିକାର ଏକଛତ୍ରବାଦୀ ପ୍ରଭାବ ବିସ୍ତାର କରିବା ପାଇଁ ଏକ ରାଜନୈତିକ ମାଧ୍ୟମ ସାଜିଛି ଏବଂ ଏହା ତାଙ୍କ ଦେଶର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କରୁଛି। ଉତ୍ତର କୋରିଆ ଏହି ଆହ୍ୱାନକୁ ସମ୍ପୂର୍ଣ୍ଣ ବିରୋଧ କରିବା ସହ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ନଷ୍ଟ ନକରିବାକୁ କ୍ୱାଡ୍ ସଂଗଠନକୁ ଚେତାବନୀ ଦେଇଛି। ଅପରପକ୍ଷରେ, ଦକ୍ଷିଣ କୋରିଆର କହିବା ଅନୁଯାୟୀ, ବିଗତ ବର୍ଷଗୁଡ଼ିକ ତୁଳନାରେ ଏଥର ଉତ୍ତର କୋରିଆର ପ୍ରତିକ୍ରିୟା କିଛି ମାତ୍ରାରେ କୋମଳ ରହିଛି।

## ଏଆଇ'ର ଅପବ୍ୟବହାର; ସୋସିଆଲ ମିଡିଆ ସାହାଯ୍ୟରେ ମହିଳାଙ୍କୁ ନିର୍ଯାତନା




ଅହମ୍ମଦାବାଦ, ୨୮ ।୫(ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ଅପବ୍ୟବହାର କରି ଜଣେ ମହିଳା ଓ ତାଙ୍କ ମା'ଙ୍କର ଅଶ୍ଳୀଳ ଫଟୋ ପ୍ରସ୍ତୁତ କରିବା ଏବଂ ତାହାକୁ ସୋସିଆଲ ମିଡିଆରେ ଭାଇରାଲ୍ କରିବା ଅଭିଯୋଗରେ ଜଣେ ୨୭ ବର୍ଷୀୟ ପୁରୋହିତଙ୍କୁ ଗିରଫ କରାଯାଇଛି। ଗିରଫ ପୂଜାରୀ ଜଣକ ହେଉଛନ୍ତି ଦିଲ୍ଲୀର ସୁମିତ ନେମଚାନ୍ଦ ଶର୍ମା, ଯିଏ କି ଅନ୍‌ଲାଇନରେ ଆଧ୍ୟାତ୍ମିକ ଭିଡିଓ ପ୍ରସ୍ତୁତ କରନ୍ତି। ଗୁଜରାଟର ଅହମ୍ମଦାବାଦ ସହରର ସାଇବର କ୍ରାଇମ ଶାଖା ଦିଲ୍ଲୀରୁ ତାଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ମହିଳା ଜଣକ ସୁମିତଙ୍କ ସହ ସୋସିଆଲ ମିଡିଆ ମାଧ୍ୟମରେ ଯୋଗାଯୋଗରେ ଆସିଥିଲେ। ସୁମିତ ତାଙ୍କୁ ବନ୍ଧୁତା ପାଇଁ ଅନୁରୋଧ କରିଥିଲେ ମଧ୍ୟ ମହିଳା ଜଣକ ତାହା ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏଥିରେ ପ୍ରତିଶୋଧପରାୟଣ ହୋଇ ସୁମିତ ମହିଳା ଓ ତାଙ୍କ ମା'ଙ୍କର ଫଟୋକୁ ଇନଷ୍ଟାଗ୍ରାମରୁ ଡାଉନଲୋଡ୍ କରିଥିଲେ ଏବଂ ଏଆଇ ଟୁଲ୍ସ ବ୍ୟବହାର କରି ଶତାଧିକ ଆପତ୍ତିଜନକ ଓ ବିବସ୍ତ୍ର ଫଟୋ ଏବଂ ଭିଡିଓ ପ୍ରସ୍ତୁତ କରିଥିଲେ। ଏହାପରେ ସେ ମହିଳାଙ୍କ ନାମରେ ପ୍ରାୟ ୮ରୁ ୧୦ଟି ନକଲି ଫେସବୁକ, ଇନଷ୍ଟାଗ୍ରାମ ଏବଂ ୟୁଟ୍ୟୁବ୍ ଆକାଉଣ୍ଟ ଖୋଲି ସେହିସବୁ ଅଶ୍ଳୀଳ ସାମଗ୍ରୀ ପୋଷ୍ଟ କରିବା ସହ ପରିବାରର ସମ୍ମାନ ହାନି କରିବାକୁ ଚେଷ୍ଟା କରିଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଡିଜିଟାଲ୍ ଟ୍ରାକିଂ ସାହାଯ୍ୟରେ ଅଭିଯୋଗକାରୀଙ୍କୁ ଉତ୍ତର-ପୂର୍ବ ଦିଲ୍ଲୀରୁ ଗିରଫ କରିଛି। ମହିଳାମାନଙ୍କୁ ଅନଲାଇନ ସୁରକ୍ଷା ପ୍ରଦାନ କରିବା ପାଇଁ ଆରମ୍ଭ ହୋଇଥିବା 'ମିଶନ ସାଇବର ରକ୍ଷିକା' ଅଭିଯାନ ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ପଶ୍ଚିମବଙ୍ଗ ନିର୍ବାଚନରେ ପରାଜୟ ପରେ ଟିଏମ୍‌ସିରେ ବିଦ୍ରୋହ




କୋଲକତା, ୨୮ ।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ନିକଟରୁ ଶୋଚନୀୟ ଭାବେ ପରାଜିତ ହେବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ଏକ ବଡ଼ ଧରଣର ଆଭ୍ୟନ୍ତରୀଣ ବିଦ୍ରୋହ ମୁଣ୍ଡ ଟେକିଛି। ଦୀର୍ଘ ୧୫ ବର୍ଷ ଧରି ରାଜ୍ୟ ଶାସନ ଗାଦିରେ ରହି ଅପରାଜେୟର ଭ୍ରମ ସୃଷ୍ଟି କରିଥିବା ଏହି ଦଳର ସଂଗଠନ ଏବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦଳର ବହୁ ବରିଷ୍ଠ ନେତା ଏବେ ମମତା ବାନାର୍ଜୀଙ୍କ ରଣନୀତି, କାର୍ଯ୍ୟଶୈଳୀ ଏବଂ ଦଳର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି। ଦଳ ମଧ୍ୟରେ ଥିବା ଏହି ଅସନ୍ତୋଷ ସେତେବେଳେ ସ୍ପଷ୍ଟ ହୋଇଥିଲା, ଯେତେବେଳେ ଦଳର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ନେତ୍ରୀ କାକୋଲି ଘୋଷ ଦସ୍ତିଦାର ନିଜ ପଦବୀରୁ ଇସ୍ତଫା ପତ୍ର ପଠାଇଥିଲେ। ସେ ନିଜ ଇସ୍ତଫା ପତ୍ରରେ ମମତା ବାନାର୍ଜୀଙ୍କୁ ପୁରୁଣା ଶୈଳୀରେ ଦଳ ଚଳାଇବାକୁ ପରାମର୍ଶ ଦେବା ସହ ଦଳ ମଧ୍ୟରେ ବଢ଼ୁଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ବିଦ୍ରୋହୀ ନେତାମାନେ ଦଳର ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା 'ଆଇ-ପ୍ୟାକ୍' ଉପରେ ସିଧାସଳଖ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ସଂସ୍ଥା ଦଳର ଆଦର୍ଶକୁ ନଷ୍ଟ କରିଦେଇଛି ଏବଂ ପଞ୍ଚାୟତ ଠାରୁ ଆରମ୍ଭ କରି ବିଧାନସଭା ପ୍ରାର୍ଥୀ ପତ୍ର ପର୍ଯ୍ୟନ୍ତ ସମସ୍ତ ପଦବୀ ପାଇଁ ଟଙ୍କା ଦାବି କରାଯାଉଥିଲା। ଦଳ ନିଜର ମୂଳ ଆଦର୍ଶ 'ମା, ମାଟି, ମାନୁଷ'ଠାରୁ ଦୂରେଇ ଯାଇଥିବା ଏବଂ ଶୀର୍ଷ ନେତୃତ୍ୱ ସାଧାରଣ କର୍ମୀଙ୍କ ପାଇଁ ଅପହଞ୍ଚ ହୋଇଯାଇଥିବା ନେଇ ଅନେକ ନେତା ଗୋପନୀୟ ଭାବେ ପ୍ରକାଶ କରିଛନ୍ତି।

ନିର୍ବାଚନ ପରେ କେତେକ ତୃଣମୂଳ କଂଗ୍ରେସ ବିଧାୟକ ଏବଂ କାଉନସିଲର ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ବୈଠକ କରୁଥିବାର ଦେଖିବାକୁ ମିଳିଛି, ଯାହା ଦଳ ବଦଳର ଆଶଙ୍କାକୁ ଅଧିକ ଦୃଢ଼ କରିଛି। ଅନ୍ୟପଟେ, ଦଳ ବିରୋଧୀ ମନ୍ତବ୍ୟ ରୋକିବା ପାଇଁ ତୃଣମୂଳ କଂଗ୍ରେସ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇ ମୁଖପାତ୍ର ରିଜୁ ଦତ୍ତଙ୍କୁ ୬ ବର୍ଷ ପାଇଁ ନିଲମ୍ବିତ କରାଯାଇଛି। ଏହାସହ ଦଳର ଅନେକ ପୂର୍ବତନ ମନ୍ତ୍ରୀ ଏବେ ସର୍ବସାଧାରଣ ସ୍ଥାନରୁ ନିଜକୁ ଦୂରେଇ ରଖିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ପ୍ରାୟ ୨୦ ଦିନ ବିତିଯାଇଥିଲେ ମଧ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ପରାଜୟକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ସେ ସାମାଜିକ ଗଣମାଧ୍ୟମରେ ଆସି ନିର୍ବାଚନରେ ଜାଲିଆତି ହୋଇଥିବା ଅଭିଯୋଗ କରିଛନ୍ତି। ଗତ ଚାରି ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ମମତା ବାନାର୍ଜୀ କୌଣସି ଗୃହର ସଦସ୍ୟ ନାହାନ୍ତି। କୋର୍ଟ ପରିସରରେ ମଧ୍ୟ ତାଙ୍କ ବିରୋଧରେ ସ୍ଲୋଗାନ ଦିଆଯାଉଥିବା ଦେଖାଯାଇଛି, ଯାହା ଦଳର ବର୍ତ୍ତମାନର ସଙ୍କଟଜନକ ସ୍ଥିତିକୁ ଦର୍ଶାଉଛି।

## ଶବ ବ୍ୟବଚ୍ଛେଦ ଗୃହରେ ମଣିଷର ଅନ୍ତବୁଜୁଳା ଖାଉଛି କୁକୁର

ସହରସା, ୨୮ ।୫(ଏଜେନ୍ସି): ବିହାରର ସହରସା ଜିଲ୍ଲା ସଦର ହସ୍ପିଟାଲର ଶବ ବ୍ୟବଚ୍ଛେଦ ଗୃହରୁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ତଥା ସ୍ତବ୍ଧ କଲା ଭଳି ଭିଡିଓ ସାମ୍ନାକୁ ଆସିଛି। ସେଠାରେ ଏକ ବୁଲା କୁକୁର ପୋଲିସ ତଦନ୍ତ ପାଇଁ ସଂରକ୍ଷିତ ରଖାଯାଇଥିବା ମଣିଷର ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ବା ଅନ୍ତବୁଜୁଳା ଖାଉଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ସରକାରୀ ଚିକିତ୍ସାଳୟର ସୁରକ୍ଷା ଏବଂ ଦାୟିତ୍ୱବୋଧ ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସନ୍ଦେହଜନକ ମୃତ୍ୟୁ ମାମଲାର ପ୍ରକୃତ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ ସମୟରେ ଏହି ଭିସେରା ନମୁନା ସଂରକ୍ଷିତ ରଖାଯାଇ ଫୋରେନ୍ସିକ୍ ଲାବୋରେଟୋରୀକୁ ପଠାଯାଇଥାଏ। ମାତ୍ର ଚିକିତ୍ସାଳୟର ଅବହେଳା ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସବୁ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରାଜ ନାରାୟଣ ପ୍ରସାଦ କହିଛନ୍ତି ଯେ, ଏହି ନମୁନାଗୁଡ଼ିକ ଅନେକ ବର୍ଷର ପୁରୁଣା। ଏଥିସହ ସେ ନିଜ ଦୋଷ ଲୁଚାଇବାକୁ ଯାଇ କୁକୁରଟି କେବଳ ଏକ ଚକୋଲେଟ୍ ଡବା ଖାଉଥିଲା ବୋଲି ଅଜବ ସଫେଇ ଦେଇଛନ୍ତି। ତେବେ ଘଟଣା ପରେ ସେହି ଗୃହରେ ତାଲା ପକାଯିବା ସହ ଦାୟିତ୍ୱରେ ଥିବା କର୍ମଚାରୀ ଯୋଗେଶ ମହତୋଙ୍କୁ କାର୍ଯ୍ୟରୁ ହଟାଇ ଦିଆଯାଇଛି।

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-330 ◆FRIDAY ◆29 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୩୦ ◆ଶୁକ୍ରବାର ◆୨୯ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ଚନ୍ଦ୍ରଯାନ-୨ର ତଥ୍ୟ ପ୍ରଘଟ କଲା ଇସ୍ରୋ**

## ଚନ୍ଦ୍ରପୃଷ୍ଠ ତଳେ ବରଫର ସନ୍ଧାନ




■ ନୂଆଦିଲ୍ଲୀ,୨୮ ।୫(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଚନ୍ଦ୍ରଯାନ-୨ ଅର୍ବିଟର ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ମାଟି ତଳେ ବରଫ ଥିବା ନେଇ ଏକ ନୂତନ ବୈଜ୍ଞାନିକ ପ୍ରମାଣ ପ୍ରଦାନ କରିଛି। ଅହମ୍ମଦାବାଦର ଭୌତିକ ଅନୁସନ୍ଧାନ ପ୍ରୟୋଗଶାଳା (ପିଆରଏଲ)ର ବୈଜ୍ଞାନିକମାନେ ଚନ୍ଦ୍ରଯାନ-୨ରେ ଥିବା ଏକ ସ୍ୱତନ୍ତ୍ର ରାଡାର୍ ତଥ୍ୟକୁ ଅନୁଧ୍ୟାନ କରି ଏହି ସୂଚନା ଦେଇଛନ୍ତି। ଇସ୍ରୋ ଅନୁଯାୟୀ, ଦକ୍ଷିଣ ମେରୁରେ ଥିବା କେତେକ ଗଭୀର ଗହ୍ୱର (କ୍ରେଟର)କୁ ସୂର୍ଯ୍ୟକିରଣ କେବେହେଲେ ସ୍ପର୍ଶ କରି ନ ଥାଏ। ଏହି ଅଞ୍ଚଳଗୁଡ଼ିକର ତାପମାତ୍ରା ପ୍ରାୟ ବିୟୁକ୍ତ ୨୪୮ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇଥାଏ, ଯାହାକି କୋଟି କୋଟି ବର୍ଷ ଧରି ବରଫକୁ ସୁରକ୍ଷିତ ରଖିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ। ବୈଜ୍ଞାନିକମାନେ ଉନ୍ନତ ରାଡାର୍ ପ୍ରଣାଳୀ ସାହାଯ୍ୟରେ ଏଭଳି ଚାରୋଟି ଗହ୍ୱର ଚିହ୍ନଟ କରିଛନ୍ତି, ଯେଉଁଠାରେ ମାଟି ତଳେ ବରଫର ସ୍ଥିତି ଥିବା ଜଣାପଡ଼ିଛି। ବିଶେଷ କରି 'ଫାଉଷ୍ଟିନି' ନାମକ ଏକ ବଡ଼ ଗହ୍ୱର ମଧ୍ୟରେ ଥିବା ୧.୧ କିଲୋମିଟର ଚଉଡ଼ାର ଅନ୍ୟ ଏକ ଗହ୍ୱରରେ ବରଫ ଥିବାର ସବୁଠାରୁ ଶକ୍ତ ପ୍ରମାଣ ମିଳିଛି। ଏହି ଗବେଷଣା ଚନ୍ଦ୍ରପୃଷ୍ଠର ବାସ୍ତବିକ ବରଫ ଏବଂ ପଥର ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ ଭାବେ ଦର୍ଶାଉଛି। ଚନ୍ଦ୍ରରେ ଜଳ ଏବଂ ବରଫର ସନ୍ଧାନ ଭବିଷ୍ୟତର ମହାକାଶ ଅଭିଯାନଗୁଡ଼ିକ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଏହା ଦ୍ୱାରା ମହାକାଶଚାରୀମାନଙ୍କ ପାଇଁ ପାନୀୟ ଜଳ, ଅମ୍ଳଜାନ ଏବଂ ରକେଟ୍ ଇନ୍ଧନ ପ୍ରସ୍ତୁତ କରାଯାଇପାରିବ। ସୂଚନାଯୋଗ୍ୟ ଯେ, ୨୦୧୯ ମସିହାରେ ଚନ୍ଦ୍ରଯାନ-୨ ପ୍ରେରଣ କରାଯାଇଥିଲା ଏବଂ ଏହାର ଅର୍ବିଟର ଏବେ ମଧ୍ୟ ଚନ୍ଦ୍ର କକ୍ଷପଥରେ ସକ୍ରିୟ ରହି ବହୁମୂଲ୍ୟ ତଥ୍ୟ ପଠାଉଛି।

**ଦ୍ୱିଷା ଶର୍ମା ମୃତ୍ୟୁ ମାମଲା**

## ପୂର୍ବତନ ବିଚାରପତି ଶାଶୂଙ୍କୁ ବାନ୍ଧିଲା ସିବିଆଇ

■ ଭୋପାଳ,୨୮ ।୫(ଏଜେନ୍ସି): ଦ୍ୱିଷା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଗୁରୁବାର ଦିନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତାଙ୍କ ଶାଶୂ ତଥା ପୂର୍ବତନ ବିଚାରପତି ଗିରିବାଳା ସିଂହଙ୍କୁ ଭୋପାଳରୁ ଗିରଫ କରିଛି। ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ ଗିରିବାଳାଙ୍କ ଅଗ୍ରୀମ ଜାମିନ ଆବେଦନକୁ ଖାରଜ କରିବାର ମାତ୍ର ଗୋଟିଏ ଦିନ ପରେ ସିବିଆଇ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ମେ ୧୨ ତାରିଖରେ ଦ୍ୱିଷାଙ୍କ ମୃତଦେହ ତାଙ୍କ ଶଶୁର ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ କୋର୍ଟ କହିଛନ୍ତି ଯେ, ମୃତ୍ୟୁ ପୂର୍ବରୁ ଦ୍ୱିଷାଙ୍କ ଶରୀରରେ ୭ଟି ଆଘାତ ଚିହ୍ନ ଥିଲା ଏବଂ ହ୍ୱାଟ୍ସଆପ୍ ବାର୍ତ୍ତାଳାପରୁ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ସ୍ପଷ୍ଟ ଜଣାପଡୁଛି। ଅବସରପ୍ରାପ୍ତ ବିଚାରପତି ଗିରିବାଳା ସିଂହ ସାଇବର ଅପରାଧ ଏବଂ ଅପରାଧ ସ୍ଥଳ ପରିଚାଳନା କ୍ଷେତ୍ରରେ ଅଭିଜ୍ଞ ଥିବାରୁ ସେ ନିଜ ଜ୍ଞାନର ଅପବ୍ୟବହାର କରି ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଏହି ମାମଲାରେ ଯୌତୁକ ନିର୍ଯାତନା ଅଭିଯୋଗରେ ଦ୍ୱିଷାଙ୍କ ସ୍ୱାମୀ ସମର୍ଥ ସିଂହ ପୂର୍ବରୁ ହିଁ ଆତ୍ମସମର୍ପଣ କରିଛନ୍ତି। ସିବିଆଇ ଗତ ସୋମବାର ଏହି ସଂଗୀନ ମାମଲାର ତଦନ୍ତ ଭାର ଆନୁଷ୍ଠାନିକ ଭାବେ ଗ୍ରହଣ କରିବା ସହ ଏଫ୍ଆଇଆର୍ ରୁଜୁ କରି ଘଟଣାର ଅଧିକ ଖୋଳତାଡ଼ ଜାରି ରଖିଛି।



**ଝୋଟ କିଆରୀରୁ ମିଳିଲା ୨.୨୪ କୋଟି**

## ଟିଏମ୍‌ସି ନେତା ଗିରଫ

■ କୋଲକାତା, ୨୮ ।୫ (ଏଜେନ୍ସି): ପଶ୍ଚିମବଙ୍ଗର ବାଦୁରିଆ ଅଞ୍ଚଳରେ ପୁଲିସ ଏକ ବଡ଼ଧରଣର ଚଢ଼ଉ କରି ତୃଣମୂଳ କଂଗ୍ରେସ ନେତା ତଥା ପୌରପାଳିକା ଅଧ୍ୟକ୍ଷ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କୁ ଗିରଫ କରିବା ସହ ତାଙ୍କ ବାସଭବନ ପଛପଟେ ଥିବା ଏକ ଝୋଟ କିଆରୀରୁ ମାଟି ତଳେ ପୋତାଯାଇଥିବା ୨.୨୪ କୋଟିରୁ ଅଧିକ ନଗଦ ଟଙ୍କା ଓ ସୁନା ଜବତ କରିଛି। ଏହି ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ପୋଲିସ ପ୍ରଥମେ ଦଳୀୟ କାର୍ଯ୍ୟାଳୟ ଓ ଦୀପଙ୍କରଙ୍କ ଫାର୍ମହାଉସରେ ଚଢ଼ାଉ କରି ସରକାରୀ ରିଲିଫ ସାମଗ୍ରୀ ସହ ପ୍ରାୟ ୮୦ ଲକ୍ଷ ଟଙ୍କା ଜବତ କରିଥିଲା। ଘଟଣା ପରେ ଦୀପଙ୍କର ଫେରାର ହୋଇଯାଇଥିଲେ ମଧ୍ୟ ଗତ ମଙ୍ଗଳବାର ଦିନ ତାଙ୍କୁ ଏକ ହୋଟେଲରୁ ଗିରଫ କରାଯାଇଥିଲା। ପୋଲିସ ହେପାଜତରେ ଜେରା ବେଳେ ସେ ମାଟି ତଳେ ଟଙ୍କା ଲୁଚାଇଥିବା କଥା ସ୍ୱୀକାର କରିଥିଲେ। ଏହା ପରେ ସନ୍ଧାନୀ କୁକୁର ଏବଂ ଡ୍ରୋନ୍ ସାହାଯ୍ୟରେ ଖୋଦେଇ କରାଯାଇ ବ୍ୟାଗ୍ ଓ ବସ୍ତାରେ ଭର୍ତ୍ତି ହୋଇଥିବା ବିପୁଳ ପରିମାଣର ୫୦୦ ଟଙ୍କିଆ ନୋଟ୍ ଜବତ କରାଯାଇଥିଲା। ଟଙ୍କା ଗଣିବା ପାଇଁ ମେସିନର ସାହାଯ୍ୟ ନିଆଯାଇଛି ଏବଂ ଏହି ସଂଖ୍ୟା ୩ କୋଟି ଛୁଇଁପାରେ ବୋଲି ଅନୁମାନ କରାଯାଉଛି।

**କର୍ଣ୍ଣାଟକ ରାଜନୀତିରେ ବଡ଼ ଓଲଟପାଲଟ**

# ସିଦ୍ଧରମୈୟାଙ୍କ ଇସ୍ତଫା; ଶିବକୁମାର ହେବେ ମୁଖ୍ୟମନ୍ତ୍ରୀ

■ ବେଙ୍ଗାଲୁରୁ, ୨୮ ।୫ (ଏଜେନ୍ସି): କର୍ଣ୍ଣାଟକ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ପଦରୁ ସିଦ୍ଧରମୈୟା ଗୁରୁବାର ଇସ୍ତଫା ଦେଇଛନ୍ତି ଏବଂ ତାଙ୍କ ସ୍ଥାନରେ ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହି ନିଷ୍ପତ୍ତି ପରେ ସିଦ୍ଧରମୈୟା ସ୍ପଷ୍ଟ କରିଛନ୍ତି ଯେ ସେ ଜାତୀୟ ରାଜନୀତିରେ ପ୍ରବେଶ କରିବାକୁ ଆଦୌ ଆଗ୍ରହୀ ନାହାନ୍ତି ଏବଂ କେବଳ କର୍ଣ୍ଣାଟକ ରାଜନୀତିରେ ହିଁ ସକ୍ରିୟ ରହିବେ। ଆଜି ସକାଳେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସିଦ୍ଧରମୈୟା କହିଥିଲେ, "କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ଡି.କେ. ଶିବକୁମାରଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ମୁଁ ଏଥିରେ ସହମତି ପ୍ରକାଶ କରିଛି।' ତେବେ କେନ୍ଦ୍ରୀୟ ନେତୃତ୍ୱଙ୍କ ପକ୍ଷରୁ ତାଙ୍କୁ ରାଜ୍ୟସଭା ସଦସ୍ୟ ହେବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ୮୦ ବର୍ଷୀୟ ସିଦ୍ଧରମୈୟା ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ସେ ଜଣେ ବିଧାୟକ ଭାବେ ରାଜ୍ୟରେ ରହି ଜନସେବା କରିବେ। ଗତ ବର୍ଷେ ଧରି ଡି.କେ. ଶିବକୁମାରଙ୍କ ଗୋଷ୍ଠୀ ପକ୍ଷରୁ ନେତୃତ୍ୱ ପରିବର୍ତ୍ତନ ପାଇଁ ଚେଷ୍ଟା କରାଯାଉଥିଲେ ମଧ୍ୟ ସିଦ୍ଧରମୈୟା ନିଜ ପଦ ଜାବୁଡ଼ି ଧରିଥିଲେ। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ନିର୍ବାଚନକୁ ଦୃଷ୍ଟିରେ ରଖି ହାଇକମାଣ୍ଡ ଏଥିରେ ହସ୍ତକ୍ଷେପ କରୁନଥିଲେ। ମାତ୍ର ସାମ୍ପ୍ରତିକ ନିର୍ବାଚନ ସଫଳତା ପରେ ଏବଂ ସିଦ୍ଧରମୈୟାଙ୍କ ବୟସ ତଥା ପ୍ରଶାସନିକ ସ୍ଥିତିକୁ ବିଚାର କରି କଂଗ୍ରେସ ନେତୃତ୍ୱ ଏହି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ମଙ୍ଗଳବାର ଦିନ ରାହୁଲ ଗାନ୍ଧୀଙ୍କ ସହ ହୋଇଥିବା ପ୍ରାୟ ୩୫ ମିନିଟର ଆଲୋଚନା ପରେ ସିଦ୍ଧରମୈୟାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ସ୍ପଷ୍ଟ ସଙ୍କେତ ମିଳିଥିଲା।



ସିଦ୍ଧରମୈୟାଙ୍କ ପାଦ ଛୁଇଁ ପ୍ରଣାମ କରୁଛନ୍ତି ଡିକେ ଶିବକୁମାର

୨୦୨୮ ରାଜ୍ୟ ବିଧାନସଭା ଏବଂ ୨୦୨୯ ସାଧାରଣ ନିର୍ବାଚନକୁ ଆଖିରେ ରଖି ଦଳ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ପଦ ପାଇବା ପରେ ମଧ୍ୟ ଡି.କେ. ଶିବକୁମାରଙ୍କ ପାଇଁ ଆଗାମୀ ପଥ ସହଜ ହେବ ନାହିଁ। ସିଦ୍ଧରମୈୟାଙ୍କ ସମର୍ଥକମାନେ ଏବେ ସରକାରରେ ଏକାଧିକ ଉପ-ମୁଖ୍ୟମନ୍ତ୍ରୀ ପଦ ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାବି କରି ଶକ୍ତି ପ୍ରଦର୍ଶନ ଆରମ୍ଭ କଲେଣି, ଯାହାକୁ ଶିବକୁମାରଙ୍କ ଗୋଷ୍ଠୀ ବିରୋଧ କରୁଛନ୍ତି। ଏହି ସମସ୍ତ ରାଜନୈତିକ ବିବାଦ ଏବଂ ଦଳୀୟ ସମୀକରଣ ସମ୍ପର୍କରେ ଆଲୋଚନା କରିବା ପାଇଁ ସିଦ୍ଧରମୈୟା ଆଜି ସନ୍ଧ୍ୟାରେ ଦିଲ୍ଲୀ ଗସ୍ତ କରୁଛନ୍ତି। ସେଠାରେ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ବୈଠକ ପରେ କର୍ଣ୍ଣାଟକର ନୂତନ ମନ୍ତ୍ରୀମଣ୍ଡଳ ଗଠନ ଏବଂ କ୍ଷମତା ବଣ୍ଟନ ପ୍ରକ୍ରିୟା ଉପରୁ ସମ୍ପୂର୍ଣ୍ଣ ପରଦା ହଟିବ ବୋଲି ଆଶା କରାଯାଉଛି।

## କ୍ରିପ୍ଟୋକରେନ୍ସି ନିବେଶକଙ୍କୁ ପ୍ରତାରଣା ଦଣ୍ଡନୀୟ ଅପରାଧ: ହାଇକୋର୍ଟ

■ କଟକ, ୨୮ ।୫ (ସମିସ): କ୍ରିପ୍ଟୋ-କରେନ୍ସି ନାମରେ ହେଉଥିବା ଆର୍ଥିକ ଠକେଇ ମାମଲାକୁ ନେଇ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କ୍ରିପ୍ଟୋ-କରେନ୍ସି ଆଇନଗତ ଭାବେ ନିଷେଧ ହୋଇନଥିଲେ ମଧ୍ୟ ଏହାକୁ ଆଳ କରି ନିରୀହ ନିବେଶକଙ୍କୁ ପ୍ରତାରିତ କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ଆଧାରରେ ଜଣେ ନିବେଶକଙ୍କ ସହ ହୋଇଥିବା ଆର୍ଥିକ ପ୍ରତାରଣା ସମ୍ପର୍କିତ ଏକ ଅପରାଧିକ ମାମଲାକୁ ରଦ୍ଦ କରିବା ପାଇଁ ଦାୟର ହୋଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଉମେଶ କୁମାର ରମଣୀ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଡ. ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆର୍ଥିକ ଅପରାଧଗୁଡ଼ିକୁ ସାଧାରଣ ମାମଲା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଏହା କେବଳ ଜଣେ ବ୍ୟକ୍ତିକୁ ପ୍ରଭାବିତ କରେ ନାହିଁ, ବରଂ ଦେଶର ଆର୍ଥିକ ବ୍ୟବସ୍ଥା ଏବଂ ସାଧାରଣ ଜନତାଙ୍କ ବିଶ୍ୱାସକୁ ଦୋହଲାଇ ଦିଏ। ତେଣୁ, ଏଭଳି ସଂଗଠିତ ଆର୍ଥିକ ପ୍ରତାରଣା ମାମଲାରେ ପ୍ରାରମ୍ଭିକ ସ୍ତରରୁ ଅଦାଲତ ହସ୍ତକ୍ଷେପ କରି ମାମଲା ରଦ୍ଦ କରିବା ଅନୁଚିତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ରାଉରକେଲାର ଝିରପାଣି ଥାନାରେ ଦାୟର ଏକ ଏତଲା



ଅନୁଯାୟୀ, ଆବେଦନକାରୀ ଅଭିଯୁକ୍ତ 'ଏମଭିସି' (ମାଇ ଭିକ୍ଟୋରି କ୍ଲବ) ନାମକ ଏକ ଆକାଉଣ୍ଟ ଏବଂ 'ଡିଜି ମୁଦ୍ରା ପ୍ରାଇଭେଟ୍ ଲିମିଟେଡ୍' ନାମକ ଏକ ନକଲି ସଂସ୍ଥା ଗଠନ କରିଥିଲେ। ସେମାନେ ନିବେଶକମାନଙ୍କୁ ବିପୁଳ ପରିମାଣର ଲାଭ ଏବଂ ଏସ୍ଆଇଆଇଟିଓ ନାମକ ଏକ କ୍ରିପ୍ଟୋ-କଏନ୍ ▶ପୃଷ୍ଠା-୭

## ଯୌନରାକ୍ଷସଙ୍କ କବ୍‌ଜାରୁ ଖସିଆସିଲେ ନାବାଳିକା

■ କାମାକ୍ଷାନଗର,୨୮ ।୫(ସମିସ): ମା'ର ଚିକିତ୍ସା ନିମନ୍ତେ ଅର୍ଥ ରୋଜଗାର କରିବାକୁ ଜଣେ ପରିଚିତ ବ୍ୟକ୍ତିଙ୍କ ପରାମର୍ଶରେ ଭୁବନେଶ୍ୱର ଆସିଥିଲେ ନାବାଳିକା। କିଛି ଅର୍ଥ ରୋଜଗାର କରି ମା'କୁ ଭଲ କରିବା ପାଇଁ ମନରେ ଥିଲା ବିଶ୍ୱାସ। ସେଥିପାଇଁ ପରିଚିତ ବ୍ୟକ୍ତିଙ୍କ ସହଯୋଗରେ ପହଞ୍ଚିଲେ ଭୁବନେଶ୍ୱରରେ। କିନ୍ତୁ ସେଠାରେ ପହଞ୍ଚିବା ପରେ ଯାହା କଥାରେ ଭୁବନେଶ୍ୱର ଆସିଥିଲେ ସେ ତୁଟାଇଦେଲେ ଭରସା।

■ ଝାନ୍ସିରେ ବାରମ୍ବାର ବିକ୍ରି ଓ ଯୌନ ନିର୍ଯାତନା ପାଉଥିଲେ
■ କାମାକ୍ଷାନଗର ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କଲେ

ଭୁବନେଶ୍ୱରରୁ ସିଧା ଉତ୍ତରପ୍ରଦେଶର ଝାନ୍ସିକୁ ନେଇ ଲକ୍ଷେ ଟଙ୍କାରେ ବିକ୍ରି କରିଦେଇଥିଲେ। ସେଠାରେ କିଣିଥିବା ଲୋକ ତିନିମାସ ଧରି ଶାରୀରିକ ସମ୍ପର୍କ ରଖିବା ପରେ ଗର୍ଭନଷ୍ଟ କରାଇ ଆଉ ଜଣକୁ ୫୦ ହଜାର ଟଙ୍କାରେ ବିକିଦେଲା। ସେଠାରେ ମଧ୍ୟ ଯୌନ ନିର୍ଯାତନା ବର୍ଷେ ପର୍ଯ୍ୟନ୍ତ ଭୋଗିବା ପରେ ବହୁକଷ୍ଟରେ ଖସିଆସି କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି ପୀଡ଼ିତା। ଏମିତି ଏକ ଲୋମଟାଙ୍କୁରା ଘଟଣା ଦେଖିବାକୁ ଘଟିଛି କାମାକ୍ଷାନଗର ଥାନା ଅଞ୍ଚଳରେ। ବାରମ୍ବାର ଯୌନ ରାକ୍ଷସଙ୍କ ନିକଟରେ ବିକ୍ରି ଓ ଯୌନ ନିର୍ଯାତନା ପାଇବା ପରେ ଅଧରାତିରେ ବହୁ କଷ୍ଟରେ ଖସି ଆସି କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ସହ ନ୍ୟାୟ ଦାବି କରିଛନ୍ତି ନାବାଳିକା। କଙ୍କଡ଼ାହାଡ଼ ଥାନା ଅଞ୍ଚଳର ଜଣେ ଦଲାଲ ନାବାଳିକାଙ୍କୁ ଚାକିରିରେ ରଖାଇଦେବାକୁ କହି ଏମିତି କାଣ୍ଡ ଘଟାଇଥିବା ▶ପୃଷ୍ଠା-୭

**କୋରାପୁଟରେ ଲଜ୍ଜା**

## ନାବାଳିକାକୁ ଗଣଦୁଷ୍କର୍ମ

■ କୋରାପୁଟ,୨୮ ।୫(ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ବଡ଼ସୁକୁ ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ହୋଇଛି। ନାବାଳିକାଙ୍କୁ ସେହି ଅଞ୍ଚଳର ଦୁଇଜଣ ନାବାଳକ ସହ ତିନିଜଣ ଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ପରିବାର ଜାଣିବା ପରେ କୋରାପୁଟ ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ତୁରନ୍ତ ଅଭିଯୁକ୍ତ ଦୁଇ ନାବାଳକ ଓ ଅନ୍ୟ ଜଣକୁ ଗିରଫ କରିଛି। ପୁଲିସ ପକ୍ଷରୁ ଘଟଣାକୁ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆ ଯାଇନାହିଁ। ତେବେ ଗିରଫ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇ ଦିଆ ଯାଇଛି। ଅନ୍ୟ ଜଣେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

**ଦୁଇ ନାବାଳକ ସହ ୩ ଗିରଫ**

# ପଥର ତଳେ ଉପକୂଳ ରାଜପଥ

ଭୁବନେଶ୍ୱର,୨୮ ।୫(ସମିସ): ରାଜ୍ୟର ବହୁ ପ୍ରତୀକ୍ଷିତ ବଡ଼ପୋଖରିଆ-ମସାକଣି ଉପକୂଳ ରାଜପଥକୁ ମିଳୁନାହିଁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ। ଏହି ପ୍ରକଳ୍ପକୁ ପବ୍ଲିକ ପ୍ରାଇଭେଟ ପାର୍ଟନରସିପ ଆପେରାଇଜଲ କମିଟି (ପିପିପିଏସି)ର ଅନୁମୋଦନ ମିଳିବାର ଇତି ମଧ୍ୟରେ ପ୍ରାୟ ସାତ ମାସ ବିତି ଗଲାଣି; କିନ୍ତୁ ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପଟିକୁ ଚୂଡ଼ାନ୍ତ ତଥା କେନ୍ଦ୍ରୀୟ କ୍ୟାବିନେଟ (ସିସିଇଏ/କ୍ୟାବିନେଟ କମିଟି ଅଫ ଇକୋନୋମିକ ଆଫେୟାର୍ସ) ର ଅନୁମୋଦନ ମିଳିପାରୁ ନାହିଁ। ଏହି ୭ ମାସ ମଧ୍ୟରେ ୧୩ ଟି ଗୁରୁତ୍ୱପୂର୍ଣ କେନ୍ଦ୍ରୀୟ କ୍ୟାବିନେଟ ମିଟିଂ ସରିଲାଣି। କିନ୍ତୁ ଓଡ଼ିଶାର ବହୁ ଆକାଂକ୍ଷିତ ଉପକୂଳ ରାଜପଥକୁ କାହିଁକି ଚୂଡ଼ାନ୍ତ ଅନୁମୋଦନ ମିଳିପାରୁ ନାହିଁ ତାହା ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି।

ଟ୍ରାଫିକ ସର୍ଭେରୁ ଜଣାପଡିଛି ଯେ ସମ୍ପୂର୍ଣ ବଡ଼ପୋଖରିଆ ଠାରୁ ମସାକଣି ମଧ୍ୟରେ ଦିନକୁ ୮୮୪୩ ପିସିୟୁ ଯାନବାହାନ ଚଳାଚଳ କରିବ (ପ୍ୟାକେଜ-୧ ରେ ୧୦୪୩୭ ପିସିୟୁ ଏବଂ ପ୍ୟାକେଜ-୨ରେ ୭୨୪୯ ପିସିୟୁ)। କିନ୍ତୁ ପ୍ରକଳ୍ପ ବାବଦକୁ ପୁଞ୍ଜି ବ୍ୟୟ ୮୬୦୦ କୋଟିରୁ ଅଧିକ ରହିଛି। ତେଣୁ ଏତେ କମ ଟ୍ରାଫିକରେ ଏତେ ଅର୍ଥ ଖର୍ଚ୍ଚ ହେଉଥିବା ଯୋଗୁଁ ଉପକୂଳ ରାଜପଥର କ୍ୟାବିନେଟ ଅନୁମୋଦନରେ ବିଳମ୍ବ ଘଟୁଥିବା ଅନୁମାନ କରାଯାଉଛି। ଟ୍ରାଫିକ ତୁଳନାରେ ପ୍ରକଳ୍ପ ବ୍ୟୟ ଅଧିକ ରହୁଥିବାରୁ ପ୍ରକଳ୍ପଟି 'ହାଇବ୍ରିଡ୍ ଆନୁଇଟି ମୋଡ୍'ରେ ନିର୍ମାଣ କରାଯିବ। ଏଥିରେ ଟେଣ୍ଡର ପାଇଥିବା କମ୍ପାନୀ ନିଜ ପକେଟରୁ ପ୍ରକଳ୍ପ ମୂଲ୍ୟର ୬୦ ପ୍ରତିଶତ ଖର୍ଚ୍ଚ

■ ମିଳୁନାହିଁ କେନ୍ଦ୍ର ମଞ୍ଜୁରି, ୭ ମାସ ପରେ ବି ଫିଟୁନି ପ୍ରକଳ୍ପ ଭାଗ୍ୟ
■ ମିଳୁନାହିଁ ପରିବେଶ ଅନୁମୋଦନ, ସରୁନି ଜମି ଅଧିଗ୍ରହଣ ପ୍ରକ୍ରିୟା
■ ଟୋଲ୍ ଆଦାୟ ହ୍ରାସ ଆଶଙ୍କାକୁ ନେଇ ଦିନ ଗଡ଼ାଉଛି କେନ୍ଦ୍ର

କରିବ ଓ ବାକି ୪୦ ପ୍ରତିଶତ କେନ୍ଦ୍ର ସରକାର ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଛି। ବିନିଯୋଗ ୬୦ ପ୍ରତିଶତ ଅର୍ଥକୁ କମ୍ପାନୀ ପରେ ଟୋଲରୁ ଆଦାୟ କରିବାକୁ ସ୍ଥିର ହୋଇଥିବାରୁ ଏହି ସମସ୍ୟା ଉପୁଜିଛି। ଟ୍ରାଫିକ କମ ରହିଲେ ଏହି ୬୦ ପ୍ରତିଶତ ଅର୍ଥ ଭରଣା କରିହେବ ନାହିଁ। ବଡ଼ପୋଖରିଆ ଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଉପକୂଳ ରାଜପଥର ଅଲାଇନମେଣ୍ଟ ସହ ସମାନ୍ତରାଳ ଭାବରେ ଅନ୍ୟ ରାସ୍ତା ଗୁଡିକର ଉପସ୍ଥିତି ଯୋଗୁଁ ଟ୍ରାଫିକ ଲିକେଜ ସମ୍ଭାବନା ରହୁଛି। ତେଣୁ ପାରାଦୀପକୁ ଗମନା ଗମନ ଏବଂ ମାଲ ପରିବହନ ପାଇଁ ଅନେକ ମାଧ୍ୟମ ରହୁଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତା ବଢ଼ାଇଛି।


ଅନ୍ୟପଟେ ମସାକଣି ଉପକୂଳ ରାଜପଥ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳ, ପାରାଦୀପ ବନ୍ଦର, ଆଗାମୀ ଅସ୍ତରଙ୍ଗ ବନ୍ଦରକୁ ସଂଯୋଗ କରୁଛି। ଏଥିସହ ଏହା ଓଡ଼ିଶା ସରକାରଙ୍କର ନୂତନ ଆର୍ଥନୀତିକ କରିଡର 'ବିସିପିପିଇଆର'କୁ ସଂଯୋଗ କରୁଛି। ତେଣୁ ଆଗାମୀ ଦିନରେ ଟ୍ରାଫିକ ସଂଖ୍ୟା ଅଧିକ ବୃଦ୍ଧି ପାଇବ। ଏହାସହ ଆଗାମୀ ଭବିଷ୍ୟତରେ ଧାମରା ବନ୍ଦର ଏବଂ ଦୀଘା ସହ ସଂଯୋଗ ହେଲା ପରେ ଟ୍ରାଫିକର ଘନତ୍ୱ ବହୁତ ଅଧିକ ରହିବ ବୋଲି ରାଜପଥ ମନ୍ତ୍ରାଳୟ ତରଫରୁ ଦାବି କରାଯାଇଛି। ଉପକୂଳ ରାଜପଥର ଫେଜ-୧ରେ ବଡ଼ପୋଖରିଆ ଠାରୁ ମସାକଣି ପର୍ଯ୍ୟନ୍ତ ଅଂଶଟି କେନ୍ଦ୍ରୀୟ କ୍ୟାବିନେଟ (ସିସିଇଏ)ର ଅନୁମୋଦନ ▶ପୃଷ୍ଠା-୭


# ସେୱା ପେପର ମିଲ୍ କାର୍ଯ୍ୟକ୍ଷମ ଦାବିରେ ଜୟପୁର ବନ୍ଦ

■ ଜୟପୁର, ୨୮ ।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର ନିକଟରେ ଦୀର୍ଘ ୨ ବର୍ଷ ଧରି ବନ୍ଦ ରହିଥିବା ସେୱା ପେପର ମିଲ୍‌କୁ ପୁନଃ ଉଦ୍ଧାର କରାଯାଇ ପୂର୍ଣ୍ଣମାତ୍ରାରେ

**ମିଳିତ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନକୁ ବିଜେଡିର ସମର୍ଥନ**

କାର୍ଯ୍ୟକ୍ଷମ ଦାବି ନେଇ ବିଜେଡି ସମେତ ବିଭିନ୍ନ ରାଜନୈତିକ ଦଳ, ସଂଗଠନ, କାଗଜ କଳର କର୍ମଚାରୀ ସଂଘ, ଠିକା ଶ୍ରମିକ ସଂଘ, ଠିକାଦାର ସଂଘର ସମର୍ଥନରେ ଜୟପୁର ବନ୍ଦ ଡାକରା ଦିଆଯାଇଥିଲା। ପୂର୍ବାହ୍ଣ ୭ଟାରୁ ସହରର ବିଭିନ୍ନ ପ୍ରବେଶ ପଥ ଏବଂ ଛକ ଗୁଡିକରେ





ପିକେଟିଂ କରାଯାଇ ରାସ୍ତା ଅବରୋଧ ଆରମ୍ଭ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପ ସଭାପତି ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଏହି ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ପାଳନ ବେଳେ ସହରର ସମସ୍ତ ଦୋକାନ, ବଜାର , ବସ ଓ ଟ୍ରକ୍ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। କେବଳ ଦୁଇ ଚକିଆ ଯାନ ଚଳାଚଳ କରୁଥିଲା। ସହରର ମୁଖ୍ୟ ଟ୍ରାଫିକ ଛକ, ରଥପଡିଆ ଛକ, ଗାନ୍ଧୀ ଛକ. ଖ୍ରୀଷ୍ଟିଆନ ସାହି ଛକ, ଜୟନଗର ଛକ, ପାୱାର ହାଉସ ଛକ, ଏମ୍‌ଜି ରୋଡ, ଇନ୍ଦିରା ଛକ ଠାରେ ରାସ୍ତା ଉପରେ ପିକେଟିଂ କରାଯାଇ କ୍ରୀୟାନୁଷ୍ଠାନ କମିଟିର ସଦସ୍ୟ ମାନେ ରାସ୍ତା ଅବରୋଧ କରିଥିଲେ। ବିଜେଡିର ଯୁବ ଓ ଛାତ୍ର ଦଳ ▶ପୃଷ୍ଠା-୭

## ଜିଲ୍ଲା ପରିଷଦ କାର୍ଯ୍ୟାଳୟ ମହିଳା ୱାଶ୍‌ରୁମ୍‌ରେ ଗୁପ୍ତ କ୍ୟାମେରା

■ ତିର୍ତ୍ତୋଲ, ୨୮ ।୫ (ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସଁଅରାସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମହିଳା ୱାଶ୍‌ରୁମ୍‌ରୁ ଏକ 'ସ୍ପାଏ କ୍ୟାମ୍' ଗୁପ୍ତ କ୍ୟାମେରା ଉଦ୍ଧାର ହୋଇଛି। ଏହି କ୍ୟାମେରା କିଏ ଓ କେଉଁ ଉଦ୍ଦେଶ୍ୟରେ ଲଗାଇଥିଲା, ତାହା ଜଣାପଡ଼ି ନଥିବା ବେଳେ କାର୍ଯ୍ୟାଳୟରେ ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବାବଦରେ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି। ଏତଲା ପରେ ପୁଲିସ କ୍ୟାମେରା ଜବତ କରି ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗତ ୨୫ତାରିଖ ଦିନ ମହିଳା ୱାସ୍‌ରୁମକୁ କାର୍ଯ୍ୟାଳୟର ଅର୍ଥ ବିଭାଗର କର୍ମଚାରୀ ମଧୁସ୍ମିତା ସାମନ୍ତରାୟ ଶୌଚ ହେବାକୁ ଯାଇଥିବା ବେଳେ କ୍ୟାମେରାଟି ଖସି ତଳେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଏ ବାବଦରେ ସେ ଜଣାଇବା ପରେ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ ତିର୍ତ୍ତୋଲ ପୁଲିସକୁ ଅବଗତ




**ପୁଲିସର ତଦନ୍ତ, ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ**

କରାଇବା ସହ ଏକ ଏତଲା ମଧ୍ୟ ଦେଇଥିଲେ। ଏତଲାକୁ ଭିତ୍ତି କରି ତିର୍ତ୍ତୋଲ ପୁଲିସ ନମ୍ବର୨୮୬/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ଏକ ସାଇବର ଟିମ୍ ଗଠନ ସହ କ୍ୟାମେରାର ଯାଞ୍ଚ ନିମନ୍ତେ ଡିଜିଟାଲ ଲ୍ୟାବକୁ ପଠାଇଥିବା ପୁଲିସ କହିଛି। ▶ପୃଷ୍ଠା-୭

# ନିମ୍ନମାନର ଗାର୍ଡୱାଲ ନିର୍ମାଣକୁ ନେଇ ଜନ ଅସନ୍ତୋଷ

ଚନ୍ଦନେଶ୍ୱର, ୨୮।୫ (ସମିସ)



ଭୋଗରାଇ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତର କରଞ୍ଜାଶୋଳ ବିନ୍ଧା ଗ୍ରାମରେ ନିର୍ମାଣାଧୀନ ଗାର୍ଡୱାଲ କାମକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୁରେନ୍ଦ୍ର ସାହୁଙ୍କ ପୋଖରୀ ଆଡ଼ିରେ ଚାଲୁଥିବା ଏହି ଗାର୍ଡୱାଲ ନିର୍ମାଣ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଥିବାବେଳେ କାମ ସମ୍ପୂର୍ଣ୍ଣ ହେବା ପୂର୍ବରୁ ମଧ୍ୟ ଗାର୍ଡୱାଲର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପୋଖରୀ ପାର୍ଶ୍ୱରେ ରାସ୍ତା ସୁରକ୍ଷା ଦୃଷ୍ଟିରୁ ଗାର୍ଡୱାଲ ନିର୍ମାଣ ପାଇଁ ବହୁଦିନ ଧରି ଦାବି ହୋଇଆସୁଥିଲା। ଏହା ପରେ ଭୋଗରାଇ ପଞ୍ଚାୟତ ସମିତି ପକ୍ଷରୁ ୧୫ତମ ସିଏଫସି ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଚଳିତ ମାସରେ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଠିକାଦାର ଦ୍ୱାରା କାମ ଆରମ୍ଭ ହୋଇଥିଲା। ଅଭିଯୋଗ ଅନୁଯାୟୀ, କାମ ଆରମ୍ଭରୁ ହିଁ ନିର୍ମାଣ ନିୟମକୁ ଅବହେଳା କରାଯାଇଥିଲା। କୌଣସି ସୂଚନା ଫଳକ ଲଗାଯାଇନଥିବାବେଳେ, ଆବଶ୍ୟକତାଠାରୁ କମ ଗଭୀରତାରେ ଗାତ ଖୋଳାଯାଇଥିଲା। ସେହିପରି ବାଲି, ସିମେଣ୍ଟ ଓ ପଥରର ନିର୍ଦ୍ଧାରିତ ଅନୁପାତ ରକ୍ଷା ନକରି କାମ କରାଯାଇଥିବାରୁ ନିର୍ମାଣାଧୀନ ଗାର୍ଡୱାଲର ମଝି ଅଂଶରେ ଫାଟ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ, ବିଭାଗୀୟ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସଠିକ ତଦାରଖର ଅଭାବରୁ ଠିକାଦାର ମନମୁଖୀ ଭାବେ କାମ କରୁଛନ୍ତି। ଏହା ସହ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଳମିଶା ଯୋଗୁଁ ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଭୋଗରାଇ ବ୍ଲକରେ ଦୀର୍ଘଦିନ ଧରି ଏଭଳି ନିମ୍ନମାନର କାମ ହୋଇଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇନଥିବା ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ଘଟଣାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଅଧିକାରୀ ଓ ସମ୍ପୃକ୍ତ ଠିକାଦାରଙ୍କ

**ନିରପେକ୍ଷ ତଦନ୍ତ ଦାବି କଲେ ଅଞ୍ଚଳବାସୀ**

ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଗୋପାଳ ଚନ୍ଦ୍ର ସାହୁ, ଦୀନକୃଷ୍ଣ ଦାସ, ରୂପାଲି ସାହୁ, କବିତା ସାହୁ, ବାସନ୍ତୀ ସାହୁ, ଅନୁରାଧା ଦାସ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଭୋଗରାଇ ବିଡିଓ ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଖବରକାଗଜ ବିତରକଙ୍କୁ ଅଂଶୁଘାତ

ନୀଳଗିରି, ୨୮।୫ (ସମିସ): ନୀଳଗିରି ଘାଟଘରସାହି ଗ୍ରାମର ଖବର କାଗଜ ବିତରକ ଝୁନା ଓରଫ ଲୋକନାଥ ପାତ୍ର(୫୩)ଙ୍କୁ ଅଂଶୁଘାତ ହୋଇ ନୀଳଗିରି ମେଡିକାଲ ରେ ଭର୍ତ୍ତି ହୋଇଥିବା ଜଣା ପଡ଼ିଛି। ଶ୍ରୀ ପାତ୍ର ଦୈନନ୍ଦିନ ନୀଳଗିରିରୁ ଶେରଗଡ଼, ବରୁଣସିଂ, ଖାନନଗର, ବିରୁଆଁ, ଭୂଇଁପଡ଼ା ପ୍ରମୁଖ ଗ୍ରାମରେ ଖବର କାଗଜ ବିତରଣ କରିଥାନ୍ତି। ସବୁଦିନ ଭଳି ସେ ଗତ ୨୭ ତାରିଖ ବୁଧବାର ଖବରକାଗଜ ବିତରଣ କରୁଥିବା ବେଳେ ପୂର୍ବାହ୍ନ ୧୦ ଘଟିକା ସମୟରେ ଖାନନଗର ଛକଠାରେ ଟଳି ପଡ଼ିଥିଲେ। ତୁରନ୍ତ ତାଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇ ଅଂଶୁଘାତ କକ୍ଷରେ ଭର୍ତ୍ତି କରାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଧୀରେ ଧୀରେ ସୁଧୁରୁଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ତାଙ୍କର ଅନୁପସ୍ଥିତ ପାଇଁ ଖବର କାଗଜ ବିତରଣ ବାଧାପ୍ରାପ୍ତ ହୋଇଛି।



# ଟ୍ରେନ୍ ଉପରେ ଖସି ପଡ଼ିଲା କ୍ରେନ୍




ନୀଳଗିରି, ୨୮।୫ (ସମିସ) : ବାଲେଶ୍ୱର ଜିଲ୍ଲା ନୀଳଗିରି ଗୋପୀନାଥପୁର ରେଲୱେ ଷ୍ଟେସନରେ ବଡ଼ ଅଘଟଣ। ଗୋପୀନାଥପୁର ରେଲୱେ ଷ୍ଟେସନରେ ଗୁରୁବାର ମଧ୍ୟାହ୍ନ ସମୟରେ ଷ୍ଟେସନ ସଂଲଗ୍ନ ସ୍ଲିପର ଫ୍ୟାକ୍ଟ୍ରିର ରେଲୱେ ଡାକତାରେ ବ୍ୟବହାର ସ୍ଲିପର ମାଲବାହୀ ଟ୍ରେନ୍‌ରେ ଲୋଡିଂ ହେଉଥିବା ସମୟରେ ୨ଟି ମାଲବାହୀ ଟ୍ରେନ୍ ଉପରେ ଖସି ପଡ଼ିଲା କ୍ରେନ୍। ଏହା ସହ କ୍ରେନ୍ ପଡ଼ିବାରୁ ଛିଣ୍ଡି ଯାଇଥିଲା ଷ୍ଟେସନର ବିଦ୍ୟୁତ ତାର ଫଳରେ କିଛି ଘଣ୍ଟା ପାଇଁ ପ୍ୟାସେଞ୍ଜର ଟ୍ରେନ୍ ବାତିଲ୍ ହୋଇଥିଲା। ଏହି ଘଟଣା ସମୟରେ ରେଲୱେ ସ୍ଲିପର ଲୋଡିଂ କାମରେ ନିୟୋଜିତ ଜଣେ କର୍ମଚାରୀ ଖସି ପଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ଲେଖିବା ବେଳକୁ ରେଲୱେ ବିଭାଗ ପକ୍ଷରୁ ଜାରି ରହିଛି ମରାମତି କାର୍ଯ୍ୟ।

# ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ରାସ୍ତାରୋକ

ନୀଳଗିରି, ୨୮।୫ (ସମିସ): କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ସାଧାରଣ ଲୋକଙ୍କ ଉପରେ ଅକଥନୀୟ ଶୋଷଣ ଚାଲିଛି। ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବା ତ ଦୂରର କଥା ପରନ୍ତୁ ସାଧାରଣ ଲୋକଙ୍କ ଉପରେ ଅର୍ଥନୈତିକ ଆକ୍ରମଣ ଚଳାଇ ଛନ୍ତି। ଦେଶର ବେକାରୀ ସମସ୍ୟା ବଢୁଛି, ଦାଦନ ଶ୍ରମିକ ବଢୁଛନ୍ତି, ସରକାରୀ ଅନୁଷ୍ଠାନ କୁ ବନ୍ଦ କରି ଘରୋଇ ସଂସ୍ଥା କୁ ଅଗ୍ରାଧିକାର ଦିଆଯାଉଛି। ଫଳରେ ସାଧାରଣ ଜନତା ପୂର୍ବ ପରି ପରାଧୀନ ହେବାକୁ ଯାଉ ଛନ୍ତି। ବର୍ତ୍ତମାନ ସମସ୍ତ ତୈଳ ସଂସ୍ଥାକୁ ଆଦାନୀ ହାତକୁ ଟେକି ଦେବା ପାଇଁ ସରକାର ଯୋଜନା କରୁଛନ୍ତି। ସେଥିପାଇଁ ତୈଳ ଓ ରନ୍ଧନ ଗ୍ୟାସର ଦର ବୃଦ୍ଧି କରୁଛନ୍ତି। ଯାହାକି ଜନସାଧାରଣ ଲୋକଙ୍କ ପାଇଁ ବଡ କ୍ଷତି ହେବ। ତୈଳ ଦର ବୃଦ୍ଧି ହେଲେ ସମସ୍ତ ଜିନିଷ ଦର ବୃଦ୍ଧି ହେବ। ଏହାକୁ ପ୍ରତିବାଦ କରି ଭିଟାମାଟି ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଗୁରୁବାର ସକାଳ ୮ ଘଟିକା ରୁ ୯ ଘଟିକା ପର୍ଯ୍ୟନ୍ତ ଏକ ଘଣ୍ଟା ରାସ୍ତାରୋକ ଗରଡିହି ଛକଠାରେ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭିଟାମାଟି ଜୀବନ ଜୀବିକା ସୁରକ୍ଷା ମଞ୍ଚର ସଦସ୍ୟ ଲକ୍ଷ୍ମଣ ସ, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଉମାକାନ୍ତ ଷଡଙ୍ଗୀ, ହେମେନ୍ଦ୍ର ସେଠି, ମୃତ୍ୟୁଞ୍ଜୟ ନାୟକ, ଅମରେନ୍ଦ୍ର ନାୟକ, ହାଡ଼ିବନ୍ଧୁ ସିଂ, ଗଜେନ୍ଦ୍ର ସିଂ, ମହେଶ୍ୱର ଖିଲାରଙ୍କ ସମେତ ବହୁ ସାଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବରହମପୁର ଥାନା ଅଧିକାରୀଣି ପ୍ରେମଦା ନାୟକ ରାସ୍ତାରୋକ ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ତାପରେ ରାସ୍ତାରୋକ କାର୍ଯ୍ୟକ୍ରମ ପ୍ରତ୍ୟାହୃତ ହୋଇଥିଲା।




**ଗାଁରେ ପାଣି ସମସ୍ୟା, ତତ୍ପର ହେଲା ପ୍ରଶାସନ**

# ଟ୍ୟାଙ୍କର ଯୋଗେ ଲୋକଙ୍କୁ ମିଳିଲା ସ୍ୱଚ୍ଛ ପିଇବା ପାଣି

ଜଳେଶ୍ୱର ବ୍ଲକ, ୨୮।୫ (ସମିସ): ଜଳେଶ୍ୱର ବ୍ଲକରେ ଏକ ଉପାନ୍ତ ଘଞ୍ଚ ଜଙ୍ଗଲ ଭରା ଆଦିବାସୀ ଗାଁ ଟିଏ। ବରଡ଼ିହା ଗ୍ରାମ ପଞ୍ଚାୟତର ୧୫ ନମ୍ବର ୱାର୍ଡ ଉପରବାଗବୁଡ଼ା ଗ୍ରାମରେ ପାନୀୟ ଜଳ ସଙ୍କଟ ଗ୍ରାମର ୬୦ ପରିବାର ବସବାସ କରୁଥିବା ବେଳେ ୫୦୦ରୁ ଅଧିକ ଲୋକ ମାତ୍ର ୫ଗୋଟି ନଳକୂପ ଏବଂ ସୋଲାର ପ୍ରକଳ୍ପ ଥିଲେ ମଧ୍ୟ ଏହା ଅକାମି ଅବସ୍ଥାରେ ପଡ଼ିରହିଛି। ଯାହା ଫଳରେ ଗାଁ ବାସୀ ପାଣି ପାଇଁ ଏହି ଗ୍ରୀଷ୍ମ ପ୍ରଭାବରେ ଟୋପାଏ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ବାଧ୍ୟତାମୂଳକ ଭାବେ ସେହି ଅପରିଷ୍କାର ଗୋଳିଆ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ପାଣି ଟୋପାଏ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି ଯାହାକୁ ନେଇ ଗତ ୨୫ ତାରିଖରେ 'ସକାଳ'ରେ ଖବର ପ୍ରକାଶିତ ପରେ ବ୍ଲକ ପ୍ରଶାସନ ତତ୍ପର ହେବା ସହିତ ଗ୍ରାମର ଦୀର୍ଘ ଦିନ ଧରି ଖରାପ ହୋଇ ପଡ଼ିଥିବା ନଳକୂପ ମରାମତି କରିବା ସହ ଗ୍ରାମରେ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରିଛନ୍ତି। ଏହାର ତଦାରଖ କରିବାର ଦାୟିତ୍ୱ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର ଓ ତାଙ୍କ ସହଯୋଗୀ ସୁବ୍ରତ କୁମାର ଚାନ୍ଦ ଗାଁରେ ପହଞ୍ଚି କରିଥିଲେ। ପାଣି ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇଁ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଉପରବାଗବୁଡ଼ା ଗାଁ କୁ ଆସି ଅନୁଧ୍ୟାନ କରି ପିଇବା ପାଣିର ସ୍ଥାୟୀ ସମାଧାନ ସାଙ୍ଗକୁ ଗାଁ କୁ ସ୍ଥାୟୀ ରାସ୍ତା ନିର୍ମାଣର ପ୍ରତିଶ୍ରୁତିକୁ ୧ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ସୁଧାର ଆସିଲା ନାହିଁ। ଗାଁ ରେ କାହାର ଦେହ ଅସୁସ୍ଥ ହେଲେ ଖଟିଆରେ ବୁହା ହୁଅନ୍ତି ରୋଗୀ ଆମ୍ବୁଲାନ୍ସ ଅଟକି ଯାଏ ଅଧା ରାସ୍ତାରେ ଏହାର ସ୍ଥାୟୀ ପ୍ରତିକାର ପାଇଁ ବରଡ଼ିହା ଗ୍ରାମ ପଞ୍ଚାୟତ ଯୁବ ନେତା ରାଜୀବ ଲୋଚନ ଗିରି ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ସାଂସଦ ଓ ବିଡିଓଙ୍କଠାରେ ଅବଗତି କରିବା ସହିତ ସ୍ଥାନୀୟ ୱାର୍ଡ ମେମ୍ବର ରାଜୀବ କୁମାର ଗିରି, ଗୁରୁଭା ଟୁଡୁ, ଚତନ୍ୟ ସରେନ, ବାସୁଦେବ ସରେନ, ବୀରେନ୍ଦ୍ର ମୁର୍ମୁ, ବାପି କିସ୍କୁ, ବିକ୍ରମ ମୁର୍ମୁ, ରାମ କିସ୍କୁ, ଚତନ୍ୟମୁର୍ମୁ, ଗୋବିନ୍ଦ ମୁର୍ମୁ, ଅଭିଜିତ ଜେନା ପ୍ରମୁଖ ଦାବି କରିଛନ୍ତି।



# ମାତୃଭାଷା ଶିକ୍ଷାକୁ ସୁଦୃଢ଼ କରିବାକୁ ମୁଣ୍ଡାରୀ ଶିକ୍ଷକ ପ୍ରଶିକ୍ଷଣ ଶିବିର

ବାରିପଦା, ୨୮।୫(ସମିସ): ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଶିକ୍ଷା ବିଭାଗ 'ମୁଣ୍ଡାରୀ ଏଜୁ୍ୟକେସନ ବୋର୍ଡ' ଦ୍ୱାରା ପରିଚାଳିତ ମୁଣ୍ଡାରୀ ବିଦ୍ୟାଳୟମାନଙ୍କର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବାରିପଦାସ୍ଥ କଲ୍ୟାଣୀ ମହିଳା ସମିତିର ସମ୍ମିଳନୀ କକ୍ଷରେ ସଫଳତାର ସହିତ ସମାପ୍ତ ହୋଇଛି। ବର୍ତ୍ତମାନ ମୁଣ୍ଡାରୀ ଏଜୁ୍ୟକେସନ ବୋର୍ଡ ଅଧୀନରେ ୩୨ଟି ମୁଣ୍ଡାରୀ ବିଦ୍ୟାଳୟ ପରିଚାଳିତ ହେଉଛି। ଏହି ବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ହେଲା ମୁଣ୍ଡାରୀ ଭାଷା, ମୁଣ୍ଡାରୀ ବାଣୀ, ସଂସ୍କୃତି, ପରମ୍ପରା ଓ ସାମାଜିକ ମୂଲ୍ୟବୋଧକୁ ନୂତନ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା। ଏ ଅବସରରେ ତୃତୀୟ ଶ୍ରେଣୀ ପାଇଁ ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକ 'ହୋନ କୋଅାଃ ସେଣା ସୁଙ୍ଗୁତି'ର ଉନ୍ମୋଚନ କରାଯାଇଥିଲା। ଏହି ପୁସ୍ତକରେ ସାହିତ୍ୟ, ସାମାଜିକ ବିଜ୍ଞାନ ଓ ଗଣିତ ବିଷୟ ସମ୍ମିଳିତ ରହିଛି। ମାତୃଭାଷା ମାଧ୍ୟମରେ ଶିକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପୁସ୍ତକ ପ୍ରସ୍ତୁତ କରାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଣ୍ଡାରୀ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ତଥା ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଅଧ୍ୟକ୍ଷ ବୀରବଲ ସିଂ ଓ ଏମଏଲସିସିର ଶିକ୍ଷା ସଚିବ ବୁଧିଆ ସିଂ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେମାନେ ଶିକ୍ଷାଦାନ ପ୍ରଣାଳୀ, ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି, ନୈତିକ ଶିକ୍ଷା ଓ ମାତୃଭାଷା ଭିତ୍ତିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକମାନଙ୍କୁ କେବଳ ଭାଷା ଶିକ୍ଷା ନୁହେଁ, ବରଂ ସମାଜ ଓ ସଂସ୍କୃତି ପ୍ରତି ସଚେତନ ନୂତନ ପିଢ଼ି ଗଢ଼ି ତୋଳିବା ପାଇଁ ଆହ୍ୱାନ ଜଣାଇଥିଲେ। ମୁଣ୍ଡାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମୁଣ୍ଡାରୀ ଭାଷା ଓ ଲିପି ସହିତ ସଂସ୍କୃତି, ପରମ୍ପରା, ସାମାଜିକ ବିଜ୍ଞାନ, ବିଜ୍ଞାନ ଓ ଗଣିତ ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଛି। ଏହାଦ୍ୱାରା ଛାତ୍ରଛାତ୍ରୀ ନିଜ ମୂଳ ପରିଚୟ ସହିତ ଜଡ଼ିତ ରହିବା ସହ ସାଧାରଣ ଶିକ୍ଷାରେ ମଧ୍ୟ ଆଗକୁ ବଢ଼ିପାରୁଛନ୍ତି। ଏ ଅବସରରେ ଚଳିତ ବର୍ଷ ମୁଣ୍ଡାରୀ ଏଜୁ୍ୟକେସନ ବୋର୍ଡ ଅଧୀନରେ ସମସ୍ତ ଶ୍ରେଣୀର ବାର୍ଷିକ ପରୀକ୍ଷା ଆସନ୍ତା ୧୩ ଜୁନ ତାରିଖରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏମଏଲସିସିର ସାଧାରଣ ସଚିବ ସୁନାରାମ ସିଂ, ମୁଣ୍ଡାରୀ ବିଦ୍ୟାଳୟମାନଙ୍କର ପରୀକ୍ଷା ନିୟନ୍ତ୍ରକ ଭଗବାନ ସିଂହ, ବିଦ୍ୟାଳୟ ପର୍ଯ୍ୟବେକ୍ଷକ ବୈଦ୍ୟନାଥ ସିଂ ବଡ଼ସାହି ବ୍ଲକ ଏମଏଲସିସି ସଂଯୋଜକ ଅଜିତ କୁମାର ସିଂ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା ସେବକ ଯୋଗଦେଇଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ନୀଳଗିରି, ୨୮।୫(ସମିସ): ବାଇକ ବାଇକ ମଧ୍ୟରେ ଧକ୍କା ହେବାରୁ ଜଣେ ଗୁରୁତର ହୋଇଥିବା ଜଣା ପଡ଼ିଛି। ଆଜି ଅପରାହ୍ନ ପ୍ରାୟ ୪ ଘଟିକା ସମୟରେ ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ତାଳବଣି ଗ୍ରାମର ସ୍ୱର୍ଗତ ଦିବାକର ବାଗଙ୍କ ପୁତ୍ର ଜୟନ୍ତ କୁମାର ବାଗ (୫୨)ଏକ ବାଇକ ଯୋଗେ ନୀଳଗିରି ଅଭିମୁଖେ ଆସୁଥିବା ବେଳେ ନୀଳଗିରି-ଝରଣା ଘାଟି ୧୯ ନମ୍ବର ରାଜ୍ୟ ରାଜପଥ କଳାକାଦ ଶନି ମନ୍ଦିର ରାସ୍ତା ନିକଟରେ ଏକ ଅଟୋକୁ ଓଭରଟେକ କରୁଥିବା ବେଳେ ନୀଳଗିରିରୁ ବରହମପୁର ଅଭିମୁଖେ ଯାଉଥିବା ଅନ୍ୟ ଜଣେ ବାଇକ ସାମ୍ନାରୁ ଜୟନ୍ତଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା। ଏଥିରେ ଜୟନ୍ତଙ୍କ ଡାହାଣ ଗୋଡ଼ ଆଣ୍ଠୁ ଚକି ବାହାରକୁ ବାହାରି ପଡ଼ିଥିଲା। ଭୀଷଣ ରକ୍ତସ୍ରାବ ହେବାରୁ ସେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଯୋଗେ ନୀଳଗିରି ମେଡିକାଲ ରେ ଆସୁ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କୁରୁଡ଼ା ସ୍ଥିତ ଜ୍ୟୋତି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦିଗରେ ଖବର ଲେଖା ହେବା ବେଳକୁ ବରହମପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

# ବୁଢ଼ାବଳଙ୍ଗ କୂଳରେ ମାଟି ମାଫିଆଙ୍କ ଦୌରାତ୍ମ୍ୟ

ବାଲେଶ୍ୱର, ୨୮।୫ (ରୁଚିକ ରଞ୍ଜନ ମହାପାତ୍ର)

ଗୋଟିଏ ପଟେ ସରକାର ବନ୍ୟା ନିୟନ୍ତ୍ରଣ, ନଦୀବନ୍ଧ ସୁଦୃଢ଼ୀକରଣ ଓ ଉପକୂଳ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅନ୍ୟପଟେ ସେହି ନଦୀବନ୍ଧକୁ ହିଁ ତାଡି ମାଟି ମାଫିଆମାନେ ଖୋଲାଖୋଲି ଲୁଟ କରୁଛନ୍ତି। ଯାହାର ସ୍ପଷ୍ଟ ଚିତ୍ର ବାଲେଶ୍ୱର ଜିଲ୍ଲା ଫୁଲାଡ଼ି ଅଞ୍ଚଳସ୍ଥିତ ବୁଢ଼ାବଳଙ୍ଗ ନଦୀପଠାରରେ ଦେଖିବାକୁ ମିଳିଛି। ଯେଉଁଠାରେ ଦିନ ଦ୍ୱିପ୍ରହରରେ ଅର୍ଥାତ ସ୍ୱଷ୍ଟ ଦିବାଲୋକରେ ଟ୍ରାକ୍ଟର ଲଗାଇ ନଦୀକୂଳ ତାଡି ବେଆଇନ ଭାବରେ ମାଟି ଉଠାଯାଉଥିବା ଦୃଶ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ଦିନ ଧରି ଏଠାରେ ସଂଗଠିତ ଭାବରେ ମାଟି ଲୁଟ ଚାଲିଛି। ପ୍ରତିଦିନ ନଦୀ କୂଳକୁ ଗଭୀର ଭାବରେ ଖୋଳି ଶତାଧିକ ଘନଫୁଟ ମାଟି ଟ୍ରାକ୍ଟରରେ ଲୋଡ଼ କରାଯାଇ ବେଆଇନ ଇଟାଭାଟି ସାଙ୍ଗକୁ ବିଭିନ୍ନ ସ୍ଥାନକୁ ଚୋରାଚାଲାଣ ହେଉଛି। ନଦୀକୂଳରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ନଦୀବନ୍ଧ ଦିନକୁ ଦିନ ଦୁର୍ବଳ ହେଉଛି। ଆଗାମୀ ବର୍ଷା ଋତୁରେ ବୁଢ଼ାବଳଙ୍ଗ ନଦୀ ଫୁଲିଲେ ଏହି ଦୁର୍ବଳ ବନ୍ଧ ଭାଙ୍ଗି ଉପକୂଳ ଅଞ୍ଚଳରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାରେ ଥିବାର ସ୍ଥାନୀୟ ଲୋକଙ୍କ ଅଭିଯୋଗ ଆଣିଛନ୍ତି। ଏତେ ବଡ଼ ଧରଣର ବେଆଇନ ମାଟି ଖନନ ଚାଲିଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ, ତହସିଲ ପ୍ରଶାସନ ଓ ଖଣି ବିଭାଗ କେଉଁଠି, ଦିନଦହାଡ଼େ ଟ୍ରାକ୍ଟର ଲଗାଇ ନଦୀପଠା ଖୋଳାଯାଉଥିଲେ ମଧ୍ୟ କୌଣସି ଚଢ଼ାଉ ନାହିଁ, କୌଣସି ଜବତ ନାହିଁ, କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି ଯେ, ମାଟି ମାଫିଆଙ୍କ ସହ କାହାର ଅଦୃଶ୍ୟ ସମ୍ପର୍କ ରହିଛି କି, କାହାର ଛତାଛାୟାରେ ଏହି ବେଆଇନ କାରବାର ଚାଲିଛି କି ବୋଲି ସବୁଠୁ ବଡ଼ ପ୍ରଶ୍ନ ଉଠିଛି। ରାତି ହେଲେ ମାଟି ମାଫିଆଙ୍କ ଦୌର। ୟ ଆହୁରି ବଢ଼ିଯାଉଛି। ଟ୍ରାକ୍ଟର ପରେ ଟ୍ରାକ୍ଟର ନଦୀକୂଳରୁ ମାଟି ଉଠାଇ ନେଉଛି। ବର୍ଷ ବର୍ଷ ଧରି ପ୍ରାକୃତିକ ଭାବେ ତିଆରି ହୋଇଥିବା ନଦୀ କୂଳ ଏବେ ମାଫିଆଙ୍କ ଲୋଭରେ ଧ୍ୱଂସ ହେବାକୁ ବସିଛି। ଯେଉଁ ବନ୍ଧ ହଜାର ହଜାର ଲୋକଙ୍କୁ ବନ୍ୟାରୁ ସୁରକ୍ଷା ଦେଉଛି, ସେହି ବନ୍ଧକୁ ହିଁ ମାଟି ମାଫିଆମାନେ ଖୋଳି ଦୁର୍ବଳ କରୁଛନ୍ତି ବୋଲି ସ୍ଥାନୀୟ ଲୋକମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେପଟେ ଏଭଳି ଅନିୟନ୍ତ୍ରିତ ଖନନ ଚାଲିଲେ କେବଳ ନଦୀବନ୍ଧ ନୁହେଁ, ନଦୀର ପ୍ରାକୃତିକ ଗତିପଥ ମଧ୍ୟ ପରିବର୍ତ୍ତନ ହୋଇପାରେ। ଚାଷ ଜମି ନଦୀଗର୍ଭରେ ଲୀନ ହେବା ସହ ଅନେକ ଗ୍ରାମ ବିପଦ ମୁହଁରେ ପଡ଼ିପାରେ। ଏହା କେବଳ ବେଆଇନ ମାଟି ଖନନ ନୁହେଁ, ବରଂ ସମଗ୍ର ଉପକୂଳ ଅଞ୍ଚଳର ସୁରକ୍ଷା ସହ ଉପକୂଳବାସୀଙ୍କ ଜୀବନ ଜୀବିକା ସହ ଖେଳ ବୋଲି ପରିବେଶପ୍ରେମୀ ଓ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଚର୍ଚ୍ଚା ହେଉଛି, ସରକାର ଗୋଟେ ପଟେ ନଦୀବନ୍ଧ ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଅନ୍ୟପଟେ ମାଟି ମାଫିଆମାନେ ସେହି ବନ୍ଧକୁ ତାଡି ସରକାରୀ ଅର୍ଥକୁ ପାଣିରେ ମିଶାଇ ଦେଉଛନ୍ତି। ପ୍ରଶାସନର ନୀରବତା ଏବେ ସନ୍ଦେହକୁ ଆହୁରି ଗଭୀର କରିଛି। ଲୋକମାନେ ପ୍ରଶ୍ନ କରୁଛନ୍ତି ଗରିବ ଲୋକେ ଘର ପାଇଁ ଚାଷଜମିରୁ ଦୁଇ ଟ୍ରାକ୍ଟର ମାଟି ଆଣିଲେ ମାମଲା ହେଉଛି, କିନ୍ତୁ ମାଫିଆମାନେ ନଦୀବନ୍ଧ ତାଡି ଶତାଧିକ ଟ୍ରାକ୍ଟର ମାଟି ନେଉଥିଲେ ବି କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ? ତୁରନ୍ତ ବୁଢ଼ାବଳଙ୍ଗ ନଦୀପଠାରେ ଚାଲିଥିବା ବେଆଇନ ମାଟି ଖନନ ଉପରେ ରୋକ ଲଗାଯାଉ, ମାଟି ମାଫିଆଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ ଏବଂ ଏହି କାରବାର ପଛରେ କାହାର ହାତ ରହିଛି ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବି ଉଠିଛି। ନଚେତ ଆଗାମୀ ଦିନରେ ବୁଢ଼ାବଳଙ୍ଗ ନଦୀବନ୍ଧ ଭାଙ୍ଗି ବଡ଼ ଧରଣର ବିପର୍ଯ୍ୟୟ ଘଟିଲେ ତାହା ପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।



**● ବିପଦ ମୁହାଁରେ ଗାଁ ଓ ଚାଷଜମି**
**● ଚୁପ୍ ଜିଲ୍ଲା ପ୍ରଶାସନ, ନିରବ ଖଣି ବିଭାଗ**

## ହୁତୁହୁତୁ ହୋଇ ଜଳିଗଲା ନଡ଼ିଆ ଗଛ



ରେମୁଣା, ୨୮।୫ (ସମିସ): କାଳବୈଶାଖୀ ତାଣ୍ଡବରେ ରେମୁଣା ଅଞ୍ଚଳରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରବଳ ପବନ ସହ ବର୍ଷା, ଘଡଘଡି ଓ ବିଜୁଳି ମାରିବାରୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏହି କାଳବୈଶାଖୀ ସମୟରେ ରେମୁଣା ବ୍ଲକ ଅଧୀନ ବେଗମପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଗ୍ରାମର ପ୍ରଫୁଲ୍ଲ ବିନ୍ଧାଣିଙ୍କ ଘର ପାଖରେ ଥିବା ଏକ ନଡ଼ିଆ ଗଛ ଉପରେ ହଠାତ୍ ବିଜୁଳି ପଡ଼ିଥିଲା। ବିଜୁଳି ଆଘାତରେ ଗଛଟି ହୁତୁ ହୁତୁ ହୋଇ ଜଳିଉଠିଥିଲା ଏବଂ କିଛି ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଥିଲା। ଘଟଣାକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ଜୀବନହାନି ହୋଇନଥିବା ଜଣାପଡ଼ିଛି। ତେବେ କାଳବୈଶାଖୀ ସମୟରେ ବିଜୁଳି ଆଘାତରୁ ସତର୍କ ରହିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନତା ଜାରି କରାଯାଇଛି।

# ମକରଧ୍ୱଜପୁର ପୋଲ ନିର୍ମାଣ ଆରମ୍ଭରୁ ବିଭ୍ରାଟ

ଖଇରା, ୨୮।୫ (ସମିସ)



ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ମକରଧ୍ୱଜ ଗ୍ରାମ ନିକଟରେ କାହ୍ନେଇ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଚାଲିଥିବା ପୋଲ କାମରେ ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ୨ମାସ ତଳେ ଆରମ୍ଭ ହୋଇଥିବା କାମର ପ୍ରଥମ ପର୍ଯ୍ୟାୟରେ ବିନା ଚ୍ୟାନେଲରେ ବୋରିଂ କରାଯାଉଥିବାରୁ ପୋଲର ସ୍ଥାୟିତ୍ୱ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ବିନା ସୂଚନା ଫଳକରେ କାମ ଚାଲିଥିବାରୁ ଗ୍ରାମବାସୀ ଏବେ ଅନ୍ଧାରରେ ରହିଛନ୍ତି। ଏଭଳି କାମକୁ ବିରୋଧ କରୁଥିବା ଜଣେ ଯନ୍ତ୍ରୀଙ୍କ ବଦଳି ହେବା ପରେ ଠିକାଦାରଙ୍କର ତୃତୀୟ ମହଲା ସହ ସମ୍ପର୍କକୁ ନେଇ କୋକୁଆ ଭୟ ସୃଷ୍ଟି କରାଯାଉଥିବାରୁ କୌଣସୀ ଯନ୍ତ୍ରୀ ତଦାରଖ କରିବାକୁ ଆସୁନଥିବା ବା ଠିକାଦାରଙ୍କ କାମକୁ ନେଇ ମୁହଁ ଖୋଲୁନଥିବା ଚର୍ଚ୍ଚା ହେଉଛି। କୋଟି କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏଭଳି ବେପରୁଆ କାମର ଭିଜିଲାନ୍ସ ତଦନ୍ତ କରିବାକୁ ମକରଧ୍ୱଜପୁର ଗ୍ରାମର ଦିନବନ୍ଧୁ ବେହେରା, ସୁରେନ୍ଦ୍ର ବେହେରା, ପଙ୍କଜିନୀ ବେହେରା, ଶାନ୍ତିଲତା ସ୍ୱାଇଁ, ଚିନ୍ତାମଣି ବେହେରା, ରାମଚନ୍ଦ୍ର ସ୍ୱାଇଁ, ବିନୋଦ ସ୍ୱାଇଁ, ରାମଚନ୍ଦ୍ର ହାତୀ, ଦାମୋଦର ହାତୀ, ସନାତନ ବେହେରା ପ୍ରମୁଖ ଦାବି କରିଛନ୍ତି। ଯଦି ଏଭଳି ମନମାନୀ ଢଙ୍ଗରେ କାର୍ଯ୍ୟ ଚାଲୁରହେ ତେବେ ସମୁହ ଗ୍ରାମବାସୀ କାମ ବନ୍ଦ କରି ଧାରଣାରେ ବସିବାକୁ ବାଧ ହେବେ ବୋଲି ଉପରୋକ୍ତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ୧୯୯୯ ମସିହା ବାତ୍ୟା ବନ୍ୟାରେ ଉକ୍ତ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ପରେ ଗ୍ରାମବାସୀଙ୍କ ବାରମ୍ବାର ଅନୁରୋଧ ପରେ ୨୦୨୩ ମସିହାରେ ତତ୍କାଳୀନ ବିଧାୟକ ଜ୍ୟୋତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ସେତୁ ବାନ୍ଧଣା ଯୋଜନାରେ ପୋଲ ପାଇଁ ୪କୋଟି ୩୦ଲକ୍ଷ ଟଙ୍କା ଅନୁମୋଦନ ମିଳିଥିଲା। ୨୦୨୪ରେ କାମ ପାଇଁ ବିଭାଗ କେନ୍ଦ୍ରାପଡ଼ା ଅଞ୍ଚଳରୁ ଜଣେ ଠିକାଦାରଙ୍କ ସହ ଚୁକ୍ତି କରିଥିବା ବେଳେ ଦୀର୍ଘ ୨ବର୍ଷ ପରେ ଏବେ କାମ ଆରମ୍ଭ ହୋଇଛି। ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିବାରୁ ପୋଲ ସମ୍ପୂର୍ଣ୍ଣ ହେବ କି ନାହିଁ ତାକୁ ନେଇ ସାଧାରଣରେ ସଂଶୟ ଦେଖାଦେଇଛି। ମୋଟ ୨୦ଟି ପାଇଲିଂ ମଧ୍ୟରୁ ୧୧ଟି କାମ ସରିଥିବା ବେଳେ ୬ଟି ବିନା ଚ୍ୟାନେଲରେ ହୋଇଥିବା ନେଇ ଗ୍ରାମବାସୀ କହିବା ସହ ଏ ଗୁଡିକୁ ସଂଶୋଧନ କରି ପୁନର୍ବାର ପାଇଲିଂ କରିବାକୁ ମୁଖ୍ୟଯନ୍ତ୍ରୀଙ୍କ ନିକଟରେ ଦାବୀ କରାଯାଇଛି। ଏ ସମ୍ପର୍କରେ ଅଧିକ୍ଷଣ ଯନ୍ତ୍ରୀ ଅମିର କୁମାର ସେଠୀଙ୍କ ପ୍ରତିକ୍ରିୟା ନେବାରେ ସୂଚନା ଫଳକ ଲଗାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପାଇଲିଂରେ ଚାନେଲ ବ୍ୟବହୃତ ହୋଇନଥିବା ନେଇ ଅଭିଯୋଗ ପରେ ଠିକାଦାରଙ୍କୁ ଚ୍ୟାନେଲ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଛି।

- ବିନା ଚ୍ୟାନେଲରେ ସରିଲାଣି ୧୧ ପାଇଲିଂ
- ଫଳକ ନଥିବାରୁ ସବିଶେଷ ସୂଚନା ସମ୍ପର୍କରେ ଅଜ୍ଞ ଗ୍ରାମବାସୀ
- ନିମ୍ନମାନର କାମର ଭିଜିଲାନ୍ସ ତଦନ୍ତ ଦାବି

## ଗାଡ଼ି ଧକ୍କାରେ ଅଜଣା ଯୁବକଙ୍କ ମୃତ୍ୟୁ

ସୋର, ୨୮।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଅଜଣା ଯୁବକଙ୍କର ମୃତ୍ୟୁ ହୋଇଯାଇଛି। ଆଜି ମଧ୍ୟାହ୍ନରେ ଉକ୍ତ ସ୍ଥାନରେ ଯୁବକ ଜଣଙ୍କ ଇତଃସ୍ତତ ହୋଇ ଜାତୀୟ ରାଜପଥ ଉପରେ ବୁଲୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା।ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ ତାଙ୍କ ଶବକୁ ଚିହ୍ନଟ ପାଇଁ ୯୬ ଘଣ୍ଟା ପର୍ଯ୍ୟନ୍ତ ଶବ ଗୃହରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଟାକ୍ସ କଲେକ୍ଟରଙ୍କୁ ଏକ ସଙ୍ଗରେ ଦୁଇ ଜାଗାକୁ ବଦଳି ନିର୍ଦ୍ଦେଶ!

- ବାଲେଶ୍ୱର ପୌରପାଳିକା ଟାକ୍ସ କଲେକ୍ଟରଙ୍କ ନିର୍ଦ୍ଦେଶକୁ ନେଇ ଦ୍ୱନ୍ଦ୍ୱ

ବାଲେଶ୍ୱର, ୨୮।୫(ସମିସ): ବାଲେଶ୍ୱର ମ୍ୟୁନିସିପାଲିଟିର ଟାକ୍ସ କଲେକ୍ଟର ବିଶିକେଶନ ନାୟକଙ୍କୁ ଏକସାଙ୍ଗରେ ଜଳେଶ୍ୱର ଓ ରାଇରଙ୍ଗପୁର ମ୍ୟୁନିସିପାଲିଟିକୁ ବଦଳି କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ଟାକ୍ସ କଲେକ୍ଟରଙ୍କ ବଦଳି ନିର୍ଦ୍ଦେଶ ବାହାର କରାଯାଇଛି। ଯେଉଁଥିରେ ବାଲେଶ୍ୱର ପୌରପାଳିକାର ଜଣେ କର୍ମଚାରୀଙ୍କୁ ଏକା ସମୟରେ ଦୁଇଟି ଭିନ୍ନ ସ୍ଥାନରେ ଦାୟିତ୍ୱ ଦିଆଯାଇଛି। ଜଣେ କର୍ମଚାରୀଙ୍କୁ ଏକାସାଙ୍ଗରେ ସ୍ଥାୟୀ ପୋଷ୍ଟିଂ ଦେବା ପ୍ରଶାସନିକ ନିୟମ ଅନୁଯାୟୀ ସମ୍ଭବ ନୁହେଁ। ବଦଳି ସମ୍ପର୍କିତ କାଗଜପତ୍ରରେ ବିଶିକେଶନ ନାୟକଙ୍କ ନାମରେ ଉଭୟ ଜଳେଶ୍ୱର ଓ ରାଇରଙ୍ଗପୁର ମ୍ୟୁନିସିପାଲିଟିର ନାଁ ଉଲ୍ଲେଖ ହୋଇଛି। ତେବେ ଏହା ପ୍ରଶାସନିକ ସ୍ତରରେ ଟାଇପିଂ ତ୍ରୁଟି ହୋଇପାରେ ବୋଲି ଅନୁମାନ କରାଯାଉଛି। କିଛି କ୍ଷେତ୍ରରେ ଗୋଟିଏ ଜାଗାକୁ ବଦଳି କରି ଅନ୍ୟ ଜାଗାର ଅତିରିକ୍ତ ଦାୟିତ୍ୱ ଦିଆଯାଏ। ହେଲେ ନିର୍ଦ୍ଦେଶରେ ତାହା ସ୍ପଷ୍ଟ ଭାବେ ଉଲ୍ଲେଖ ହେବା ଆବଶ୍ୟକ। ଏନେଇ ବାଲେଶ୍ୱର ମ୍ୟୁନିସିପାଲିଟି କିମ୍ବା ନଗର ଉନ୍ନୟନ ବିଭାଗ ପକ୍ଷରୁ ଏଯାଏଁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ଜଣେ କର୍ମଚାରୀଙ୍କୁ ଦୁଇ ଜାଗାରେ ସ୍ଥାୟୀ ପୋଷ୍ଟିଂ ଦିଆଯାଇ ନପାରେ ବୋଲି ପ୍ରଶାସନିକ ଅଧିକାରୀମାନେ କହୁଛନ୍ତି। ଏଭଳି ଦ୍ୱନ୍ଦ୍ୱପୂର୍ଣ୍ଣ ନିର୍ଦ୍ଦେଶ ତୁରନ୍ତ ସଂଶୋଧନ କରି ସ୍ପଷ୍ଟ ସୂଚନା ଦେବାକୁ ସାଧାରଣରେ ଦାବି ହେଉଛି। ଏବାବଦରେ ବାଲେଶ୍ୱର ପୌରପାଳିକା ନିର୍ବାହୀ ଅଧିକାରୀ ସିରିୟଲ ପଟେଲଙ୍କୁ ପଚାରିବାରୁ କହିଥିଲେ ଯେ' ଏହା ଭୁଲବଶତଃ ହୋଇଛି। ଜଣଙ୍କୁ ଦୁଇଟି ଜାଗାକୁ ବଦଳି କରିବା ସମ୍ଭବ ନୁହେଁ'।

## ଯମୁନାଶୁଳ ବେଳାଭୂମିରେ ସ୍ଥାୟୀ ପୋଲ ନିର୍ମାଣ ଦାବି

ଲଙ୍ଗଳେଶ୍ୱର, ୨୮।୫(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଯମୁନାଶୁଳ ସମୁଦ୍ର ବେଳାଭୂମି ଯିବା ପାଇଁ ଫୁଟା ନାଳ ଉପରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏଯାଏଁ କିଛି ସୁଫଳ ମିଳିଲା ନାହିଁ। ପାଞ୍ଚ ବର୍ଷ ପୂର୍ବରୁ ପୂର୍ବତନ ସରପଞ୍ଚ ମନ୍ମଥ କୁମାର ଗିରି ନିଜ ଉଦ୍ୟମ ରେ ଏକ କାଠ ପୋଲ ନିର୍ମାଣ କରିଥିଲେ। ସେଇ ପୋଲ ଉପରେ ହାଜର ହଜାର ପର୍ଯ୍ୟଟକ ଯାତାୟାତ କରନ୍ତି। ଏଇ ବେଳାଭୂମି ଓଡ଼ିଶାର ସୁନ୍ଦର ମନୋରମ ବେଳାଭୂମି ମଧ୍ୟରୁ ଅନ୍ୟତମ। ପ୍ରତିଦିନ ଏଇ ବେଳାଭୂମିକୁ ହଜାର ହଜାର ପର୍ଯ୍ୟଟକ ଆସନ୍ତି। ଏହା ବ୍ୟତୀତ ସମୁଦ୍ରକୁ ମାଛ ମାରିବା ପାଇଁ ମତ୍ସ୍ୟଜୀବୀ, ଝାଉଁ ବଣକୁ ଜାଳେଣି ଆଣିବା ପାଇଁ ବହୁ ଲୋକ ପ୍ରତିଦିନ ଏଇ ପୋଲ ଉପରେ ନିର୍ଭର କରନ୍ତି। ଦୀର୍ଘ ପନ୍ଦର ବର୍ଷ ତଳେ ସମୁଦ୍ର ଜୁଆର ଓ ଢେଉ ରେ ଏଇ ଫୁଟା ନାଳ ଟି ସୃଷ୍ଟି ହୋଇଥିଲା। ଯାହାକି ବେଳାଭୂମିକୁ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ।ପ୍ରଥମେ ବାଉଁଶ ପୋଲ ନିର୍ମାଣ ହୋଇ ଥିଲା। ସେଥିରେ ବହୁ ପିଲା, ବୃଦ୍ଧ, ଏବଂ ସ୍ତ୍ରୀ ଲୋକ ମାନେ ପାଣିକୁ ଖସିପଡ଼ିବା ର ଅଭିଯୋଗ ହେବାରୁ ପରେ ଏଇ ଅସ୍ଥାୟୀ କାଠ ପୋଲ ନିର୍ମାଣ ହୋଇଥିଲା। ଦୁଇ କିମି ଓସାର ୧୦କିମି ଲମ୍ବ ବିଶିଷ୍ଟ ଏଇ ବେଳାଭୂମି ରେ ଚାରି ଚକିଆ ଯାନ ଚଳାଇ ବାର ମଜା ପର୍ଯ୍ୟଟକମାନେ ଉଠାନ୍ତି। କିନ୍ତୁ ନଦୀରେ ପକ୍କା ପୋଲ ନ ଥିବାରୁ ଦୁଇ ଚକିଆ ଯାନ ମଧ୍ୟ ଏକ କିମି ଦୂରରୁ ରଖି ଚାଲି ଚାଲି ଯିବା ଆସିବା କରନ୍ତି। ଖୁବ୍ ଶୀଘ୍ର ଏଠାରେ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ରବୀନ୍ଦ୍ର ମହାନ୍ତି, ଅନନ୍ତ ଦାସ, ଝଡେଶ୍ୱର ସାମନ୍ତ ରାୟ ପ୍ରମୁଖ ଦାବି କରିଛନ୍ତି।



- ଷ୍ଟ୍ରିଟ ଲାଇଟ୍ ମରାମତି ବେଳେ ବିଦ୍ୟୁତ୍ ଖୁଣ୍ଟରୁ ତଳେ ପଡ଼ି କର୍ମଚାରୀ ମୃତ

## ପୌର ପରିଷଦ ଆଗରେ ମୃତଦେହ ରଖି ଧାରଣା



ଜଳେଶ୍ୱର, ୨୮।୫ (ସମିସ): ଜଳେଶ୍ୱର ପୌରାଞ୍ଚଳରେ ସୂରିୟା ରଶ୍ମି ସଂସ୍ଥା ତରଫରୁ କାର୍ଯ୍ୟରତ ଥିବା କର୍ମଚାରୀ ଦୈତାରୀ ଜେନାଙ୍କ ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ମୃତ୍ୟୁ ହୋଇଯାଇଛି। ଯାହାକୁ ନେଇ ପରିବାର ଓ ଗ୍ରାମବାସୀଙ୍କ ତରଫରୁ ପୌରପରିଷଦ ସମ୍ମୁଖରେ ମୃତଦେହ ରଖି ଧାରଣା ଅନୁଷ୍ଠିତ ହୋଇଛି। ଘଟଣାନୁଯାୟୀ ପୌରପରିଷଦ ପକ୍ଷରୁ ସୂରିୟା ରଶ୍ମି ସଂସ୍ଥା ତରଫରୁ ବିଭିନ୍ନ ବିଦ୍ୟୁତ୍ କାର୍ଯ୍ୟ କରିବା ପାଇଁ ଜଳେଶ୍ୱର ଥାନା ଆମ୍ବୁଲିଅଠା ଗ୍ରାମର ବସନ୍ତ ଜେନାଙ୍କ ପୁତ୍ର ସାନପୁଅ ଦୈତାରୀ ଜେନା(୫୨) କାର୍ଯ୍ୟରତ ଥିଲେ। ଆଜି ପୌରାଞ୍ଚଳର ୫ନଂ ୱାର୍ଡ ଚୈତନ୍ୟ ସାହୁ ଗଳି ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଉଠି କାର୍ଯ୍ୟକରୁଥିବା ବେଳେ ଖୁଣ୍ଟରୁ ଖସି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଓ ସହ କର୍ମଚାରୀ ମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜଳେଶ୍ୱର ଜି.କେ. ଭଟ୍ଟର ହସପିଟାଲକୁ ନେଇଯାଇଥିଲେ। ଅଧିକ ଗୁରୁତର ହୋଇଥିବାରୁ ତାଙ୍କୁ ବାଲେଶ୍ୱର ସଦର ହସପିଟାଲକୁ ନେଇ ଯାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନରସିଂହପୁର ସରପଞ୍ଚ ରାଜେଶ ଜେନାଙ୍କ ନେତୃତ୍ୱରେ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ପୌର ପରିଷଦ ସମ୍ମୁଖରେ ତାଙ୍କର ମୃତ ଦେହ ରଖି ଧାରଣାରେ ବସିଥିଲେ। ବିନା ସୁରକ୍ଷା ବେଲ୍ଟରେ କର୍ମଚାରୀମାନଙ୍କୁ କାର୍ଯ୍ୟ କରିବା ପାଇଁ କାହିଁକି ଦେଇଥିଲା ତେଣୁ ପରିଷଦ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ମୃତ ବ୍ୟକ୍ତିର ପରିବାର ପ୍ରତିପୋଷଣ କରିବାର ସ୍ଥାୟୀ ସମାଧାନ ଦାବି କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

## ସମ୍ବର୍ଦ୍ଧିତ ହେଲେ ଟୁଇଟର ମ୍ୟାନ୍ ତରୁଣ ଜେନା

ବାଲେଶ୍ୱର, ୨୮।୫ (ସମିସ): ତୁରଣ କୁମାର ଜେନା ପ୍ରତିଦିନ ଟୁଇଟର ବା 'ଏକ୍ସ' ଜରିଆରେ ଦୁଃଖୀ, ଦରିଦ୍ର ଏବଂ ଅସହାୟ ଲୋକଙ୍କର ଶହ ଶହ ସମସ୍ୟାର ସମାଧାନ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସାମାଜିକ ଅନୁଷ୍ଠାନ 'ଆଟା' (ଆସୋସିଏସନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟ) ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚମ ବାର୍ଷିକ ସମ୍ମିଳନୀ ଓ ପ୍ରଶିକ୍ଷଣ କର୍ମଶାଳା ତରଫରୁ ବାଲିଆପାଳ ବ୍ଲକରୁ ତୁରଣ କୁମାର ଜେନା (୨୬)ଙ୍କୁ ଉତ୍ତମ ଟୁଇଟର ମ୍ୟାନ୍ ଭାବେ ସମ୍ବର୍ଦ୍ଧନା କରାଯାଇଛି। 'ଆଟା'ର ଉପ ସଭାପତି ତରୁଣଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଅସ୍ତି ପଞ୍ଚାୟତ ଅନ୍ତର୍ଗତ ସୂର୍ଯ୍ୟାପୁର ଗ୍ରାମର ପିତା ଧୀରେନ୍ଦ୍ର ଜେନା ଓ ମାତା ଝୁନାମଣି ଜେନାଙ୍କ ପୁତ୍ର ତରୁଣ। ଦୁଇ ବର୍ଷ ଭିତରେ ସେ ପାଖାପାଖି ୧୫ ଶହ ସମସ୍ୟା ଟୁଇଟ୍ କରିଥିବା ବେଳେ ସେଥିମଧ୍ୟରୁ ୭ ଶହ ସମସ୍ୟାର ସମାଧାନ କରିଥିବା 'ଆଟା' ପକ୍ଷରୁ ସୂଚନା ଦିଆଯାଇଛି। 'ଆଟା' ର କର୍ମକର୍ତ୍ତା ସାରା ରାଜ୍ୟରେ କାମ କରୁଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ କୋଡିନେଟର ଭାବେ ତରୁଣ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ସ୍ଥାନୀୟ ଅଞ୍ଚଳର ପାନୀୟ ଜଳ, ଭତ୍ତା, ରାସନ, ରାସ୍ତା, ଆବାସ ଗୃହ ପରି ଅନେକ ସମସ୍ୟା ସମାଧାନ କରିସାରିଲେଣି।




## ନରୋତ୍ତମ ମାହାନାଙ୍କ ଶ୍ରଦ୍ଧାଞ୍ଜଳି ସଭା



କାଳିପଦା, ୨୮।୫ (ସମିସ): ବାଲିଆପାଳ ପଞ୍ଚାୟତର କଟୁଆପଡ଼ା ଗ୍ରାମାର ନରୋତ୍ତମ ମାହାନାଙ୍କ ବାସ ଭବନରେ ବୁଧବାର ସଂଧ୍ୟାରେ ବାଲିଆପାଳ ବ୍ଲକର ବାରିକ ସଂଘର ସଭାପତି ତଥା ବାଲିଆପାଳ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ନରୋତ୍ତମ ମାହାନାଙ୍କ ଏକାଦଶାହ କ୍ରିୟା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଡ ପୁଅ ସୁବାଷ ଚନ୍ଦ୍ର ମାହାନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ, ବାଲିଆପାଳ ବ୍ଲକ କଂଗ୍ରେସ ଯୁବ ନେତା ସୁବାସ ନାୟକ, ଗୌରାଙ୍ଗ ସାହୁ, ତପନ ନାୟକ, ଗୋପାଳ ଚନ୍ଦ୍ର ଜେନା, ବେଣୁଧର ପ୍ରମାଣିକ, ମନୋରଞ୍ଜନ ସାହୁ, ବଟକୃଷ୍ଣ ମହାନ୍ତି, ରମିତ ନାୟକ, ନଟବର ଦାସ, ଚକ୍ରଧର କାମିଲା, ସୁଶାନ୍ତ କୁମାର ରଣାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ମାହାନାଙ୍କ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଝିଅ କନକଲତା ମାହାନା, ମଝିଆ ପୁଅ ସୁଶାନ୍ତ କୁମାର ମାହାନା, ସାନ ପୁଅ ସନ୍ତୋଷ କୁମାର ମାହାନାଙ୍କ ସହିତ ମନୋରଞ୍ଜନ ନାୟକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ବସ୍ତାରେ ଖୋଲିଲା ଦୁଇ ଧାନମଣ୍ଡି

ରାଜଘାଟ, ୨୮।୫ (ସମିସ)



### ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋଷ

ଚଳିତ ବର୍ଷ ରବିଧାନ ପାଇଁ ବସ୍ତା ବ୍ଲକ ମିଶନ ଶକ୍ତି ବିଭାଗର କୁଳିଦା ପଞ୍ଚାୟତସ୍ତରୀୟ ମହାସଂଘ ପକ୍ଷରୁ କମ୍ପାନୀ ପଡ଼ିଆରେ ସୋମବାର ଧାନମଣ୍ଡି ଖୋଲିଛି। ମାତ୍ର ଉଦଘାଟନ ଦିନରୁ ହିଁ ମଣ୍ଡିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମୌଳିକ ସୁବିଧା ଅଭାବ, ଟାର୍ଗେଟ କମ ଓ ବେପାରୀଙ୍କ ମନମାନି ଯୋଗୁଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସନ୍ତୋଷପୁର ଓ ଅମର୍ଦ୍ଦାରୋଡ ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ଏହି ମଣ୍ଡିରେ ୪୧୭ ଚାଷୀ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ସ୍ଥିରୀକୃତ ହୋଇଛି। ଆଜକୁ ଚାରି ଦିନ ଧରି ମଣ୍ଡି ଖୋଲିଥିବା ବେଳେ ୩୨ ଜଣ ଚାଷୀଙ୍କ ଠାରୁ ପାଖା ପାଖି ୧୨ସହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। କିନ୍ତୁ ମଣ୍ଡିରେ ପିଇବା ପାଣି, ଛାଇ ପାଇଁ ସେଡ, ଶୌଚାଳୟ କି ବିଶ୍ରାମଗୃହର ଠିକ ଭାବେ ବ୍ୟବସ୍ଥା ହୋଇନାହିଁ। ଖରାରେ ଚାଷୀମାନେ ଖୋଲା ପଡ଼ିଆରେ ଘଣ୍ଟା ଘଣ୍ଟା ଧରି ଛିଡାହୋଇ ରହିଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ସରକାର ଧାନ କ୍ୱିଣ୍ଟାଲ ପିଛା ୨,୩୬୯ଟଙ୍କା ଧାର୍ଯ୍ୟ କରିଛନ୍ତି। ହେଲେ କୁଳିଦା ମଣ୍ଡି ପାଇଁ ପ୍ରଥମ ପର୍ଯ୍ୟାୟରେ ମାତ୍ର ୨ହଜାର କ୍ୱିଣ୍ଟାଲ ଟାର୍ଗେଟ ଦିଆଯାଇଛି, ଯାହା ଅଞ୍ଚଳର ଉତ୍ପାଦନ ତୁଳନାରେ ବହୁତ କମ। ଫଳରେ ଅଧିକାଂଶ ଚାଷୀଙ୍କ ଧାନ ବିକ୍ରି ହୋଇନପାରେ ବୋଲି ଆଶଙ୍କା କରାଯାଉଛି। ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ସିସିଟିଭି, ମୌଳିକ ସୁବିଧା ଯେପରିକି ପିଇବା ପାଣି, ଶୌଚାଳୟ, ଛାଇ ପାଇଁ ସେଡ, ବିଶ୍ରାମ ଗୃହ ଆଦି ଠିକ ଭାବେ ଯୋଗାଇଦେବା ସହ ତୁରନ୍ତ ଟାର୍ଗେଟ ବୃଦ୍ଧି ପାଇଁ ଚାଷୀ ଦାବି କରିଛନ୍ତି। ସେହିପରି ସନ୍ତୋଷପୁର ସେବା ସମବାୟ ସମିତି ପକ୍ଷରୁ ରବିଧାନ କ୍ରୟ ପାଇଁ ଗତକାଲି ଧାନମଣ୍ଡି ଖୋଲିଛି। ଚଳିତ ରବି ଧାନ ବିକ୍ରି ପାଇଁ ୨୩୬ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏ ବର୍ଷ ପ୍ରାଥମିକ ପର୍ଯ୍ୟାୟରେ ଏକ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ ରହିଥିବା ସମିତି ର ସମ୍ପାଦକ ଅଞ୍ଜନ କୁମାର ଦାସ ପ୍ରକାଶ କରିଛନ୍ତି। ଆଜି ସମିତିର ସଭାପତି ସୁନିଲ୍ କୁମାର ସେନାପତି ଶ୍ରୀଫଳ ଫଟାଇ ବିଧିବଦ୍ଧ ଭାବେ ମଣ୍ଡିକୁ ଉଦଘାଟନ କରିଥିବା ବେଳେ ଆର୍ ଏମ୍ ସି ପକ୍ଷରୁ ସନ୍ତୋଷ ସାହୁ, ମିଲର ପକ୍ଷରୁ କମଳାକାନ୍ତ ସାହୁ ଓ ଧାନ କ୍ରୟ କମିଟିରେ ଥିବା ୫ ସଦସ୍ୟ ଓ ସମିତି ର ସମସ୍ତ ଡାଇରେକ୍ଟର ଉପସ୍ଥିତ ଥିଲେ। ସମିତି ପକ୍ଷରୁ ପ୍ରଥମ ଦିନରେ ୧୪ ଜଣ ଚାଷୀଙ୍କ ଠାରୁ ୨୯୩.୬୧ କୁଇଣ୍ଟାଲ ଧାନ ଧାନ କିଣାଯାଇଥିବା ସୂଚନା ମିଳିଛି।


# ସୋରରେ ଇଦ୍-ଉଲ-ଜୁହା ପାଳିତ

ସୋର, ୨୮।୫(ସମିସ): ସୋରରେ ମୁସଲିମ ସମ୍ପ୍ରଦାୟ ତରଫରୁ ଇଦ ଉଲ ଜୁହା ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଆଜି ସକାଳେ ଏହି ଅବସରରେ ଏକ ସମୂହ ନମାଜ ପୌର ପାଳିକା ଅନ୍ତର୍ଗତ ଇଦଘା ପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା। ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦର ଶୁଭେଚ୍ଛା ଜଣାଇଥିଲେ। ପଠାଣ ମହଲା ମସଜିଦର ମୌଲାନା ଶ୍ରଦ୍ଧାଳୁମାନଙ୍କୁ ନମାଜ ପାଠ କରାଇଥିଲେ। ସେହିଭଳି ସକାଳ ୯.୩୦ ରେ ପଠାଣ ମହଲା ଓ କାଜି ମହଲା ମସଜିଦରେ ନମାଜ ପାଠ କରାଯାଇଥିଲା। ନମାଜ ପାଠ ସରିବା ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଘରକୁ ଯାଇ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିଥିଲେ। ଏଥିରେ ପାର ମହଲା, ପଠାଣ ମହଲା, କାଶୀପୁର, ଖପରା ନାଳ, ଛତ୍ରପୁର, ମୋଦି ନଗର ଇଟୁଆ ଆଦି ଅଞ୍ଚଳ ଓ ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ବେଲପୁର କାନ୍ଥ ଗଡିଆ ଅଞ୍ଚଳର ମୁସଲମାନ ଭାଇ ମାନେ ବେଲପୁରରେ ନମାଜ ପାଠରେ ସାମିଲ ହୋଇଥିଲେ। ନମାଜ ପାଠ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୪ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ କରାଯିବା ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ନମାଜ ପାଠ ଶେଷ ହେବା ପରେ ଡାକ୍ତରଖାନା ଛକରେ ରାସ୍ତା ଜାମ କାରଣରୁ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର ଓ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ହସ୍ତକ୍ଷେପ ପରେ ପରିବେଶ ଶାନ୍ତ ପଡ଼ିଥିବା ଜଣାପଡ଼ିଛି। ଏହି ଅବସରରେ ସନ୍ଧ୍ୟାରେ ବିଭିନ୍ନ ସାହିରୁ ୭ ଟି ଆଖଡ଼ା ଦଳ ଶୋଭାଯାତ୍ରା ପ୍ରଦର୍ଶନ କରିଥିଲେ। ଏହାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ବାଲେଶ୍ୱର ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯୋଗେଶ୍ୱର ଓରାମଙ୍କ ନେତୃତ୍ୱରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଡିଏସପି ତପସ୍ୱିନୀ କହଁର, ବାମଦେବ ନନ୍ଦ, ବସ୍ତା ଏସଡିପିଓ ସୂଚିତ୍ର ବେହେରା, ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାସ, ଖନ୍ତାପଡ଼ା ଆଇଆଇସି ଅନୁରାଗ ମହାନ୍ତି, ସିମୁଳିଆ ଥାନାଧିକାରୀ ଦେବରାଜ ଜେନା, ଖଇରା ଥାନାଧିକାରୀ ଜନ ପଟ୍ଟନାୟକ, ଔପଦା ଥାନାଧିକାରୀ ପ୍ରମୋଦ କୁମାର ଦାସଙ୍କ ସମେତ ବିଭିନ୍ନ ଥାନାର ୨୫ରୁ ଅଧିକ ଅଧିକାରୀ ସହ ୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି।



ସକାଳ
THE SAKALA

# ସମ୍ପାଦକୀୟ



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।

-ଆଦାମ ସ୍ମିଥ୍

## ରାଜନୀତିରେ ବଢୁଛି, ଅର୍ଥନୀତିରେ ଛିଡୁଛି

ରାଜନୀତିରେ ଭାରତ ସମ୍ପ୍ରତି ବିଶ୍ୱର ଅନ୍ୟ ରାଷ୍ଟ୍ର ତୁଳନାରେ(ଯୁଦ୍ଧଗ୍ରସ୍ତ ରାଷ୍ଟ୍ର ବ୍ୟତୀତ) ଅଧିକ ଚଳଚଞ୍ଚଳ। ନିଟ୍ ପ୍ରଶ୍ନପତ୍ର ପ୍ରଘଟ, ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମୂଲ୍ୟାୟନରେ ଅନିୟମିତତା, ଏସ୍ଆଇଆର, ଜନପ୍ରତିନିଧିଙ୍କ ଅପ୍ରତ୍ୟାଶିତ ଦଳବଦଳ ଆଦି ଅନେକ ଘଟଣା ଜାତୀୟ ରାଜନୀତିକୁ ଉଷ୍ମ କରି ରଖିଛି। ଇତିମଧ୍ୟରେ ଦେଶରେ ବୃଦ୍ଧି ପାଉଥିବା ବ୍ୟବସାୟଗତ ବିଭ୍ରାଟର ପ୍ରତିବାଦରେ 'କକ୍ରୋଚ୍ ଜନତା ପାର୍ଟି'(ସିଜେପି)'ର ଭର୍ଚୁଆଲ୍ ଉଦ୍‌ଭବ ଗଣତନ୍ତ୍ରରେ କମ୍ପନ ସୃଷ୍ଟି କରିଛି। ରାଜନୀତିରେ ମୁଖର ଭାରତୀୟ ଗଣମାଧ୍ୟମ କିନ୍ତୁ ଦେଶର ଦୋଳାୟମାନ ଅର୍ଥନୀତି ପ୍ରସଙ୍ଗରେ ଯେତେ ତତ୍ପର ହେବା କଥା ତାହା ପରିଲକ୍ଷିତ ହେଉନାହିଁ।

ଭାରତର ଅର୍ଥନୀତି କ୍ରମଶଃ ମନ୍ଥର ଗତିରେ ରସାତଳଗାମୀ ହେଉଛି ବୋଲି ଅର୍ଥନୀତି ବିଶାରଦମାନେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ନିରାଧାର ନୁହେଁ। କେବଳ ମଧ୍ୟପ୍ରାଚ୍ୟ ଯୁଦ୍ଧ କିମ୍ବା ରୁଷ-ୟୁକ୍ରେନ୍ ଯୁଦ୍ଧକୁ ଏଥିପାଇଁ ଦାୟୀ କରି ସରକାର ନିଜ ଉତ୍ତରଦାୟିତ୍ୱରୁ ଓହରି ପାରିବେ ନାହିଁ। ଭାରତରେ ଅର୍ଥନୀତିର ଏହି ଅଧୋଗତି ପାଇଁ ଆଗକୁ ଏଲ୍ ନିନୋର ପ୍ରଭାବ ହୁଏତ ସରକାରଙ୍କ ପାଇଁ ବାହାନାର ଆଉ ଏକ ଢାଲ ରୂପେ ଉଭା ହୋଇପାରେ। କିନ୍ତୁ ବାସ୍ତବତା ଯେ ଯୁଦ୍ଧ ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବର ବ୍ୟାଖ୍ୟାନଠାରୁ ବହୁ ଭିନ୍ନ ତାହା ଧୀରେ ଧୀରେ ପଦାକୁ ଆସୁଛି। ପେଟ୍ରୋଲ୍ ଓ ଡିଜେଲ୍ ଦର ଦୈନିକ ବଢ଼ି ଚାଲିଛି। ଏହାର ପ୍ରଭାବ ପରିବହନ ଖର୍ଚ୍ଚରେ ପ୍ରତିଫଳିତ ହୋଇ ଦରଦାମ ଉପରେ ପ୍ରଭାବ ବିସ୍ତାର କରିବା ଆରମ୍ଭ କରିସାରିଛି। କ୍ଷୀର, ଖାଇବା ତେଲ, ପନିପରିବା, ଫଳମୂଳ ଦାମ ବଢ଼ି ଚାଲିଥିବା ବେଳେ ବେରୋଜଗାରୀ ଉତ୍କଟ ସ୍ତରରେ ପହଞ୍ଚି ସାରିଛି। ସେଭଳି କୌଣସି ଐଶ୍ୱରୀୟ ପ୍ରଭାବ କିମ୍ବା ଚମତ୍କାରିତା ବିନା ଏହି ବହୁମୁଖୀ ଜଟିଳତାରେ କବଳିତ ଭାରତର ଅର୍ଥନୀତି ନିକଟ ଭବିଷ୍ୟତରେ ସଙ୍କଟରୁ ମୁକ୍ତିଲାଭର ସମ୍ଭାବନା ନାହିଁ।

୫ଟ୍ରିଲିୟନ ଡଲାରର ଉଦଘୋଷଣା ସତ୍ତ୍ୱେ ଭାରତୀୟ ଅର୍ଥନୀତି କେଉଁ ଦିଗକୁ ଯାଉଛି ତାହାର ପୂର୍ବାନୁମାନ ବୈଦେଶିକ ଅର୍ଥନୀତିଜ୍ଞ ଓ ନିବେଶକମାନେ କିନ୍ତୁ ବହୁପୂର୍ବରୁ କରିସାରିଛନ୍ତି। ତେଣୁ ଭାରତରେ ପୁଞ୍ଜି ଲଗାଣ ହ୍ରାସ ପାଇବା ସହିତ ପୁଞ୍ଜି ପ୍ରତ୍ୟାହାର ଧାରା ବୃଦ୍ଧି ପାଉଛି। ସାଧାରଣତଃ ଯେଉଁ ଦେଶର ଅଭିବୃଦ୍ଧି ହାର ଉଚ୍ଚା ଥାଏ ସେଠାରେ ବୈଦେଶିକ ନିବେଶକମାନେ ଆକୃଷ୍ଟ ହୋଇ ଅଧିକରୁ ଅଧିକ ପୁଞ୍ଜି ନିବେଶ କରନ୍ତି। କିନ୍ତୁ ଭାରତରେ ତାହାର ବିପରୀତ ଘଟିଛି। ୨୦୨୧-୨୦୨୪ ମଧ୍ୟରେ ଭାରତର ଅର୍ଥନୀତି ବିଶ୍ୱରେ ସର୍ବାଧିକ ବେଗରେ(୮.୨% ହାରରେ) ବଢ଼ିଥିବା ସରକାରୀ କାଗଜପତ୍ରରେ ଉଲ୍ଲେଖ ରହିଛି। ଏହି ପ୍ରଦର୍ଶନରେ ଭାରତ ଆମେରିକା, ଚୀନ୍, ୟୁକେ, ଜାପାନ ଆଦି ଦେଶକୁ ମଧ୍ୟ ପଛରେ ପକାଇ ଦେଇଥିଲା। ଅଥଚ ଏହି ସମୟ ଭିତରେ ବୈଦେଶିକ ପୁଞ୍ଜିର ଅନ୍ତଃସ୍ରୋତ ଉଦ୍‌ବେଗଜନକ ଭାବେ ହ୍ରାସ ପାଇଚାଲିଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥଶକ୍ତି ଉଦ୍‌ଘୋଷିତ ଭାରତକୁ ମାତ୍ର ୭୭୫ କୋଟି ଡଲାରର ପୁଞ୍ଜି ଆସିଥିଲା। ୨୦୦୮-୦୯ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ପ୍ରଦର୍ଶନ ଭାରତ ପାଇଁ ସବୁଠାରୁ ନୈରାଶ୍ୟଜନକ। ଏହାର ଠିକ୍ ପୂର୍ବବର୍ଷ ଅର୍ଥାତ୍ ୨୦୦୭-୦୮ ଆର୍ଥିକ ବର୍ଷରେ ଭାରତକୁ ବୈଦେଶିକ ପୁଞ୍ଜି ଆଗମନ ଥିଲା ୧୦୭ ୯୦ କୋଟି ଡଲାର। ତେଣୁ ବୈଦେଶିକ ନିବେଶକଙ୍କ ଦୃଷ୍ଟିରେ ଭାରତର ଅର୍ଥନୀତି ସମୟ ସହିତ ଉପରକୁ ଉଠୁଛି କି ତଳକୁ ଖସୁଛି ତାହା ଅନୁମେୟ।

ଅପରପକ୍ଷରେ ଯେଉଁମାନେ ଭାରତରେ ପୁଞ୍ଜି ନିବେଶ କରିଥିଲେ ସେମାନେ ପ୍ରତ୍ୟାହାର କରୁଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୧୮ ୫୦ କୋଟି ଡଲାରର ବୈଦେଶିକ ପୁଞ୍ଜି ପ୍ରତ୍ୟାହୃତ ହୋଇଥିବା ବେଳେ ୨୦୨୨-୨୩ରେ ୫୧୦ କୋଟି ଡଲାର, ୨୦୨୪-୨୫ରେ ୧୪୬୦ କୋଟି ଡଲାର ମୂଲ୍ୟର ପୁଞ୍ଜି ପ୍ରତ୍ୟାହାର ହୋଇଛି। ଜାତୀୟସ୍ତରର ଗଣମାଧ୍ୟମର ସୂଚନା ଅନୁଯାୟୀ ଗତ ଆର୍ଥିକବର୍ଷ(୨୦୨୫-୨୬)ରେ ଭାରତରୁ ସର୍ବକାଳୀନ ରେକର୍ଡ ୧.୮ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରାଯାଇଛି। ଅର୍ଥାତ୍ ସର୍ବନିମ୍ନ ପୁଞ୍ଜି ଆଗମନ ଓ ସର୍ବାଧିକ ପୁଞ୍ଜି ପ୍ରତ୍ୟାହାରରେ ଭାରତ ଗତ ଆର୍ଥିକ ବର୍ଷରେ ପୂର୍ବ ବର୍ଷର ସମସ୍ତ ରେକର୍ଡ ଭାଙ୍ଗି ଏକ ଅଲୋଡ଼ା କୀର୍ତ୍ତି ସ୍ଥାପନା କରିଛି। ଏହି ସମୟ ଭିତରେ ଭାରତ ସରକାର ୧୪.୮୨ ଲକ୍ଷ କୋଟି ଟଙ୍କାର ଋଣ କରିଛନ୍ତି।

ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଘୋଷଣା ସତ୍ତ୍ୱେ ଭାରତର ଅର୍ଥନୀତି ଉପରେ ବୈଦେଶିକ ନିବେଶକ ଆସ୍ଥା ହରାଇବାର କାରଣ କ'ଣ ହୋଇପାରେ? ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଭାରତର 'ବାଲାନ୍ସ ଅଫ୍ ପେମେଣ୍ଟ'ର ଚିତ୍ର ସାମ୍ନାକୁ ଆସୁଛି। ୨୦୦୭-୦୮ ତୁଳନାରେ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ୨୦୨୫-୨୬ରେ ପ୍ରାୟ ଚାରିଗୁଣ ବୃଦ୍ଧି ପାଇ ୩୩, ୩୧୯ କୋଟି ଡଲାରରେ ପହଞ୍ଚିଛି। ପ୍ରବାସୀ ଭାରତୀୟଙ୍କଠାରୁ ଭାରତରେ ରହୁଥିବା ସେମାନଙ୍କ ପରିବାର ଓ ସମ୍ପର୍କୀୟଙ୍କ ପାଖକୁ ଡଲାର ଆକାରରେ ଯେଉଁ ବିପୁଳ ଅନ୍ତଃସ୍ରୋତ ସୃଷ୍ଟି ହୋଇଥିଲା ତାହା ମଧ୍ୟ ଯୁଦ୍ଧର ପ୍ରଭାବରେ ଶୁଖିବା ଆରମ୍ଭ କରିଛି। 'ବାଲାନ୍ସ ଅଫ୍ ପେମେଣ୍ଟ'ରେ ଏହା ମଧ୍ୟ ପ୍ରତିଫଳିତ ହୋଇଛି। ଏ ସବୁର ସାମଗ୍ରିକ ପ୍ରଭାବରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇଚାଲିଛି ଏବଂ ଆଗକୁ ଆହୁରି ହ୍ରାସ ପାଇବ ବୋଲି ବୈଦେଶିକ ପୁଞ୍ଜି ନିବେଶକମାନେ ଯାହା ଅନୁମାନ କରିଥିଲେ ତାହା ଏବେ ସତ ସାବ୍ୟସ୍ତ ହୋଇଛି। ଭାରତରେ ବୈଦେଶିକ ପୁଞ୍ଜି ନିବେଶ ମୁଖ୍ୟତଃ କୋଠାବାଡ଼ି ନିର୍ମାଣ, ଇ-କମର୍ସ, ବିତ୍ତୀୟ ସେବା, ସବୁଜ ଶକ୍ତି ଓ ଖୁଚୁରା ବ୍ୟବସାୟ କ୍ଷେତ୍ରରେ ହୋଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ଖସିଚାଲି ଲାଭାଂଶ ଖୁବ୍ କମ୍ ହେଉଥିବାରୁ ନିବେଶକମାନେ ଭାରତୀୟ ଅଂଶଧନ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିନେଉଛନ୍ତି। ଏହାଛଡ଼ା ଛଟେଇ ବୃଦ୍ଧି ପାଉଛି ଏବଂ ନିଯୁକ୍ତି ବଜାର ସଂକୁଚିତ ହୋଇଚାଲିଛି। ଦରଦାମ ବଢ଼ି ଚାଲିଛି। ତେଣୁ ଲୋକଙ୍କ ହାତରୁ ଖର୍ଚ୍ଚ କରିବାର କ୍ଷମତା କମୁଛି। ଅର୍ଥନୀତିର ଯେଉଁ ଅଭିବୃଦ୍ଧି ଘଟିଛି ତାହାର ସୁଫଳ କେବଳ ଜନସଂଖ୍ୟାର ଉଚ୍ଚବର୍ଗରେ ଥିବା ୫%ଙ୍କ ପାଖରେ ସୀମିତ ରହିଯାଇଛି। ଏହାକୁ କିନ୍ତୁ ସତର୍କତା ଓ ଖୁବ୍ ନିକଟରୁ ନିବେଶକମାନେ ପରଖି ପାରିଛନ୍ତି।

ପରିସଂଖ୍ୟାନ ବା କାଗଜପତ୍ରରେ ଅତିରଞ୍ଜିତ ତଥ୍ୟର ବେଗ କ୍ଷୀପ୍ର ହୋଇପାରେ; କିନ୍ତୁ ଅଧିକ ବାଟ ଚାଲିବାର କ୍ଷମତା ରଖେ ନାହିଁ। ଭାରତୀୟ ଅର୍ଥନୀତି ଏବେ ଏହି ଦଶା ଭୋଗୁଛି। କ୍ଷମତା ରାଜନୀତିର ତୁମ୍ବିତୋଫାନରେ ଅର୍ଥନୀତିକୁ ଯେଉଁଭଳି ଭାବେ ବଢ଼ାଇ ଚଢ଼ାଇ ପ୍ରଦର୍ଶନ କରାଯାଇଥିଲା ତାହାର ବାସ୍ତବତା ଏବେ ଧୀରେ ଧୀରେ ବିଶ୍ୱ ଦରବାରରେ ସାମ୍ନାକୁ ଆସୁଛି। ଥରେ ଭରସା ତୁଟିଗଲେ ଫେରିପାଇବା କଷ୍ଟକର। ବୈଦେଶିକ ପୁଞ୍ଜି ବିନା କୌଣସି ଦେଶର ଅର୍ଥନୀତି ବେଗବାନ୍ ହୋଇପାରିବ ନାହିଁ। ତେଣୁ ସେ ଦିଗରେ ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାର ସମୟ ଆସିଛି। ଦେଶର ଭବିଷ୍ୟତ ପିଢ଼ିର କଲ୍ୟାଣ ଲାଗି ରାଜନୀତି ପାଇଁ ଅର୍ଥନୀତି ବଳି ନ ପଡୁ।

## ଏଲ୍ ନିନୋ: ପ୍ରଭାବ ଓ ପ୍ରତିକାର

ଡକ୍ଟର ପ୍ରମୋଦ କୁମାର ପଣ୍ଡା

ପେରୁ ଦକ୍ଷିଣ ଆମେରିକା ମହାଦ୍ୱୀପର ପଶ୍ଚିମ ଦିଗରେ ଅବସ୍ଥିତ ପ୍ରଶାନ୍ତ ମହାସାଗର ତଟବର୍ତ୍ତୀ ଏକ ସମୃଦ୍ଧ ଦେଶ। କୃଷି, ଖନନ ଓ ମତ୍ସ୍ୟପାଳନ ପେରୁବାସୀଙ୍କ ମୁଖ୍ୟ ଜୀବିକା। ସପ୍ତଦଶ ଶତାବ୍ଦୀରେ ପେରୁର ମତ୍ସ୍ୟଜୀବୀମାନେ ସମୁଦ୍ରର ଉପରି ଭାଗ ଜଳ ଡିସେମ୍ବର ମାସରେ ଅଚାନକ ଉତ୍ତପ୍ତ ରହୁଥିବା ଲକ୍ଷ୍ୟ କରିଥିଲେ। ଏହି ପରିବର୍ତ୍ତନ ପ୍ରତିବର୍ଷ ହେଉ ନ ଥିଲା। ବଡ଼ଦିନ ପାଖାପାଖି ଏଭଳି ହେଉଥିବାରୁ ସେମାନେ ଏହାର ନାମ 'ଏଲ୍ ନିନୋ' ରଖିଥିଲେ। ସ୍ପେନିସ ଭାଷାରେ 'ଏଲ୍ ନିନୋ'ର ଅର୍ଥ 'ଛୋଟ ଶିଶୁ' ବା 'ଯୀଶୁ'। ଊନବିଂଶ ଶତାବ୍ଦୀରେ ପାଣିପାଗ ବିଶେଷଜ୍ଞ 'ଏଲ୍ ନିନୋ' ଉପରେ ଅନୁଧ୍ୟାନ ଆରମ୍ଭ କରିଥିଲେ ଏବଂ ବୈଶ୍ୱିକ ପାଣିପାଗ ଉପରେ ଏହାର ପ୍ରଭାବ ଜାଣିବାକୁ ପାଇଥିଲେ।

ପ୍ରଶାନ୍ତ ମହାସାଗର ପୃଥିବୀର ସବୁଠୁ ବଡ଼ ଓ ଗଭୀର। ଏହାର ପୂର୍ବ ଓ କେନ୍ଦ୍ରାଞ୍ଚଳରେ ସାଧାରଣତଃ ଥଣ୍ଡା ପାଣି ରୁହେ। ଅଚାନକ ଏହା ଗରମ ହୁଏ। ସମଗ୍ର ବିଶ୍ୱର ଗ୍ରୀଷ୍ମପ୍ରବାହ ଓ ପାଣିପାଗ ପ୍ରଭାବିତ ହୁଏ। ପ୍ରଶାନ୍ତ ମହାସାଗର ଉପରେ ପବନ ପୂର୍ବରୁ ପଶ୍ଚିମକୁ ବହେ। ଏହାକୁ 'ଟ୍ରେଡ୍ ଉଇଣ୍ଡ' କୁହାଯାଏ। ଏହା ଅଧିକାଂଶ ସମୟରେ ଆମେରିକାରୁ ଏସିଆ ଓ ଅଷ୍ଟ୍ରେଲିଆ ଆଡ଼କୁ ବହେ। ତେଣୁ ପ୍ରଶାନ୍ତ ମହାସାଗରର ସମୁଦ୍ରପୃଷ୍ଠ ଜଳ ମଧ୍ୟ ପଶ୍ଚିମ ଦିଗରେ ବହେ। ଫଳତଃ, ପୂର୍ବ ଦିଗରେ ଦକ୍ଷିଣ ଆମେରିକା ପାଖରେ ସମୁଦ୍ରର ଭିତର ପାଣି ଉପରକୁ ଉଠେ। ଏହି ପାଣି ତୁଳନାତ୍ମକ ଭାବେ ଅଧିକ ଥଣ୍ଡା ଥାଏ। ପଶ୍ଚିମ ଦିଗକୁ ବିସ୍ତାରିତ ଗରମ ପାଣି ବାଷ୍ପୀକରଣ ହୋଇ ବାଦଲ ସୃଷ୍ଟି କରେ ଏବଂ ଅଷ୍ଟ୍ରେଲିଆ ପାଖରେ ବର୍ଷା କରାଏ। ଯଦି 'ଟ୍ରେଡ୍ ଉଇଣ୍ଡ' ଦୁର୍ବଳ ହୁଏ ତେବେ ବାୟୁ ଜୋରରେ ବହେ ନାହିଁ। ଥଣ୍ଡା ପାଣି ଉପରକୁ ଆସେ ନାହିଁ। ସମୁଦ୍ର ପୃଷ୍ଠରେ ନିରନ୍ତର ଗରମ ପାଣି ରୁହେ। ପ୍ରଶାନ୍ତ ମହାସାଗର ଭିତରେ କେଉଁଠି ବି ବର୍ଷା ହୋଇଯାଏ। ଏହି ପ୍ରାକୃତିକ ପ୍ରକ୍ରିୟାକୁ 'ଏଲ୍ ନିନୋ' କୁହନ୍ତି। ଏହା ଏକ ଚକ୍ର ସଦୃଶ କାମ କରେ। ଦୁଇ, ଚାରି, ସାତ ବର୍ଷ ପରେ କେବେ ବି ଆସେ। ଆସିଲେ ଏହା ଛଅରୁ ବାର ମାସ ଏବଂ ବେଳେବେଳେ ନଅ ମାସରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଲେ। ଏହି ଅବଧିରେ ବିଶ୍ୱର ପାଗର ଗତିବିଧି ବଦଳି ଯାଏ। ଅଷ୍ଟ୍ରେଲିଆ ଅଞ୍ଚଳରେ କମ୍ ବର୍ଷା ହୁଏ। ଶୁଖା ପଡ଼େ। ବୁଶଫାୟାର ଦେଖିବାକୁ ମିଳେ। ଏହା ଦକ୍ଷିଣ ପୂର୍ବ ଓ ଭାରତକୁ ମଧ୍ୟ ପ୍ରଭାବିତ କରେ। ଶୁଖିଲା ଅବସ୍ଥା ସୃଷ୍ଟି କରେ। ଦୁର୍ବଳ ମୌସୁମୀ ଓ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳେ।

୧୮୭୭ ମସିହାରେ 'ଏଲ୍ ନିନୋ' ଯୋଗୁଁ ବ୍ରିଟିଶ ଇଣ୍ଡିଆର ମାଡ୍ରାସ ପ୍ରେସିଡେନ୍ସିରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ଚୀନରେ ଦୁଇକୋଟିରୁ ତିନିକୋଟି, ବ୍ରାଜିଲରେ ୨୦ ଲକ୍ଷ ଲୋକ ମରିଥିଲେ। ଇଜିପ୍ଟ, ମରକ୍କୋ, ଇଥିଓପିଆ, ଦକ୍ଷିଣ ଆଫ୍ରିକା ଆଦି ଅଞ୍ଚଳରେ ମଧ୍ୟ ଲୋକଙ୍କ ଅକାଳ ମୃତ୍ୟୁ ଘଟିଥିଲା। ସାମଗ୍ରିକ ଭାବେ ବିଶ୍ୱସ୍ତରରେ ପ୍ରାୟ ପଞ୍ଚ କୋଟି ଲୋକ ପ୍ରାଣ ହରାଇଥିଲେ। ହାରାହାରି ୧୪୦ ବର୍ଷ ପରେ ଚଳିତ ବର୍ଷ ଏହା ପ୍ରତ୍ୟାବର୍ତ୍ତନ କରୁଛି ବୋଲି 'ଇସିଏମଡବ୍ଲ୍ୟୁଏଫ', 'ୟୁରୋପିଆନ ସେଣ୍ଟର ଫର୍ ମିଡିୟମ ରେଞ୍ଜ ୱେଦର ଫୋରକାଷ୍ଟସ' ପୂର୍ବାନୁମାନ କରଛି। କିଛି ଲୋକ ଏହାକୁ 'ମେଗା ଏଲ୍ ନିନୋ'କହୁଛନ୍ତି। ମେ' ରୁ ଜୁଲାଇ ୨୦୨୬ ମଧ୍ୟରେ ଏହି ପ୍ରାକୃତିକ ବିପର୍ଯ୍ୟୟ ଆସିବାର ୬୦% ସମ୍ଭାବନା ରହିଛି ବୋଲି ଆମେରିକାର 'ନ୍ୟାଶନାଲ ଓସନିକ ଆଣ୍ଡ ଏଟମୋସଫେରିକ ଆଡମିନିଷ୍ଟ୍ରେସନ' ପୂର୍ବାନୁମାନ କରିଛି। ଭାରତରେ ମୌସୁମୀ ଯେତେବେଳେ ତା'ର ଶୀର୍ଷରେ ପହଞ୍ଚିବ ଠିକ୍ ସେତେବେଳେ 'ଏଲ୍ ନିନୋ' ପହଞ୍ଚିବ। ଫସଲ ପାଇଁ ଏହି ସମୟରେ ଆମକୁ ବର୍ଷାର ଅତ୍ୟନ୍ତ ଆବଶ୍ୟକତା ଥାଏ। କିନ୍ତୁ 'ଏଲ୍ ନିନୋ' ସବୁ କିଛି ବରବାଦ କରିନେବ। 'ଏନଏଏ' ଅନୁସାରେ ପ୍ରଶାନ୍ତ ମହାସାଗରର ତାପମାତ୍ରା ଦୁଇଡିଗ୍ରୀ ସେଲସିୟସ ବଢ଼ିପାରେ। ଯାହା 'ସୁପର ଏଲ୍ ନିନୋ' ସୃଷ୍ଟି କରିବ। ୨୦୧୫-୧୬ ରେ 'ସୁପର ଏଲ୍ ନିନୋ' ଯୋଗୁଁ ଭାରତବର୍ଷରେ ୧୪% କମ ବର୍ଷା ହୋଇଥିଲା। ଗ୍ରୀଷ୍ମ ପ୍ରବାହ ରେକର୍ଡ ସ୍ଥାପନ କରିଥିଲା। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ କାରଣରୁ ଭାରତରେ ୨୫୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ପାକିସ୍ତାନରେ ୨୦୦୦ ରୁ ଅଧିକ ଲୋକ ମରିଥିଲେ।

ପ୍ରଥମେ 'ଏଲ୍ ନିନୋ' ଯୋଗୁଁ ତାପମାତ୍ରା ୧.୪ ଡିଗ୍ରୀ ପର୍ଯ୍ୟନ୍ତ ବଢୁଥିଲା। ଏବେ ୧.୪ ଡିଗ୍ରୀ ବଢ଼ିକି ଅଛି। ଏଥିସହିତ ପୁନଃ ୧.୫ ଡିଗ୍ରୀ ଯୋଡ଼ିହେଲେ ତାପମାତ୍ରା ୨.୯ ଡିଗ୍ରୀରେ ପହଞ୍ଚିବ। ଏଭଳି ସ୍ଥିତି ପୂର୍ବରୁ କେବେ ଦେଖାଯାଇ ନ ଥିଲା। ମୌସୁମୀ ବାଧିତ ହେବ। କମ୍ ବର୍ଷା ହେବ। ଆଇଏମଡିର ପୂର୍ବାନୁମାନ ଅନୁସାରେ ବର୍ଷାର ପରିମାଣ ୯୨% ରହିପାରେ। ଉତ୍ତର-ପୂର୍ବ, ଉତ୍ତର-ପଶ୍ଚିମ ଓ ଦକ୍ଷିଣ ଉପଦ୍ୱୀପ ବ୍ୟତୀତ ସମ୍ପୂର୍ଣ୍ଣ ଦେଶରେ ବର୍ଷା କମ୍ ହେବ। ଆମ ଦେଶର ୫୧% କୃଷି ବର୍ଷା ଜଳ ଉପରେ ନିର୍ଭରଶୀଳ। ବର୍ଷା କମିଲେ କୃଷି ଉପରେ ଏହାର କୁପ୍ରଭାବ ପଡ଼ିବ। ପୂର୍ବ-ଭାରତ, ମଧ୍ୟ-ଭାରତ, ଉତ୍ତର-ପଶ୍ଚିମ ଭାରତ ଓ ଦକ୍ଷିଣ-ପୂର୍ବ ଉପଦ୍ୱୀପରେ ସାମାନ୍ୟରୁ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ। ମରୁଡ଼ି ଓ ଶସ୍ୟ ହାନି ପରି ସ୍ଥିତି ସୃଷ୍ଟି ହେବ। ଦରଦାମ ବଢ଼ିବ। ପଶୁପାଳନ ଓ କ୍ଷୀର ଉତ୍ପାଦନ ବାଧାପ୍ରାପ୍ତ ହେବ। ଚାଷୀଙ୍କ ଆୟ କମିବ। ଗ୍ରାମୀଣ ଅର୍ଥନୀତି ଗୁରୁତର ପ୍ରଭାବିତ ହେବ। ସାମାନ୍ୟ 'ଏଲ୍ ନିନୋ' ସମୟରେ ପାଖାପାଖି ୫% ମୁଦ୍ରାସ୍ଫୀତି ଘଟିଥାଏ। 'ସୁପର ଏଲ୍ ନିନୋ' ସମୟରେ ଏହା ୯% କୁ ବୃଦ୍ଧି ପାଇଥାଏ।

'ଏଲ୍ ନିନୋ' ସମୟରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ-ପୂର୍ବ ଏସିଆରେ ଭୟଙ୍କର ମରୁଡ଼ି ହୁଏ। ଇଣ୍ଡୋନେସିଆ ଓ ଆଖପାଖ ଅଞ୍ଚଳରେ ଜଙ୍ଗଲ ନିଆଁ ଲାଗିବାର ଆଶଙ୍କା ବଢ଼ିଯାଏ। ଅନ୍ୟପକ୍ଷରେ ଆମେରିକାର ଦକ୍ଷିଣ ଭାଗରେ ବର୍ଷା ପରିମାଣ ବହୁତ ବଢ଼ିଯାଏ। ଦକ୍ଷିଣ ଆମେରିକାର ପଶ୍ଚିମ ଉପକୂଳରେ ଭୟଙ୍କର ବନ୍ୟା, ଭୂସ୍ଖଳନ ହୋଇଥାଏ। ଆଫ୍ରିକାର କିଛି ଅଞ୍ଚଳରେ ପ୍ରବଳ ବନ୍ୟା ଏବଂ ଅନ୍ୟ କିଛି ଅଞ୍ଚଳରେ ମରୁଡ଼ି ହୁଏ। ବାୟୁମଣ୍ଡଳର ଆର୍ଦ୍ରତା ଏବଂ ତାପମାତ୍ରାର ଅସନ୍ତୁଳନ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିଥାଏ। ବିଶ୍ୱର ବିଭିନ୍ନ ଭାଗରେ ଭୂତଳ ଜଳସ୍ତର ହ୍ରାସ ପାଏ। ନଦୀ ଓ ଜଳାଶୟଗୁଡ଼ିକ ଶୁଖିବାକୁ ଲାଗେ। ପିଇବା ପାଣି ପାଇଁ ବିଭିନ୍ନ ସ୍ଥାନରେ କୃତ୍ରିମ ଅଭାବ ଦେଖାଯାଏ। ସମୁଦ୍ରର ତାପମାତ୍ରା ବୃଦ୍ଧି ହେତୁ ସାମୁଦ୍ରିକ ଜୀବମାନେ ଗଭୀର ସମୁଦ୍ରକୁ ଚାଲିଯା'ନ୍ତି, ଯଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବିକା ସିଧାସଳଖ ପ୍ରଭାବିତ ହୋଇଥାଏ। ସମୁଦ୍ରରେ କୋରାଲ ବା ପ୍ରବାଳ ପ୍ରାଚୀରଗୁଡ଼ିକ ନଷ୍ଟ ହୋଇଯାଆନ୍ତି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବଢ଼ିଯାଏ। ପରିବେଶ ପ୍ରଦୂଷଣ ହୁଏ। ପାଣିପାଗରେ ହଠାତ୍ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସଙ୍କଟ ଦେଖାଯାଏ। ପ୍ରବଳ ବନ୍ୟା ଯୋଗୁଁ ହଇଜା, ଟାଇଫଏଡ୍ ଭଳି ଜଳବାହିତ ରୋଗ ବ୍ୟାପିଥାଏ। ଅତ୍ୟଧିକ ବର୍ଷା ଓ ପାଣି ଜମି ରହିବା କାରଣରୁ ମ୍ୟାଲେରିଆ ଓ ଡେଙ୍ଗୁ ମଶା ବଂଶବୃଦ୍ଧି ହୁଏ। ପୁଷ୍ଟିହୀନତା ବୃଦ୍ଧି ପାଏ। ଶୁଖିଲା ପାଗ ଯୋଗୁଁ ଧୂଳିକଣିକା ବାୟୁରେ ମିଶି ଶ୍ୱାସ ଭଳି ରୋଗ ବଢ଼ାଇଥାଏ। 'ଏଲ୍ ନିନୋ' ବିଶ୍ୱ ଅର୍ଥନୀତିକୁ ମନ୍ଥର କରିଦେଇଥାଏ। ବିଦ୍ୟୁତ୍ ଚାହିଦା ବଢ଼ିଯିବା କାରଣରୁ ଶକ୍ତି ସଙ୍କଟ ଦେଖାଦିଏ। ଗୋଟିଏ ପଟେ ଇରାନ ଯୁଦ୍ଧ ଏବଂ ଅନ୍ୟପଟେ ଖରାପ ମୌସୁମୀର ପ୍ରଭାବ ସେହିମାନଙ୍କ ଉପରେ ଦାଉ ସାଧିବ ଯେଉଁମାନେ ଖଟିଖିଆ, ମଜୁରିଆ।

'ଏଲ୍ ନିନୋ'ର ପ୍ରକୋପରୁ ବଞ୍ଚିବା ପାଇଁ ଆମକୁ ଶସ୍ତା ଓ ସହଜ ଅଥଚ ଦୀର୍ଘସ୍ଥାୟୀ ସମାଧାନର ରାସ୍ତା ବାହାର କରିବାକୁ ପଡ଼ିବ। ଗଛ ଲଗାଇବା ଓ ପୁରୁଣା ଗଛକୁ ବଞ୍ଚାଇବା ସେମାନଙ୍କ ମଧ୍ୟରେ ପ୍ରମୁଖ। ରାସ୍ତାକଡ଼ରେ ଗଛ ଲଗାଇବା ଦ୍ୱାରା ତାପମାତ୍ରା ୧୨ ଡିଗ୍ରୀ ସେଲସିୟସ କମ୍ କରାଯାଇପାରିବ। ପରିତାପର ବିଷୟ ବିକାଶ ନାମରେ ଲକ୍ଷ ଲକ୍ଷ ଗଛ କଟାଯାଉଛି। ଜଙ୍ଗଲ ଧ୍ୱଂସ ପାଉଛି। ୨୦୧୫ ରୁ ୨୦୧୯ ମଧ୍ୟରେ ଏକ ବର୍ଗ କିଲୋମିଟର ଗଛ ପାଇଁ ୧୮ ବର୍ଗ କିଲୋମିଟର ଗଛ କଟାହୋଇଛି। ସେଥିରୁ ପଚାଶ ପ୍ରତିଶତ ଅଲଗା ଅଲଗା ସ୍ଥାନରେ ଲାଗିଛି। ଆଇଆଇଟି ମୁମ୍ବାଇ ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନ ଅନୁସାରେ ଅଲଗାଅଲଗା ସ୍ଥାନରେ ବୃକ୍ଷରୋପଣର କୌଣସି ପାରିବେଶିକ ଉପଯୋଗିତା ନାହିଁ।

କଳକାରଖାନା କଂକ୍ରିଟ ରାସ୍ତା ଆଦି ଦିନ ବେଳା ଉତ୍ତାପ ଅବଶୋଷଣ କରୁଛି। ରାତିରେ ଛାଡୁଛି। ତେଣୁ ଦିନ ଅପେକ୍ଷା ରାତିର ତାପମାତ୍ରା ଚାରିରୁ ପାଞ୍ଚ ଡିଗ୍ରୀ ବୃଦ୍ଧି ପାଉଛି। ଶରୀର ଥଣ୍ଡା ହୋଇପାରୁନାହିଁ। ରାତିରେ ଅଂଶୁଘାତ ହେଉଛି। ଭାରତରେ ପ୍ରତିବର୍ଷ ଦେଢ଼ ଲକ୍ଷ ଲୋକ ଅଂଶୁଘାତରେ ମରୁଛନ୍ତି। ଆମ ଦେଶରେ ତତଲା ଖରାରେ ଖଟୁଥିବା ଲୋକଙ୍କ ସଂଖ୍ୟା ୩୮ ଲକ୍ଷ। ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ରାସ୍ତାକଡ଼ ବିକ୍ରେତା, ଡେଲିଭରି ବୟ, ସୁରକ୍ଷା କର୍ମୀ ଇତ୍ୟାଦି ଖରାରେ କାମ କରୁଥିବା ବ୍ୟକ୍ତିଙ୍କୁ ଥଣ୍ଡା ପାଣି ଓ ସାମୟିକ ଆରାମ କରିବାକୁ ଥଣ୍ଡା ସ୍ଥାନ ପ୍ରଦାନ କରନ୍ତୁ। ନୂଆ ଗଛ ଲଗାଇବାରେ କୌଣସି ପ୍ରତବନ୍ଧକ ନାହିଁ, କିନ୍ତୁ ନିଜ ନିଜ ଅଞ୍ଚଳର ଏକ ଏକ ପୁରୁଣା ଗଛ ବଞ୍ଚାଇବାରେ ପ୍ରାଥମିକତା ଦିଅନ୍ତୁ। ସଜାଗ ଓ ସଚେତନ ରୁହନ୍ତୁ। କାରଣ ଏଲ୍ ନିନୋ ପ୍ରତିବର୍ଷ ଆସିବ। ତା' ସହ ଆମକୁ ଲଢ଼ିବାକୁ ହେବ।

ସମ୍ବଲପୁର, ମୋ: ୭୯୭୮୨୮୩୧୯୦

## ପରିସୀମା ବନାମ ପରିସଂଖ୍ୟାନ

ବିଭୂତି ଭୂଷଣ କର

ଭାରତରେ ଜନସଂଖ୍ୟା ବୃଦ୍ଧି ଓ ପରିସୀମା ନିର୍ଦ୍ଧାରଣ(ଡିଲିମିଟେସନ୍) ବର୍ତ୍ତମାନ ଜାତୀୟ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଓ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ସ୍ୱାଧୀନତା ପରେ ଭାରତର ଲୋକସଂଖ୍ୟା ଦ୍ରୁତ ଗତିରେ ବଢ଼ିଛି ଏବଂ ଏହାର ପ୍ରଭାବ ଅର୍ଥନୀତି, ଶିକ୍ଷା, ନିଯୁକ୍ତି, ସ୍ୱାସ୍ଥ୍ୟ ସେବା ଓ ରାଜନୈତିକ ପ୍ରତିନିଧିତ୍ୱ ଉପରେ ପଡ଼ିଛି। ଏହି ପରିପ୍ରେକ୍ଷୀରେ ପରିସୀମା ନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ସାଂବିଧାନିକ ପ୍ରକ୍ରିୟା ଭାବେ ଆଗକୁ ଆସିଛି। ପରିସୀମା ନିର୍ଦ୍ଧାରଣର ଅର୍ଥ ହେଉଛି ଜନସଂଖ୍ୟା ଅନୁପାତରେ ଲୋକସଭା ଓ ବିଧାନସଭା ମଣ୍ଡଳିମାନଙ୍କର ପୁନର୍ବିନ୍ୟାସ। ଏହା ମାଧ୍ୟମରେ ଜନସଂଖ୍ୟା ଅନୁପାତରେ ଲୋକଙ୍କୁ ସଠିକ୍ ପ୍ରତିନିଧିତ୍ୱ ମିଳିବାକୁ ଉଦ୍ଦେଶ୍ୟ ରହିଥାଏ।



ଭାରତରେ ଶେଷ ପରିସୀମା ନିର୍ଦ୍ଧାରଣ ୨୦୦୨ ମସିହାରେ ହୋଇଥିଲା। କିନ୍ତୁ ୧୯୭୬ ମସିହାରେ ଜରୁରୀକାଳ ସମୟରେ ଲୋକସଭା ଆସନ ପୁନର୍ବିନ୍ୟାସକୁ ୨୦୨୬ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା। ଏହାର ମୁଖ୍ୟ କାରଣ ଥିଲା ଯେଉଁ ରାଜ୍ୟମାନେ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଛନ୍ତି ସେମାନେ କ୍ଷତିଗ୍ରସ୍ତ ନ ହେଉନ୍ତୁ। ଦକ୍ଷିଣ ଭାରତର ଅନେକ ରାଜ୍ୟ ଯଥା ତାମିଲନାଡୁ, କେରଳ, ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକ ଜନସଂଖ୍ୟା ନିୟନ୍ତ୍ରଣରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯଦ୍ୱାରା ସଂପୃକ୍ତ ରାଜ୍ୟମାନଙ୍କରେ ଲୋକସଂଖ୍ୟା ବୃଦ୍ଧିରେ ଅଙ୍କୁଶ ଲାଗିଥିଲା। ଯଦି ଭବିଷ୍ୟତରେ କେବଳ ଜନସଂଖ୍ୟା ଆଧାରରେ ଆସନ ବଢ଼ାଯାଏ, ତେବେ ଲୋକସଂଖ୍ୟା ଅଭିବୃଦ୍ଧିରେ ଅଙ୍କୁଶ ଲଗାଇଥିବା ଦକ୍ଷିଣ ଭାରତର ଅନେକ ରାଜ୍ୟ କ୍ଷତିଗ୍ରସ୍ତ ହେବେ। ଅନ୍ୟପକ୍ଷରେ ଜନସଂଖ୍ୟା ନିୟନ୍ତ୍ରଣରେ ବିଫଳ ହୋଇଥିବା ଉତ୍ତର ଭାରତର ବଡ଼ ରାଜ୍ୟମାନଙ୍କୁ ଅଧିକ ଆସନ ମିଳିବାର ସମ୍ଭାବନା ଦେଖାଦେଇଛି।

ଏହି ବିଷୟ ଦକ୍ଷିଣ ଭାରତର ରାଜ୍ୟମାନଙ୍କରେ ଏକ ବଡ଼ ପ୍ରସଙ୍ଗ ଭାବେ ଠିଆ ହୋଇ ଥିବା ବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁଙ୍କ ଘୋଷଣା ଓ ମତାମତ ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆହୁରି ବଢ଼ାଇଛି। ସେ କହିଛନ୍ତି ଯେ ଭାରତ ପାଇଁ ଜନସଂଖ୍ୟା କେବଳ ଭାର ନୁହେଁ, ଏହା ଏକ ଶକ୍ତି ଓ ସମ୍ପଦ। ବିଶ୍ୱର ଅନେକ ଦେଶ ଯଥା ଜାପାନ, ଚୀନ ଓ ୟୁରୋପର କେତେକ ଦେଶ ବର୍ଦ୍ଧିତ ବୃଦ୍ଧାବସ୍ଥା ଏବଂ କମୁଥିବା ଜନସଂଖ୍ୟା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ନାଇଡୁ ମନେ କରୁଛନ୍ତି ଯେ ଭାରତକୁ ତାହାର ଗଣତାନ୍ତ୍ରିକ ଲାଭାଂଶ(ଡେମୋଗ୍ରାଫିକ୍ ଡିଭିଡେଣ୍ଡ) ରକ୍ଷା କରିବାକୁ ହେଲେ ଯୁବ ଜନସଂଖ୍ୟା ବୃଦ୍ଧି କରିବାକୁ ହେବ। ସମ୍ପ୍ରତି ସେ ଆନ୍ଧ୍ର ପ୍ରଦେଶରେ ତୃତୀୟ ଶିଶୁ ପାଇଁ ୩୦ ହଜାର ଟଙ୍କା ଓ ଚତୁର୍ଥ ଶିଶୁ ପାଇଁ ୪୦ ହଜାର ଟଙ୍କା ପ୍ରୋତ୍ସାହନ ଦେବାର ଘୋଷଣା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି କମୁଥିବା ଜନ୍ମହାରକୁ ରୋକିବା ଓ ଆଗାମୀ ଦିନରେ ଜନସଂଖ୍ୟାରେ ବୃଦ୍ଧି ଆଣିବା। ଏହି ଘୋଷଣା ପରେ ଦେଶରେ ଦୁଇ ପ୍ରକାର ମତ ଦେଖାଯାଇଛି। କେହି କେହି ଏହାକୁ ଦୂରଦର୍ଶୀ ନୀତି ଭାବେ ଅଭିହିତ କରୁଥିଲା ବେଳେ କେତେକ ଏହି ନିଷ୍ପତ୍ତି ଭାରତ ଭଳି ଜନବହୁଳ ରାଷ୍ଟ୍ର ପାଇଁ ଭୟଙ୍କର ଆହ୍ୱାନ ସୃଷ୍ଟି କରିବ ବୋଲି କହିଛନ୍ତି।

ଜନସଂଖ୍ୟା ବୃଦ୍ଧିର କେତେକ ସକାରାତ୍ମକ ପକ୍ଷ ଅଛି। ଅଧିକ ଯୁବ ଜନସଂଖ୍ୟା ଦେଶର ଶ୍ରମଶକ୍ତିକୁ ବଢ଼ାଇଥାଏ, ଅର୍ଥନୀତିକୁ ଶକ୍ତିଶାଳୀ କରେ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରେ। ଭାରତ ଆଜି ବିଶ୍ୱର ସବୁଠାରୁ ଯୁବ ଦେଶମାନଙ୍କ ମଧ୍ୟରେ ଗଣାଯାଏ। ଯଦି ଏହି ଯୁବଶକ୍ତିକୁ ଶିକ୍ଷା, କୌଶଳ ଓ ଚାକିରି ସହିତ ଯୋଡ଼ାଯାଏ, ତେବେ ଭାରତ ବିଶ୍ୱର ଶକ୍ତିଶାଳୀ ଅର୍ଥନୀତି ହୋଇପାରିବ। କିନ୍ତୁ ଅନ୍ୟପଟେ ଅତ୍ୟଧିକ ଜନସଂଖ୍ୟା ଦେଶର ସମ୍ପଦ ଉପରେ ଚାପ ବଢ଼ାଇଥାଏ। ଖାଦ୍ୟ, ପାଣି, ଆବାସ, ଚିକିତ୍ସା, ଚାକିରି ଓ ଶିକ୍ଷାର ଅଭାବ ଦେଖାଦେଇପାରେ। ଏହିକାରଣରୁ ବିକାଶ ଓ ଜନସଂଖ୍ୟା ମଧ୍ୟରେ ସମତୁଲତା ରଖିବା ଅତ୍ୟନ୍ତ ଆବଶ୍ୟକ। କେବଳ ଲୋକସଂଖ୍ୟା ବଢ଼ାଇବା ନୁହେଁ, ତାହାର ଗୁଣାତ୍ମକ ବିକାଶ ମଧ୍ୟ ଆବଶ୍ୟକ। ଚନ୍ଦ୍ରବାବୁ ନାଇଡୁ ଏହା ମଧ୍ୟ କହିଛନ୍ତି ଯେ ପରିସୀମା ନିର୍ଦ୍ଧାରଣ ଓ ଜନସଂଖ୍ୟା ପରିଚାଳନା ଦୁଇଟି ଭିନ୍ନ ବିଷୟ ଏବଂ ଏହାକୁ ଏକାସାଥିରେ ମିଶାଇ ଦେଖିବା ଉଚିତ୍ ନୁହେଁ। ତାଙ୍କ ମତ ଅନୁଯାୟୀ ଭାରତର ଜାତୀୟ ହିତ ପାଇଁ ଦୀର୍ଘମିଆଦୀ ଜନସଂଖ୍ୟା ନୀତି ଆବଶ୍ୟକ। ସେ ଦକ୍ଷିଣ ରାଜ୍ୟମାନଙ୍କ ଆଶଙ୍କାକୁ ମଧ୍ୟ ସ୍ୱୀକାର କରିଛନ୍ତି ଯେ ପରିସୀମା ନିର୍ଦ୍ଧାରଣ ପରେ ସେମାନଙ୍କର ଲୋକସଭା ଓ ବିଧାନସଭା ଆସନ କମିଯାଇପାରେ।

ଭାରତରେ ଜନସଂଖ୍ୟା ବୃଦ୍ଧି ଓ ପରିସୀମା ନିର୍ଦ୍ଧାରଣ ଏକ ଜଟିଳ ଓ ସମ୍ବେଦନଶୀଳ ବିଷୟ। ଏହା କେବଳ ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ଦେଶର ଭବିଷ୍ୟତ ସହ ଜଡ଼ିତ ଏକ ମହତ୍ତ୍ୱପୂର୍ଣ୍ଣ ଆଲୋଚନା। ଚନ୍ଦ୍ରବାବୁ ନାଇଡୁଙ୍କ ଘୋଷଣା ଏହି ଚର୍ଚ୍ଚାକୁ ନୂତନ ଦିଗ ଦେଇଛି। ଭାରତକୁ ଏମିତି ଏକ ନୀତି ଗ୍ରହଣ କରିବାକୁ ହେବ ଯାହା ଜନସଂଖ୍ୟା, ଅର୍ଥନୀତି ଓ ରାଜନୈତିକ ସମତୁଲ ସୁରକ୍ଷିତ ରଖିପାରିବ।

(ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ),
ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

## ଗୁଣ୍ଡୁଚି ସ୍ୱରୂପରେ ପୂଜା ପାଆନ୍ତି ହନୁମାନ

ଓଜସ୍ୱିନୀ

ରାମାୟଣରେ ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚିର ଅବଦାନ ସ୍ୱରୂପ ପୁରୁଷୋତ୍ତମ ଶ୍ରୀରାମଙ୍କଠାରୁ ବରଦାନ ପାଇବା କଥା ଉଲ୍ଲେଖ ଅଛି। ଗୁଣ୍ଡୁଚି ଶରୀରରେ ଥିବା ତିନୋଟି ଧଳାଗାର ଶ୍ରୀରାମଙ୍କର ତିନୋଟି ଆଙ୍ଗୁଠିର ଚିହ୍ନ ବୋଲି ବିଶ୍ୱାସ କରାଯାଏ। ତେବେ ଗୁଣ୍ଡୁଚିର ପ୍ରତ୍ୟକ୍ଷ ପୂଜା ପାଇଁ କୌଣସି ବିଶେଷ ମନ୍ଦିର ନଥିଲେ ମଧ୍ୟ ଉତ୍ତରପ୍ରଦେଶର ଗୋଟିଏ ମନ୍ଦିରରେ ପବନସୂତ ହନୁମାନ ଗୁଣ୍ଡୁଚି ସ୍ୱରୂପରେ ପୂଜା ପାଉଛନ୍ତି। ଏହି ମନ୍ଦିରରେ ଲଗାତାର ୪୧ ଦିନ ଅଖଣ୍ଡ ପୂଜା କଲେ ସମସ୍ତ ମନୋବାଞ୍ଛା ପୂରଣ ହେବା ସହିତ ଗ୍ରହଦୋଷରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଉତ୍ତର ପ୍ରଦେଶର ଅଲିଗଡ଼ସ୍ଥିତ ଅଚଳ ସରୋବର ନିକଟରେ ଥିବା ଏହି ମନ୍ଦିରରେ ଭକ୍ତଶ୍ରେଷ୍ଠ ହନୁମାନଙ୍କୁ ଗୁଣ୍ଡୁଚି ସ୍ୱରୂପରେ ପୂଜା କରାଯାଉଛି। ତେଣୁ ଏହି ମନ୍ଦିରକୁ 'ଗୁଣ୍ଡୁଚି ମହାରାଜ' ମନ୍ଦିର ବୋଲି କୁହାଯାଏ। ଶତାଧିକ ବର୍ଷ ପୁରୁଣା ମନ୍ଦିରର ଏହି ବିଗ୍ରହକୁ ପ୍ରଥମେ ସିଦ୍ଧ ସନ୍ଥ ତଥା ହନୁମାନଙ୍କର ପରମ ଭକ୍ତ ପବିତ୍ର ଧର୍ନୁଦ୍ଧର ଶ୍ରୀମହେନ୍ଦ୍ରନାଥ ଯୋଗୀ ଜି ମହାରାଜ ଆବିଷ୍କାର କରିଥିଲେ। ସେ ଏକଦା ସ୍ୱପ୍ନରେ ଦେଖିଲେ ଯେ, ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠଭ୍ରାତା ହନୁମାନଙ୍କୁ ଗୁଣ୍ଡୁଚି ସ୍ୱରୂପରେ ଥରେ ପୂଜା କରିଥିଲେ। ତେଣୁ ଏହି ସ୍ୱରୂପରେ ଥିବା ବିଗ୍ରହଙ୍କ ପାଇଁ ସନ୍ଥ ମହାରାଜ ଗୋଟିଏ ମନ୍ଦିର ନିର୍ମାଣ କରିବା ଲାଗି ସ୍ଥିର କଲେ। ମତାନ୍ତରରେ ଏହି ମନ୍ଦିର ମହାଭାରତ ସମୟର ବୋଲି କୁହାଯାଏ। ନାଥ ସମ୍ପ୍ରଦାୟର ଜଣେ ମହନ୍ତ ଏହି ମନ୍ଦିର ନିର୍ମାଣ କରିଥିଲେ ବୋଲି ଜନଶ୍ରୁତି ଅଛି। ଅଚଳ ସରୋବର ନିକଟରେ ଥିବା ବିଗ୍ରହକୁ ମାଟିତଳୁ ବାହାର କରି ପୂଜାର୍ଚ୍ଚନା କଲେ ଭକ୍ତଙ୍କର ମଙ୍ଗଳ ହେବ ବୋଲି ହନୁମାନ ମହନ୍ତଙ୍କୁ ସ୍ୱପ୍ନାଦେଶ ଦେଇଥିଲେ। ବର୍ତ୍ତମାନ ଯେଉଁଠି ମନ୍ଦିର ନିର୍ମାଣ ହୋଇଛି, ସେଠାରେ ଗୋଟିଏ ବଡ଼ ମାଟିସ୍ତୂପ ଉପରେ ଶତାଧିକ ଗୁଣ୍ଡୁଚି ଖେଳୁଥିବାର ମହନ୍ତ ଦେଖିଲେ। ମାଟିସ୍ତୂପକୁ ଖୋଳିବା ପରେ ହନୁମାନଙ୍କର ଗୁଣ୍ଡୁଚିସ୍ୱରୂପ ବିଗ୍ରହର ଦର୍ଶନ ହୋଇଥିଲା। ସେହିଦିନଠାରୁ ଏହି ମନ୍ଦିରର ମହିମା ପ୍ରଚାରିତ ହେଲା। ଏହି ମନ୍ଦିରରେ ହନୁମାନଙ୍କ ଆଖିର ସାକ୍ଷାତ ଦର୍ଶନ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ଅଛି। ବିଶେଷଭାବେ ଶନିଗ୍ରହଙ୍କ ପ୍ରକୋପରୁ ମୁକ୍ତ ହେବା ପାଇଁ ଭକ୍ତମାନେ ଏଠାରେ ପୂଜାର୍ଚ୍ଚନା କରିଥା'ନ୍ତି। ତେଣୁ ଏହି ମନ୍ଦିର 'ଗ୍ରହରାଜ ମନ୍ଦିର' ଭାବେ ମଧ୍ୟ ଜଣାଶୁଣା। ପ୍ରତିଦିନ ଏଠାରେ ହନୁମାନଙ୍କ ବିଗ୍ରହରେ ୫୦ରୁ ୬୦ ବସ୍ତ୍ର (ଚୋଲା) ଲାଗି କରାଯାଏ।

### ବିଚିତ୍ର ବିଶ୍ୱାସ

ଦକ୍ଷିଣ ଭାରତର ପଶ୍ଚିମଘାଟ ଅଞ୍ଚଳରେ ରହୁଥିବା ଜନଜାତି ଓ ଗ୍ରାମବାସୀ ମାଲାବାରର ବିଶାଳ ଗୁଣ୍ଡୁଚିକୁ 'ବନଦେବତା'ଙ୍କ ଦୂତ ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ଗୁଣ୍ଡୁଚି ଶରୀରର ରଙ୍ଗ ଓ ତାଙ୍କ ଚଞ୍ଚଳତା 'ଜଙ୍ଗଲ'ର ସୁରକ୍ଷା ସହିତ ଜଡ଼ିତ ବୋଲି ବିଭିନ୍ନ ଲୋକକଥା ପ୍ରଚଳିତ। ବିଦେଶରେ ମଧ୍ୟ ଗୁଣ୍ଡୁଚିକୁ ଦେବତୁଲ୍ୟ ମାନ୍ୟତା ମିଳିଛି। କେତେକ ବିଦେଶୀୟ ଜନଜାତି ସମ୍ପ୍ରଦାୟରେ ଗୁଣ୍ଡୁଚିକୁ ପାତାଳଲୋକରୁ ଆସିଥିବା ପ୍ରିୟଜୀବ ଭାବେ ପୂଜା କରାଯାଏ। ନରୱେ, ସ୍ୱିଡେନ୍, ଡେନ୍‌ମାର୍କ ଓ ଆଇଲ୍ୟାଣ୍ଡ ଭଳି ଉତ୍ତର ୟୁରୋପର ପୌରାଣିକ କଥାଶୃଙ୍ଖଳ 'ନର୍ସ'ରେ 'ରତାତୋସ୍କର୍' ଏକ ପ୍ରସିଦ୍ଧ ଚରିତ୍ର, ଯାହାର ଅର୍ଥ ହେଉଛି 'ଡ୍ରିଲ୍-ଦନ୍ତ' ବା 'ଫୋଡ଼ି ହୋଇଯାଉଥିବା ଦାନ୍ତ'। ଏହି ଚରିତ୍ର ହେଉଛି ଗୋଟିଏ ଯାଦୁକର ଗୁଣ୍ଡୁଚି, ଯାହାକି ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ସାଇତି ରଖିଥିବା ଗୋଟିଏ ଗଛ 'ୟଗଡ୍ରାସିଲ୍'ରେ ବାସ କରେ। ରତାତୋସ୍କର ଗଛର ଉପରଭାଗରେ ଥିବା ପକ୍ଷୀମାନଙ୍କ ସହ ଗଛତଳେ ଥିବା ଡ୍ରାଗନ୍ 'ନିଧୋଗ' ମଧ୍ୟରେ ସନ୍ଦେଶବାହକର କାମ କରିଥାଏ। ମୂଳ ଆମେରିକୀୟ ଜନଜାତିର 'ଟୋମେମ୍' ସଂସ୍କୃତି ଆଧାରରେ 'ଚୋକ୍‌ଟୋ' ନାମକ ଜନଜାତି ସମ୍ପ୍ରଦାୟ ଗୁଣ୍ଡୁଚିର ପ୍ରତୀକାତ୍ମକ ଆତ୍ମାର ଚିତ୍ର ଅଙ୍କନ କରିଥା'ନ୍ତି। ସ୍ଥାନୀୟ ପୌରାଣିକ ମତବାଦ ଅନୁସାରେ ସେମାନଙ୍କର ବିଶ୍ୱାସ ରହିଛି ଯେ, ଗୋଟିଏ କଳା ରଙ୍ଗର ଗୁଣ୍ଡୁଚି ସୂର୍ଯ୍ୟଙ୍କୁ ଗ୍ରାସ ପ୍ରୟାସ କରିଥିବାରୁ ସୂର୍ଯ୍ୟୋପରାଗ ହୋଇଥାଏ। ତେଣୁ ସୂର୍ଯ୍ୟୋପରାଗ ସମୟରେ ସେମାନେ କଳା ରଙ୍ଗର ଗୁଣ୍ଡୁଚିକୁ ଘଉଡ଼ାଇବା ପାଇଁ ଯେତେ ସମ୍ଭବ ବିଭିନ୍ନ ପ୍ରକାର କୋଳାହଳ କରିଥା'ନ୍ତି। କୋଳାହଳର ଶବ୍ଦ ଯେତେ ଅଧିକ ହେବ, ସୂର୍ଯ୍ୟୋପରାଗ ସେତିକି ଶୀଘ୍ର ସମାପ୍ତ ହେବ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ସୂର୍ଯ୍ୟୋପରାଗ ସମାପ୍ତ ହେବା ପରେ ସମସ୍ତେ ଉତ୍ସାହିତ ଓ ଖୁସି ହୋଇ ଉଚ୍ଚସ୍ୱରରେ କହନ୍ତି - 'ଫୁନି ଲୁସା ଓଶ୍ ମହଲାତାହ'। ଅର୍ଥାତ୍ - 'କଳା ଗୁଣ୍ଡୁଚି ଡରି ଗଲା'। ଗୁଣ୍ଡୁଚିର ଚଞ୍ଚଳତା ଓ ଉଚ୍ଚସ୍ଥାନକୁ ଚଢ଼ିବାରେ କୌଶଳ କ୍ଷମତା ପାଇଁ ସେମାନେ ବିଶ୍ୱାସ କରନ୍ତି ଯେ ଗୁଣ୍ଡୁଚି ସୂର୍ଯ୍ୟଙ୍କ ନିକଟରେ ଏବଂ ସ୍ୱର୍ଗରେ ପହଞ୍ଚି ପାରିବ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

● ଗୋ ସମ୍ମାନ ଆହ୍ୱାନ ଅଭିଯାନ

## ଗାୟତ୍ରୀ ଶକ୍ତିପୀଠରେ ଜିଲ୍ଲାସ୍ତରୀୟ ବୈଠକ



କେନ୍ଦୁଝର, ୨୮।୫ (ସମିସ): ଗାୟତ୍ରୀ ଶକ୍ତି ପୀଠରେ ଗୋ ସମ୍ମାନ ଆହ୍ୱାନ ଅଭିଯାନର ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ମୁଖ୍ୟ ସନ୍ଥ ଭୂପେନ୍ଦ୍ରଜୀ ମହାରାଜ ଏବଂ ଗୋ ସମ୍ମାନ ଆହ୍ୱାନ ଅଭିଯାନର କେନ୍ଦୁଝର ଜିଲ୍ଲା ପ୍ରମୁଖ ମୋନାଲିସା ଦାଶ, ଡାକ୍ତର ଅରୁଣ ସାହୁ, ବିଭୂତି ଭୂଷଣ ଦାଶ ଯୋଗ ଦେଇଥିଲେ । କେନ୍ଦୁଝରର ସମସ୍ତ ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ହ୍ୟୁମାନ ରାଇଟ୍ସ, ଆର୍ଟ ଅଫ୍ ଲିଭିଙ୍ଗ, ପତଞ୍ଜଳି, ଗାୟତ୍ରୀ ପରିବାର, ବିଶ୍ୱ ହିନ୍ଦୁ ପରିଷଦ, ଆଦିତ୍ୟ ବାହିନୀ ଭଳି ଅନ୍ୟାନ୍ୟ ହିନ୍ଦୁ ସଂଗଠନର ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ । ସର୍ବଭାରତୀୟ ସ୍ତରରେ ପ୍ରତ୍ୟେକ ତିନି ମାସରେ ଥରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ତଥା ରାଜ୍ୟର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋମାତାଙ୍କୁ ରାଷ୍ଟ୍ରମାତା ଓ ଗୋହତ୍ୟା ନିଷେଧ ଆଇନ ଅଣାଯିବାଲାଗି ସରକାରଙ୍କୁ ହଜାର ହଜାର ଦସ୍ତଖତ ସମ୍ବଳିତ ଆବେଦନପତ୍ର ଗତ ୨୭ ଏପ୍ରିଲ ୨୦୨୬ରେ ପ୍ରତ୍ୟେକ ତହସିଲଦାରଙ୍କ ମାଧ୍ୟମରେ ଦିଆଯାଇଥିଲା ଏବଂ ପୁନର୍ବାର ଆସନ୍ତା ୨୭ ଜୁଲାଇ ୨୦୨୬ରେ ମଧ୍ୟ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ । ପ୍ରତ୍ୟେକ ମ୍ୟୁନିସପାଲିଟି ଓ ପଞ୍ଚାୟତ ସ୍ତରରେ ବୁଲା ଗୋରୁ, ବୁଲା କୁକୁର ଆଦିଙ୍କ ଲାଗି ଖରା ଦିନରେ ଜଳଛତ୍ରର ବ୍ୟବସ୍ଥା କରାଯିବା ଉଚିତ; ଏଥିରେ ସମସ୍ତ ଜନସାଧାରଣ ଏହି ଅଭିଯାନରେ ସାମିଲ ହୁଅନ୍ତୁ ବୋଲି ଆହ୍ୱାନ ଦିଆଯାଇଥିଲା । ଡକ୍ଟର ଅରୁଣ ସାହୁ କହିଥିଲେ କି ଜୈବିକ କୃଷି ଦ୍ୱାରା ଅନେକ ରୋଗଦାଉରୁ ମନୁଷ୍ୟ ରକ୍ଷା ପାଇପାରିବେ ।

## ମହିଳା, କିଶୋରୀଙ୍କୁ ଦିନିକିଆ ଭିନ୍ନକ୍ଷମ ସଚେତନତା



କେନ୍ଦୁଝର, ୨୮।୫ (ସମିସ): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦଭାବନା ପକ୍ଷରୁ ଖୁଣ୍ଟାପଡା ପଞ୍ଚାୟତର ଅସୁରିଆ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଦିନିକିଆ ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ଅସୁରିଆ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ନବବିବାହିତା ମହିଳା ଓ କିଶୋରୀ ବାଳିକା ଯୋଗ ଦେଇଥିଲେ । ଭିନ୍ନକ୍ଷମତା କ'ଣ, ତା'ର ପ୍ରକାର ଭେଦ, ଭିନ୍ନ କ୍ଷମତା ହେବାର ସମ୍ଭାବ୍ୟ କାରଣ, ମାସିକ ଋତୁସ୍ରାବ ସମୟରେ କିପରି ସ୍ୱଚ୍ଛତା ରକ୍ଷା କରିବେ, ପୁଷ୍ଟିକର ଖାଦ୍ୟ ଖାଇବେ, କିଶୋରୀ ବାଳିକା, ଗର୍ଭବତୀ ମା' ତଥା ନବଜାତ ଶିଶୁଙ୍କ ଟିକାକରଣ ବିଷୟରେ ସବିଶେଷ ଆଲୋଚନା କରା ଯାଇଥିଲା । ଗୁମୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡ ରାହୁଲ ରୋଶନ ତ୍ରିପାଠୀ ଯୋଗ ଦେଇଥିଲେ । କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ ଆଲୋଚନା କରିଥିଲେ । ସଦଭାବନା ଅନୁଷ୍ଠାନ କର୍ମୀଙ୍କର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା ।

## ଚମ୍ପୁଆ ଅଞ୍ଚଳରେ ଇଦ୍ ପାଳିତ

ଚମ୍ପୁଆ, ୨୮।୫ (ସମିସ): ଚମ୍ପୁଆ ଅଞ୍ଚଳର ବିଭିନ୍ନ ଇଦଗାହରେ ମଧ୍ୟ ସକାଳ ୬ଟାରୁ ୬:୪୫ ପର୍ଯ୍ୟନ୍ତ ଇଦ୍ ନମାଜ ଅଦା କରାଯାଇଥିଲା । ଚମ୍ପୁଆ ମୁସଲିମ ବସ୍ତି, ଅଲିନଗର, ମୌଲାନା ଗୋଡା, ଜାମୁଦାଲକ ଏବଂ ପଡୋଶୀ ରାଜ୍ୟ ଝାଡଖଣ୍ଡର ଜୈନ୍ତଗଡ଼ ସହିତ ବିଭିନ୍ନ ଇଦଗାହରେ ହଜାର ହଜାର ଶ୍ରଦ୍ଧାଳୁ ନମାଜ ଅଦା କରି ଦେଶରେ ଆମନ, ଶାନ୍ତି ଓ ସାମ୍ପ୍ରଦାୟିକ ସୌହାର୍ଦ୍ୟ ବଜାୟ ରହୁ ବୋଲି ଆଲ୍ଲାହଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ମୁଖ୍ୟ ଇଦଗାହରେ ସକାଳ ଠିକ୍ ୬:୧୫ ମିନିଟ୍ ସମୟରେ ଧର୍ମଗୁରୁ ମୌଲାନା ଗୌହର ନଦଭି ଇଦ୍‌ର ବିଶେଷ ନମାଜ ପଢ଼ାଇଥିଲେ । ନମାଜ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମୁସଲିମ ସମାଜର ସଭାପତି ମନସୁର ଆଲମ, ସମ୍ପାଦକ ଏମଡି ଗୁଫରାନ, ହ୍ୟୁମାନ ରାଇଟ୍ସ କାଉନ୍ସିଲ ଅଫ୍ ଇଣ୍ଡିଆର ଜିଲ୍ଲା ସଭାପତି ଅବିଦ ଅନସାରୀ, ଏମଡି ସଲିମ, ବଦରୁଜମା, ଶମସେର, ଗୁଫରାନ ଆସଦ ସହ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଚମ୍ପୁଆ ପୁଲିସ ପ୍ରଶାସନ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା । ସମସ୍ତେ ଦେଶରେ ଭାଇଚାରା ଓ ସାମାଜିକ ଏକତା ବଜାୟ ରଖିବାକୁ ସନ୍ଦେଶ ଦେଇଥିଲେ ।



# ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସ୍ୱତନ୍ତ୍ର ତାଲିମ

କେନ୍ଦୁଝର/ଯୋଡ଼ା, ୨୮।୫ (ସମିସ):

ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଆଜି କେନ୍ଦୁଝର ସଦର ବ୍ଲକ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ବୁଥସ୍ତରୀୟ ଅଧିକାରୀ ଏବଂ ବିଏଲଓ ପର୍ଯ୍ୟବେକ୍ଷକଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରିଛନ୍ତି । ମତଦାତା ତାଲିକାର ସଂଶୋଧନ ପ୍ରକ୍ରିୟାକୁ କିପରି ଅଧିକ ସ୍ୱଚ୍ଛ, ସେବାମୂଳକ ଓ ତ୍ରୁଟିଶୂନ୍ୟ କରାଯାଇପାରିବ, ସେନେଇ ଉପଜିଲ୍ଲାପାଳ ସମସ୍ତ କର୍ମଚାରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ତ୍ରୁଟିପୂର୍ଣ୍ଣ କାର୍ଡର ସଂଶୋଧନ ଭଳି ବିଭିନ୍ନ ବୈଷୟିକ ଦିଗ ଉପରେ ଆଲୋଚନା କରାଯାଇଥିଲା । ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ବିଏଲଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସଦର ବ୍ଲକର ସମସ୍ତ ବିଏଲଓ, ପର୍ଯ୍ୟବେକ୍ଷକ ଏବଂ ନିର୍ବାଚନ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

ସେହିପରି ଏସଆଇଆର କାର୍ଯ୍ୟକ୍ରମର ସୁପରିଚାଳନା ସଂକ୍ରାନ୍ତ ଏକ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଯୋଡ଼ା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଡେନିସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୋଡ଼ା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱରୂପ ରାଜ ବିଶୋଇଙ୍କ ସମେତ ସମସ୍ତ ବୁଥସ୍ତରୀୟ ଅଧିକାରୀ, ସୁପରଭାଇଜର, ସରପଞ୍ଚ, ରାଜନୈତିକ ଦଳର ବୁଥସ୍ତରୀୟ ଏଜେଣ୍ଟଙ୍କୁ ନେଇ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ବିଷୟରେ ଅବଗତ କରାଯାଇଥିଲା । ଆସନ୍ତା ମେ ୩୦ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ପରିଗଣନା ଫର୍ମର ପୂରଣର ଅବଧି ରହିଥିବା ବେଳେ ଜୁଲାଇ ୫ରେ ଚିଠା ଭୋଟର ତାଲିକା ପ୍ରକାଶନ କରାଯିବ । ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଏବଂ ଆପତ୍ତି ଦାଖଲ କରିବାର ଅବଧି ରହିଥିବା ବେଳେ ଜୁଲାଇ ୫ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ଜାରି କରିବା ସହ ଦାବି ଏବଂ ଆପତ୍ତିର ନିଷ୍ପତ୍ତି ଗ୍ରହଣର ସମୟସୀମା ରହିଛି । ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ଉପରେ ଆଲୋଚନା ହୋଇଥିଲା ।



## ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ

କପ୍ତିପଦା, ୨୮।୫ (ସମିସ): ଶରତ ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ଉଦ୍ୟମ ନେଇ ଶରତ ଥାନାରେ ନାବାଳିକାଙ୍କ ପିତା ଅଭିଯୋଗ କରିଛନ୍ତି । ଗତ ୨୩ ତାରିଖ ଦିନ ପାତ୍ରସାହି ଗ୍ରାମରେ ଚଇତି ପର୍ବ ଚାଲିଥିବାବେଳେ ସେହି ଗ୍ରାମର ଲକ୍ଷ୍ମଣ ଡିଉ ନାବାଳିକାଙ୍କୁ ଏକୁଟିଆ ପାଇଁ ତାଙ୍କୁ ବଳପୂର୍ବକ ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ଦୁଷ୍କର୍ମ କରିବାକୁ ଚେଷ୍ଟା କରୁଥିବା ସମୟରେ ନାବାଳିକା ପାଟି କରିଥିଲେ । ଲକ୍ଷ୍ମଣ ନାବାଳିକା ପାଟିରେ ହାତଦେଇ ପାଟି ଖୋଲିଲେ ତୋତେ ମାରି ତୋ ଓଢଣୀରେ ଟାଙ୍ଗି ଦେବି ବୋଲି ଧମକ ଦେଇଥିଲା । ସୁଯୋଗ ଦେଖି ନାବାଳିକା ଚିତ୍କାର କରିବାରୁ ରାସ୍ତାରେ ଯାଉଥିବା ଲୋକ ପହଞ୍ଚିଯିବାରୁ ଅଭିଯୁକ୍ତ ଚମ୍ପଟ ମାରିଥିଲା । ତେବେ ନାବାଳିକା ଜୀବନ ଭୟରେ ଘରକୁ ନ ଯାଇ ଜଣେ ସମ୍ପର୍କୀୟଙ୍କ ଘରେ ଲୁଚି ରହିଥିଲା । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଖବର ପାଇ ନାବାଳିକାକୁ ଉଦ୍ଧାର କରିଥିଲେ । ପରେ ନାବାଳିକା ସବୁକଥା ପରିବାର ନିକଟରେ କହିଥିଲା ଓ ଘଟଣା ସମ୍ପର୍କରେ ଜାଣିବା ପରେ ନାବାଳିକାଙ୍କ ବାପା ଏ ନେଇ ଶରତ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ତଦନ୍ତ ଜାରି ରଖିଛି ।

## ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ଅଭିଯୋଗରେ ଯୁବକ ଗିରଫ

ସାରସକଣା, ୨୮।୫ (ସମିସ): ସାରସକଣା ବ୍ଲକ ଝାରପୋଖରିଆ ଥାନା ଅଞ୍ଚଳରେ ପୁଣି ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ଘଟଣା ସାମ୍ନାକୁ ଆସିଛି । ଏହି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ସୂଚନା ମୁତାବକ, ଇନଷ୍ଟାଗ୍ରାମରେ ନାବାଳିକା ସହିତ ପଶ୍ଚିମବଙ୍ଗ ଝାଡ଼ଗ୍ରାମ ଜିଲ୍ଲା ଗୋପିବଲ୍ଲଭପୁର ଥାନା ପାଞ୍ଚକାହାଣିଆଁ ଗ୍ରାମର ରାହୁଲ ବାରିକ ନାମକ ଯୁବକଙ୍କ ସହିତ ଏକବର୍ଷ ପୂର୍ବରୁ ଗଢି ଉଠିଥିଲା ବନ୍ଧୁତା । ପରେ ପ୍ରେମ ସମ୍ପର୍କ, ପରେ ଇନଷ୍ଟାଗ୍ରାମ୍‌ରେ ଚାଟିଂ ଓ ଫୋନରେ ଚାଲିଥିଲା ଘଣ୍ଟା ଧରି କଥାବାର୍ତ୍ତା । ଧିରେ ଧିରେ ଉଭୟଙ୍କ ମଧ୍ୟରେ ଗଢ଼ିଉଠିଥିଲା ପ୍ରେମ ସମ୍ପର୍କ । ଦୁହେଁ ଦୁହିଁଙ୍କ ସହିତ ଭିଡିଓ କଲ୍ ମାଧ୍ୟମରେ କଥାବାର୍ତ୍ତା ହେଉଥିଲେ । ଯୁବକ ଫୋନ୍ ଯୋଗେ ନାବାଳିକାକୁ କହିଥିଲା, ମୁଁ ତୋତେ ଭଲ ପାଏ ବିବାହ କରିବି । କିନ୍ତୁ ଝିଅଟି ବିବାହ କରିବାକୁ ଅସ୍ୱୀକାର କରିଥିଲା । ଯୁବକ ରାଗିଯାଇ କିଛି ନ ମାନି ଝିଅର ଅଶ୍ଳୀଳ ଫଟୋକୁ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଭାଇରାଲ କରିଥିଲା ଓ ମୋତେ ବିବାହ ନ କଲେ ତୋତେ ଅପହରଣ କରିନେବି ଓ ଜୀବନରୁ ମାରିଦେବି ବୋଲି ଧମକ୍ ଦେଇଥିଲା । ଏ ନେଇ ଝାରପୋଖରିଆ ଥାନାରେ ଏପ୍ରିଲ ୧୨ ତାରିଖରେ ଅଭିଯୋଗ ହୋଇଥିବାବେଳେ ପୁଲିସ ମାମଲା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଦୀର୍ଘ ଦେଢ଼ ମାସ ପରେ ଝାରପୋଖରିଆ ପୁଲିସକୁ ସଫଳତା ମିଳିଛି । ଯୁବକର ମୋବାଇଲ ନମ୍ବରକୁ ଟ୍ରାକ କରି ଏକ ସ୍ୱତନ୍ତ୍ର ଟିମ୍ ଝାଡ଼ଖଣ୍ଡର ଜାମସେଦପୁର ନାରାଙ୍ଗାରେ ଥିବା "ରଙ୍ଗ ରସିଆ' ହୋଟେଲରୁ ଅଭିଯୁକ୍ତ ଯୁବକକୁ ଗିରଫ କରି ଡାକ୍ତରୀ ମଇନା କରି ବାରିପଦା କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି ।



## କୁସେଇ ସେତୁରୁ କାର୍ ଖସି ଦୁଇ ମୃତ

ଆନନ୍ଦପୁର, ୨୮।୫ (ସମିସ): ଦେିତାରୀ ଥାନା ରାସୋଳ ଗ୍ରାମ କୁସେଇ ନଦୀ ବ୍ରିଜ ଉପରୁ ଏକ କାର ତଳକୁ ଖସି ପଡ଼ିବାରୁ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଅଘଟଣରେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ।

### ୨ ଗୁରୁତର

ସମସ୍ତଙ୍କୁ ପାଣି ଭିତରୁ ସ୍ଥାନୀୟ ଲୋକଙ୍କ ସହ ଦୈତାରୀ ପୁଲିସ ଉପସ୍ଥିତିରେ ଉଦ୍ଧାର କରାଯାଇଥିଲା ।



ଦୁଇ ମୃତଦେହକୁ ଭଗାମୁଣ୍ଡା ମେଡିକାଲକୁ ପଠାଯାଇଛି । ମୃତକଙ୍କ ପରିଚୟ ମିଳିପାରି ନଥିବା ବେଳେ ସମସ୍ତଙ୍କ ଘର ଢେଙ୍କାନାଳରେ ବୋଲି ଜଣାପଡ଼ିଛି । ସେମାନେ ଘଟଗାଁ ମା'ତାରିଣୀଙ୍କ ଦର୍ଶନ କରିବା ନିମନ୍ତେ ଏକ କାର ଯୋଗେ ଯାଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି ।

## ନଅଁଣା ଗ୍ରାମରୁ ଚୋରି

ରାଇରଙ୍ଗପୁର/କରଞ୍ଜିଆ, ୨୮।୫ (ସମିସ): ଯଶିପୁର ଥାନା ଅଞ୍ଚଳରେ କିଛିଦିନର ବ୍ୟବଧାନ ପରେ ଚୋରି ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଦୁର୍ବୃତ୍ତମାନେ ତାଲା ବନ୍ଦ ଘରେ କଳାକନା ବୁଲାଇଛନ୍ତି । ଲୋକଙ୍କ ଅନୁପସ୍ଥିତିରେ ଘର ତାଲା ଭାଙ୍ଗି ଟଙ୍କା ଓ ସୁନା, ରୁପା ଅଳଙ୍କାର ଚୋରି କରିଛନ୍ତି । ନଅଁଣା ଗ୍ରାମର ଲିଜା ସିଙ୍କୁ ଘର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି । ସେ ଘରକୁ ଫେରି ସମ୍ମୁଖ କବାଟ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ ଓ ତାଙ୍କ ଘରର ଆଲମାରୀ ତାଲା ଭାଙ୍ଗାଯାଇ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର, ୨୦,୦୦୦ ଟଙ୍କା ଆଦି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ସେ ଏ ନେଇ ଯଶିପୁର ଥାନାରେ ଅଭିଯୋଗ କରିଥିବାବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ବଡ଼ସାହି ଲ୍ୟାମ୍ପସରେ ରବି ଧାନମଣ୍ଡି ଉଦ୍‌ଘାଟିତ

ବଡ଼ସାହି, ୨୮।୬ (ସମିସ): ବଡ଼ସାହି ବ୍ଲକ ଅଧୀନ ବଡ଼ସାହି ଲ୍ୟାମ୍ପସରେ ରବି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ଏଥିରେ ବଡ଼ସାହି ଲ୍ୟାମ୍ପସ ସଭାପତି ଲକ୍ଷ୍ମୀ ସିଂ, ଏମଡି ଭଗବାନ ସାମନ୍ତରାୟ, ଲ୍ୟାମ୍ପସର ନିର୍ଦ୍ଦେଶକ ଅତୁଲ୍ୟ ମହାର୍ଣ୍ଣା, ଚାଷୀ କମିଟି ସଦସ୍ୟ ରାଜେନ୍ଦ୍ର ବେହେରା ଓ ସଞ୍ଜୀବ ମହାନ୍ତଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ବିଧିବଦ୍ଧ ଭାବେ ଏହି ମଣ୍ଡିର ଉଦ୍‌ଘାଟନ କରିଛନ୍ତି । ପ୍ରଥମ ଦିନରେ ବଡ଼ସାହି ଲ୍ୟାମ୍ପସରୁ ଅପୂର୍ବା ମିଲ୍ ୭ ଜଣ ଚାଷୀଙ୍କଠାରୁ ୨୨୦ କ୍ୱିଣ୍ଟାଲ ସଂଗ୍ରହ କରିଥିବା ଜଣାଯାଇଛି ।



## ହୋ, ମୁଣ୍ଡା ଓ ସାନ୍ତାଳୀ ସଙ୍ଗୀତର ଲୋକପ୍ରିୟ ସଙ୍ଗୀତକାର ବାଲେମା ହନହାଗା

ଶରତ, ୨୮।୫ (ସମିସ): ମୟୂରଭଞ୍ଜ ଜିଲ୍ଲାର ବଣ ପାହାଡ଼ ଘେରା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ସରଡିହା ପଞ୍ଚାୟତର ଭଣ୍ଡାର ଗ୍ରାମର କଣ୍ଠଶିଳ୍ପୀ ବାଲେମା ହନହାଗା (୨୪) ହୋ', ମୁଣ୍ଡା ଓ ସାନ୍ତାଳୀ ଭାଷାରେ ଅନେକ ସଙ୍ଗୀତରେ କଣ୍ଠଦାନ କରି ଚର୍ଚ୍ଚାକୁ ଆସିଛନ୍ତି । ବାଲେମା ହନହାଗା ବିଭିନ୍ନ ୟୁଟ୍ୟୁବ ଚ୍ୟାନେଲରେ ୫୦ରୁ ଅଧିକ ସଙ୍ଗୀତରେ କଣ୍ଠଦାନ କରି ଆଦିବାସୀ ସଙ୍ଗୀତ ଦୁନିଆରେ ଚର୍ଚ୍ଚାରେ ରହିଛନ୍ତି । ତାଙ୍କ ବାପା କାହ୍ନୁ ହନହାଗା ଓ ମାତା ନାନିକା ହନହାଗା । ବାପା ଚାଷ କାମ କରୁଥିବାବେଳେ ମାଆ ଗୃହିଣୀ ଅଟନ୍ତି । ଶରତସ୍ଥ ପିଆରଏମ କଲେଜରୁ +୨ କଳା ପାସ କରିବା ପରେ ସେ ବର୍ତ୍ତମାନ ଭୁବନେଶ୍ୱରର ନମିତାଦେବୀ ଗ୍ରୁପ ଅଫ ନର୍ସିଂ କଲେଜରେ ଜିଏନଏମ କୋର୍ସ କରୁଛନ୍ତି । ପାଠପଢା ସାଙ୍ଗକୁ ଆଦିବାସୀ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ନିଜକୁ ସାମିଲ କରିଛନ୍ତି । ବିଶେଷ ଭାବେ ହୋ' ସଙ୍ଗୀତର ପ୍ରଚାର ପ୍ରସାର ଦିଗରେ ସେ କାର୍ଯ୍ୟ କରୁଥିବା କହିଛନ୍ତି । ବାଲେମା ଗାଇଥିବା ଗୀତ ମଧ୍ୟରେ ପାଇଲେ ନେପେଲରେ, ତିଳିରେ ସାକମ, ନାଶେ ନାଶେ କାଥା ତେଗେ, ଆଞ୍ଜ ବିୟୁଟି ପାର୍ଲର ବାଲି, ଆବୁଗେ ଆଦିବାସୀ, ଝିଲିକି ଝିପିରି, ଜାପିଡ ଏଭେନ କୁକୁମୁକରେ, ଜୁଆରେ ଜୁଆରେ ସିଂବଙ୍ଗା, ଚେନ୍ନାଇ ଦିଶୁମ ନାମାଲ କୋଳା, ଓକନ ଦିଶୁମରେନ ମାଇ, ଆପେ ରାଚା ବାରୁ ଦାରୁ ଓ ବାଜାର ବାଜାର କଟକ ବାଜାର ପ୍ରଭୃତି ବେଶ ଲୋକାଦୃତ ହୋଇପାରିଛି । ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ହୋ ସଙ୍ଗୀତକୁ ପ୍ରଚାର ଓ ପ୍ରସାର କରିବା ତାଙ୍କର ଲକ୍ଷ୍ୟ ବୋଲି ବାଲେମା ହନହାଗା କହିଛନ୍ତି । ଆଦିବାସୀ ହୋ ଜନଜାତି ପରିବାରରେ ଜନ୍ମ ଗ୍ରହଣ କରିଥିଲେ ହେଁ ଅତ୍ୟନ୍ତ ଛୋଟ ବୟସରେ ବାଲେମା ହନହାଗାଙ୍କ ଭଳି ପ୍ରତିଭା ସୃଷ୍ଟି ହେବା ହୋ ସମାଜରେ ବିରଳ ବୋଲି କୁହାଯାଉଛି । ତାଙ୍କୁ ଉପଯୁକ୍ତ ସରକାରୀ ଓ ବେସରକାରୀ ସ୍ତରରେ ସୁଯୋଗ ଦିଆଗଲେ ହୋ ସଙ୍ଗୀତକୁ ଅଧିକ ରୁଦ୍ଧିମନ୍ତ କରିବାରେ ଅଧିକ ବ୍ରତୀ ହୋଇପାରିବେ ବୋଲି ସେ କହିଛନ୍ତି ।



# ଜିଲ୍ଲାସ୍ତରୀୟ ଗ୍ରୀଷ୍ମକାଳୀନ ଭାରୋତ୍ତୋଳନ ଶିବିର ଉଦ୍‌ଘାଟିତ

ବାରିପଦା, ୨୮।୫ (ସମିସ):

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ୮ରୁ ୧୫ ବର୍ଷ ବୟସର ବାଳକ/ବାଳିକାଙ୍କ ପାଇଁ ଉଦ୍ଦିଷ୍ଟ ଜିଲ୍ଲାସ୍ତରୀୟ ଗ୍ରୀଷ୍ମକାଳୀନ ଭାରୋତ୍ତୋଳନ ଶିବିର ରାଜ୍ୟର ୨୩ ଜିଲ୍ଲାର ୪୫ଟି ସ୍ଥାନରେ ଏକକାଳୀନ ଶୁଭାରମ୍ଭ ହୋଇଛି । ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ନିମନ୍ତେ ବାରିପଦା ବ୍ଲକ ଅଧୀନ ନଙ୍ଗଳକଟାସ୍ଥ ଶକ୍ତିମାନ ଜିମ୍ନାସିୟମ ପ୍ରାଙ୍ଗଣରେ ଗୁରୁବାର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି । ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ପରେଶ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ଭାରୋତ୍ତୋଳନ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତିକ ଖେଳାଳି ମନ୍ଦାକିନୀ ମହାନ୍ତ, ସମାଜସେବୀ ଡା. ଲକ୍ଷ୍ମୀଧର ପତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ କାଳୀଚରଣ ନାଏକ, ବିଜେପିର ଏସଟି ମୋର୍ଚ୍ଚା ମୟୂରଭଞ୍ଜ ଜିଲ୍ଲା ସଭାପତି ଶୁକୁଲ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ । ବିଜେପିର ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ରଙ୍କ ସଂଯୋଜନା ଓ ମଞ୍ଚ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭାରୋତ୍ତୋଳନ ସମେତ ବିଭିନ୍ନ ପ୍ରକାର ଶାରୀରିକ କ୍ରୀଡା ଦ୍ୱାରା ଉଭୟ ମନ ଓ ଶରୀର ମଧ୍ୟରେ ସନ୍ତୁଳନ ରକ୍ଷା ସାଙ୍ଗକୁ ଏକ ସୁସ୍ଥ, ସୁନ୍ଦର, ନିରୋଗ ଓ ନିରାମୟ ଜୀବନଯାପନ ସମ୍ଭବପର ହୋଇଥାଏ ବୋଲି ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ । ସଭା ପରେ ମୁଖ୍ୟଅତିଥି ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ନାୟକ ଶିବିରକୁ ଉଦଘାଟନ କରିବା ପରେ ପ୍ରଶିକ୍ଷଣ ନେଉଥବା ପ୍ରତିଯୋଗୀ ନିଜର କୌଶଳ ପ୍ରଦର୍ଶନ କରିଥିଲେ ।

ଆଜିଠାରୁ ଆସନ୍ତା ଜୁନ ମାସ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ୭ଟାଠାରୁ ପୂର୍ବାହ୍ନ ସାଢେ ୯ଟା ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଚାଲୁ ରହିବ । ଏଥିରେ ବାରିପଦା, ବେତନଟୀ, ମୋରଡା, ବଡସାହି ସମେତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରଶିକ୍ଷାର୍ଥ ଅଂଶଗ୍ରହଣ କରିଛନ୍ତି । ଶକ୍ତିମାନ ଜିମ୍ନାସିୟମର ସଂଗ୍ରାମ କେଶରୀ ଦେବ, ଜନାର୍ଦ୍ଦନ ମହାନ୍ତ, ରତିକାନ୍ତ ମହାନ୍ତ, ଅଜୟ ଜେନା, ଅଭିଷେକ ମହାନ୍ତ, ହିମାଂଶୁ ମହାନ୍ତ, ସୁରଜ ଲୋହାର, ସୁଷମା ରାୟ, ଜିତେନ୍ଦ୍ର ବେହେରା, ଅମୂଲ୍ୟ ଦାଶ, ଦିଲ୍ଲୀପ ଦାସ, ଦୀପୁ ଦାସ, ବଳଭଦ୍ରପୁର ସରପଞ୍ଚ ଅନ୍ନପୂର୍ଣ୍ଣା ଖଣ୍ଡେଇ, ଦୀପକ ପାତ୍ର, କରମଚାନ୍ଦ କାଳନ୍ଦୀ, ସରୋଜିନୀ କିସ୍କୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା ଶିବିର ପରିଚାଳନା କରୁଛନ୍ତି । ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ତାଲିମ ନେବାକୁ ପାଖପାଖି ୫୦ ଜଣ ଛାତ୍ରଛାତ୍ରୀ ନିଜର ନାମ ପଞ୍ଜୀକରଣ କରିଛନ୍ତି । ଯେଉଁମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ, ସେମାନେ ମଧ୍ୟ ଆବେଦନ ପୂର୍ବକ ନିଜର ନାମ ପଞ୍ଜୀକରଣ କରାଇପାରିବେ ବୋଲି ଆୟୋଜକ ଶକ୍ତିମାନ ଜିମ୍ନାସିୟମ ପକ୍ଷରୁ ସୂଚନା ଦିଆଯାଇଛି ।



## ଏସ୍‌ଆଇଆର୍ ତାଲିମ ଶିବିରରେ ଅନୁପସ୍ଥିତ ରହିବାରୁ ଅଡୁଆରେ ବଡ଼ସାହି ବିଡିଓ

ବାରିପଦା/ବଡ଼ସାହି, ୨୮।୫ (ସମିସ): ମୟୂରଭଞ୍ଜ ଜିଲ୍ଲା ୩୨-ବଡ଼ସାହି (ଏସସି) ବଡ଼ସାହି ବ୍ଲକ୍ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କରେ ଏକ ଦିନିକିଆ ତାଲିମ ଶିବିର ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଆୟୋଜିତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତାଙ୍କ ଅଧୀନରେ କାର୍ଯ୍ୟରତ ବିଏଲଓ ଓ ସେମାନଙ୍କର ସୁପରଭାଇଜରଙ୍କୁ ତାଲିମ ପ୍ରଦାନ କରିଥିଲେ । ସେମାନଙ୍କୁ ଗଣନା ଫର୍ମ ପୂରଣ କରିବା, ତ୍ରୁଟି/ଅସଙ୍ଗତି କ୍ଷେତ୍ରରେ ପଞ୍ଚନାମା ଫର୍ମାଟ୍ ବ୍ୟବହାର କରିବା ବିଷୟରେ ମାର୍ଗଦର୍ଶନ କରିଥିଲେ । ସେମାନଙ୍କର ସମସ୍ତ ପ୍ରଶ୍ନର ବିସ୍ତୃତ ଭାବେ ସମାଧାନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ଏସ୍‌ଆଇଆର୍ ସହ ଜଡିତ ବିଭିନ୍ନ ପ୍ରକ୍ରିୟା, ଡିଜିଟାଲ୍ ପ୍ରଣାଳୀ ଓ କାର୍ଯ୍ୟ ସମ୍ପାଦନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ବିଏଲ୍‌ଓଙ୍କୁ ଉତ୍ସାହିତ କରି କହିଥିଲେ ଯେ, ଏହି ତାଲିମ ସେମାନଙ୍କ କାର୍ଯ୍ୟକୁ ଆହୁରି ଅଧିକ ଦକ୍ଷ ଓ ସହଜ କରିବ । ଉକ୍ତ ଶିବିରରେ ପ୍ରଶ୍ନୋତ୍ତର ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା । ତେବେ ଶିବିରରେ ବଡ଼ସାହି ବିଡିଓ ବନଜା ଦାସ କୌଣସି ପ୍ରାକ୍ ସୂଚନା ନ ଦେଇ ଅନୁପସ୍ଥିତ ରହିଥିଲେ । ଯାହାକୁ ନେଇ ଏସଆଇଆର ଭଳି ସରକାରୀ କାର୍ଯ୍ୟକ୍ରମ ତ୍ୱରିତ ଓ ସଫଳ ହେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ବିଡିଓଙ୍କ ଅନୁପସ୍ଥିତିକୁ ନେଇ ଅତିରିକ୍ତ ଜିଲ୍ଲାପାଳ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଉପସ୍ଥିତ ରହି ତାଲିମ ପ୍ରଦାନ କରିଛନ୍ତି ।



ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରା

# ଅଧପନ୍ତରିଆ ଅବସ୍ଥାରେ କେନାଲ ପୋଲ ନିର୍ମାଣ

ବନ୍ତ/ଆଗରପଡ଼ା,୨୮।୫(ସମିସ)



ଗତ ଫେବୃଆରୀ ୧୯ ତାରିଖରେ '୨ବର୍ଷ ପରେ ବି ସରୁନି କେନାଲ ପୋଲ ନିର୍ମାଣ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଅଧପନ୍ତରିଆ ଅବସ୍ଥାରେ ଥିବା କେନାଲ ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ ଅସମ୍ପୂର୍ଣ୍ଣ ପୋଲର ସ୍ଲାବ୍ କାମ ସରିଯାଇଥିଲା। କିନ୍ତୁ ଇତି ମଧ୍ୟରେ ୨ ମାସ ବିତିଯାଇଥିଲେ ସୁଦ୍ଧା ପୋଲର ସୁରକ୍ଷା ବାଡ଼ା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ସେହିପରି ନିର୍ମାଣାଧୀନ ଉକ୍ତ ପୋଲ ଉପରେ ବିଦ୍ୟୁତ୍ ତାର ଯାଇଥିବାବେଳେ ବିଦ୍ୟୁତ୍ ଖୁଣ୍ଟିର ଅବସ୍ଥାନ ଆଗାମୀ ଦିନରେ ଗମନାଗମନରେ ବଡ଼ଧରଣର ସମସ୍ୟା ରୂପେ ଉଭା ହେବାର ସମ୍ଭାବନା ସୃଷ୍ଟି ହୋଇଥିବାବେଳେ ବିଦ୍ୟୁତ୍ ଖୁଣ୍ଟିକୁ ବିଭାଗ ପକ୍ଷରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇପାରି ନାହିଁ। ଯାହାକି ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତରେ ପ୍ରବାହିତ ଚରମ୍ପା କେନାଲ ଉପରେ ନିର୍ମାଣାଧୀନ ପୋଲ ୨ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ବି ସରିବାର ନାଁ ଧରୁ ନ ଥିବା ଏବଂ ଉକ୍ତ ପୋଲ ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ନିର୍ମାଣ ନ ସରୁଣୁ ଠିକାଦାରଙ୍କ ଦ୍ୱାରା ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଚଳୁ ହୋଇଯାଇଥିବା ନେଇ ଫେବୃଆରୀ ମାସରେ ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୋପିନାଥପୁର ପଞ୍ଚାୟତ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଥିଲା।

ଗତ ୨ବର୍ଷ ତଳେ ପାଖାପାଖି ୪୩ ଲକ୍ଷ ଟଙ୍କା ମଞ୍ଜୁର ଅର୍ଥରେ ଗୋପିନାଥପୁର ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ଚରମ୍ପା କେନାଲ ଉପରେ ଗୋପିନାଥପୁରଠାରେ ଏକ ପୋଲ ନିର୍ମାଣ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପୂର୍ବତନ ସରକାରଙ୍କ ସମୟରେ ସ୍ଥାନୀୟ ବିଧାୟକ ଶିଳାନ୍ୟାସ କରିଥିଲେ। ଉକ୍ତ ପୋଲ ଚାଷ ଓ ଅମଳ ସମୟରେ ଚାଷୀଙ୍କ କାମରେ ଲାଗିବାକୁ ନେଇ ନିର୍ମାଣ ପାଇଁ ସ୍ଥିର କରାଯାଇଥିଲା। କିନ୍ତୁ ଇତି ମଧ୍ୟରେ ୨ ବର୍ଷରୁ ଅଧିକ ସମୟ ବିତିଯାଇଥିବା ବେଳେ ଏହା ଅଧପନ୍ତରିଆ ଅବସ୍ଥାରେ ଦଣ୍ଡାୟମାନ ହୋଇ ସରକାରଙ୍କ ଲକ୍ଷ୍ୟ ପ୍ରତି ପରିହାସ ସୃଷ୍ଟି କରିବା ସହ ଅଧପନ୍ତରିଆ ଅବସ୍ଥାରେ ଥିବା ଉକ୍ତ ପୋଲ ଗୃହପାଳିତ ପଶୁପକ୍ଷୀଙ୍କ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି କରୁଛି। ଏହା ତଳେ ଗମନାଗମନ କରିବାମାନେ ବିପଦକୁ ଆମନ୍ତ୍ରଣ କରିବା ସଦୃଶ ପାଲଟିଛି। ସେହିପରି ଏହା ପାଖରେ ଥିବା ପୁରାତନ ପୋଲ ମଧ୍ୟ ଗମନାଗମନ ପାଇଁ ନିରାପଦ ନୁହେଁ ବୋଲି ସେମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିବା ଜଣାପଡ଼ିଥିଲା। ଅପରପକ୍ଷରେ ଉକ୍ତ ପୋଲ ନିର୍ମାଣ ନିମନ୍ତେ ମଞ୍ଜୁର ହୋଇଥିବା ସମସ୍ତ ଅର୍ଥ ନିର୍ମାଣ ନ ସରୁଣୁ ଉଠାଣ ହୋଇଥିବା ମଧ୍ୟ ଅଭିଯୋଗ ହୋଇଥିଲା।

ନିର୍ମାଣ ନ ସରୁଣୁ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରା ଯୋଗୁଁ ମଞ୍ଜୁର ଅର୍ଥ ଚଳୁ ହୋଇଯାଇଥିବାରୁ ଉକ୍ତ ପୋଲ ନିର୍ମାଣ ସରିବା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେଣୁ ଏହାର ଏକ ବିଧିବଦ୍ଧ ତଦନ୍ତ କରାଯାଇ ଅସମ୍ପୂର୍ଣ୍ଣ ପୋଲକୁ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ ଠିକାଦାର ତରବରିଆ ଭାବେ ଅସମ୍ପୂର୍ଣ୍ଣ ପୋଲର ସ୍ଲାବ୍ କାମ ସାରିଦେଇ ଚୁପ୍ ହୋଇ ବସିଥିବାରୁ ପୋଲଟି କେବେ କାର୍ଯ୍ୟକ୍ଷମ ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ବର୍ଷା ଦିନ ଆରମ୍ଭ ହେବା ପୂର୍ବରୁ ଅସମ୍ପୂର୍ଣ୍ଣ ପୋଲକୁ ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଧାମନଗର ପାଇଁ ଗୌରବ ଆଣିଲେ ସାଇବନିତା



ଧାମନଗର,୨୮।୫(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଚୁଡ଼ାକୁଟି ପଞ୍ଚାୟତ ଅଧୀନସ୍ଥ ମାଙ୍କିଡ଼ିଆ ଗ୍ରାମର ସମାଜସେବୀ କପିଳଚନ୍ଦ୍ର ବେହେରା ଓ ମାଆ ସସ୍ମିତା ବେହେରାଙ୍କ ଏକମାତ୍ର ଝିଅ ରେଭେନ୍ସା ମହାବିଦ୍ୟାଳୟ ଛାତ୍ରୀ ସାଇବନିତା ବେହେରା ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଯୁକ୍ତ ୨ ବିଜ୍ଞାନରେ ଚଳିତ ବର୍ଷ ସର୍ବାଧିକ ୫୫୪ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସାଇବନିତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସଫଳତା ପଛରେ ଶ୍ରେୟ ତାଙ୍କ ବାପା, ମାଆ ଓ ତାଙ୍କର କଠିନ ପରିଶ୍ରମ ସହିତ ଅନୁଷ୍ଠାନର ଶିକ୍ଷକମାନଙ୍କର ମାର୍ଗଦର୍ଶନ ଓ ସହଯୋଗ ରହିଛି ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଗରଦପୁର ଗ୍ରାମ ବିକାଶ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ସହ ଆଲୋଚନା



ଭଦ୍ରକ,୨୮।୫(ସମିସ): ଗରଦପୁର ଗ୍ରାମ ବିକାଶ ସମିତିର ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ନେତୃତ୍ୱରେ ଗରଦପୁର ଗ୍ରାମର କେତେକ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଭେଟି ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ରାଉତରାଏ ଡକ୍ଟରେଟ୍ ଉପାଧି ଲାଭ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଗରଦପୁର ଗ୍ରାମ ମଧ୍ୟଭାଗରେ ଅବସ୍ଥିତ ଏକ ଜଳାଶୟ ପୁନଃଉଦ୍ଧାର ନିମନ୍ତେ ଯାହା ପୌରପାଳିକା ପକ୍ଷରୁ ଟେଣ୍ଡର ହୋଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହେଉ ନ ଥିବାରୁ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଗରଦପୁରରେ ଜନ୍ମଗ୍ରହଣ କରିଥିବା "ରତ୍ନକୋଷ' ପ୍ରଣେତା କବି ଭାଗିରଥି ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ପ୍ରତିବର୍ଷ ଜୁଲାଇ ୨୦ ତାରିଖରେ ପାଳିତ ହେବାକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ଏତଦ୍‌ବ୍ୟତୀତ ଗରଦପୁର ଗ୍ରାମରେ ଅବସ୍ଥିତ ବିଷ୍ଣୁମୋହନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଖେଳ ପଡ଼ିଆ ଯୋଗାଇଦେବାକୁ ଆବେଦନ କରାଯାଇଥିଲା। ଜିଲ୍ଲାପାଳ ଡ. ରାଉତରାଏ ସହୃଦୟତାର ସହ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାବେଳେ ପ୍ରଦୌତନ ସୁଆର, ପୂର୍ଣ୍ଣଚନ୍ଦ୍ର ବହଳୀ, ବିଜୟକୁମାର ଅଗସ୍ତି, ରାମଚନ୍ଦ୍ର କର, ସୁଧାଂଶୁ ଶେଖର ମହାନ୍ତି, ନରେନ୍ଦ୍ର ମହାପାତ୍ର, ହରିହର ମହାନ୍ତି, ରବିନାରାୟଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସ୍ମରଣିକା ଅଚ୍ୟୁତାଞ୍ଜଳି ଉନ୍ମୋଚିତ



ବାରିକପୁର,୨୮।୫(ସମିସ): ବିଶିଷ୍ଟ କବି ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ସାମଲ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ। ସେ ଜଣେ ବ୍ୟକ୍ତି ନ ଥିଲେ, ଗୋଟିଏ ଅନୁଷ୍ଠାନ ଥିଲେ ବୋଲି ଅଚ୍ୟୁତାନନ୍ଦଙ୍କ ଏକାଦଶାହ ସ୍ମୃତିଚାରଣ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ତୁଳସୀପୁରଠାରେ ଡ. କ୍ଷୀରୋଦ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସ୍ୱାଧୀନତା ସଂଗ୍ରାମୀ ଗୋଲକ ଚନ୍ଦ୍ର ମହାନ୍ତି, ବିଶିଷ୍ଟ ସାହିତ୍ୟିକ ସୁଧାକର ନନ୍ଦ, ଡ. ବ୍ରଜମୋହନ ମିଶ୍ର, ଡ. ଭରତ ବେହେରା, ଡ. ସୁରେନ୍ଦ୍ର ମିଶ୍ର, ସମାଜସେବୀ ବଦ୍ରିନାରାୟଣ ଧଳ, ଶିକ୍ଷାବିତ୍ ହେମେନ୍ଦ୍ର ମହାନ୍ତି, ଜିତେନ୍ଦ୍ର ନାୟକ, ସୁରଞ୍ଜନ ପଣ୍ଡା, ରତିକାନ୍ତ ବେହେରା, ଅଧ୍ୟାପକ ଅନାଦି ଚରଣ ସାହୁ, ପ୍ରକାଶ ମହାପାତ୍ର, ପବନ ନାୟକ, ପୁରୁଷୋତ୍ତମ ଧଳ, ରମାକାନ୍ତ ବେହେରା, ଜଗନ୍ନାଥ ସାମଲ, ଭୁବନମୋହନ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଯୋଗ୍ୟଶ୍ରୀ ସାମଲଙ୍କ ସମ୍ପାଦିତ 'ଅଚ୍ୟୁତାନନ୍ଦ ପରିକ୍ରମା' ଓ ସ୍ମରଣିକା 'ଅଚ୍ୟୁତାଞ୍ଜଳି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକାରିଣୀ ବୈଠକ

ଧାମନଗର,୨୮।୫(ସମିସ): ଧାମନଗରସ୍ଥିତ ଏପିଜେ ଅବ୍‌ଦୁଲ କଲାମ ପାଠାଗାର କେନ୍ଦ୍ର ତଥା ଧାମନଗର ବରିଷ୍ଠ ନାଗରିକ ପରିଷଦର ସଭାଗୃହରେ ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସୋସାଇଟି ଆକ୍ଟ ଅନୁଯାୟୀ ୫ ବର୍ଷରେ ପରିଷଦ ନବୀକରଣ, ଧାମନଗର ସହରରେ ଟ୍ରାଫିକ୍ ସମସ୍ୟା, ବାର୍ଷିକ ମୁଖପତ୍ର ପ୍ରକାଶନ ପାଇଁ ସମ୍ପାଦନା ମଣ୍ଡଳୀ ଗଠନ, ଓଡ଼ିଆ ସଂସ୍କୃତି, ରଜ ମହୋତ୍ସବ ପାଳନ, ଚଳିତ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷାରେ ବ୍ଲକ୍ ଟପ୍ପର ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ଦେବା ଓ ବିଭିନ୍ନ ସାମାଜିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ପରିଷଦର ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସେକ୍ ଅବ୍‌ଦୁଲ ହାକିମ, ବରିଷ୍ଠ ସଦସ୍ୟ ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ସାହୁ, ବିଶ୍ୱନାଥ ବେହେରା, ଲମ୍ବୋଦର ମହାନ୍ତି, ମହେଶ୍ୱର ସ୍ୱାଇଁ, ବ୍ରହ୍ମାନନ୍ଦ ପୃଷ୍ଟି, ରମଣୀ ରଞ୍ଜନ ଦାଶ, ଭିକାରୀ ବେହେରା, ଦଶରଥ ଦାସ, ନିରାକାର ଧଳ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ପରିଷଦର ଅନେକ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ସଭ୍ୟ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## ଜରାଜୀର୍ଣ୍ଣ ତୁଳସୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା

ବାରିକପୁର,୨୮।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ତୁଳସୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ପାଖାପାଖି ଦୁଇ ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସାହାରାଗଡ଼ିଆ ଛକଠାରୁ ତୁଳସୀପୁର ଗାଁ ଦେଇ ରଣାଡିହ ଅତିକ୍ରମ କରି ବରଦା ବଜାରକୁ ଉକ୍ତ ରାସ୍ତାଟି ସଂଯୋଗ ହୋଇଛି। କିଛିବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତାର ଅର୍ଦ୍ଧାଧିକ ଭାଗ କଂକ୍ରିଟ୍ ନିର୍ମାଣ ହୋଇଥିବାବେଳେ ଆଉ ଅଧା ପିଚୁ ନିର୍ମିତ ହୋଇଥିଲା। ଇତିମଧ୍ୟରେ ରାସ୍ତା ମରାମତି ସମୟସୀମା ମଧ୍ୟ ଶେଷ ହୋଇଯାଇଛି। ୨୦୨୫ ଜାନୁଆରୀ ମାସରୁ ଯୋଜନା ମୁତାବକ ରାସ୍ତା ରକ୍ଷଣାବେକ୍ଷଣ ବାବଦରେ ବଳକା ଅର୍ଥ ଖର୍ଚ୍ଚ ସରିଛି। ଏହାପରେ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଆଉ ରାସ୍ତା ମରାମତି ହେଉନାହିଁ। ବିଶେଷ କରି ଏବେ ରଣାଡିହଠାରୁ ବରଦା ବଜାର ପୂର୍ତ୍ତ ବିଭାଗ ରାସ୍ତା ଯାଏଁ ଏହି ପଥ ବିପଦସଂକୁଳ ପାଲଟିଛି। ପିଚୁ, ବଜୁରୀ ଓ ମେଣ୍ଟାଲ ଉଠିଯାଇଥିବା ବେଳେ ବାଇକ୍ ଓ ସାଇକଲରେ ଯିବା କଷ୍ଟକର ହୋଇପଡୁଛି। ଦୈନିକ ହଜାରେରୁ ୧୫ଶହ ଗ୍ରାମବାସୀ ଗମନାଗମନ ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ଗ୍ରାମରୁ ଭଣ୍ଡାରିପୋଖରୀ ପାଶ୍ୱର୍କୁ ଯିବା ପାଇଁ ସାମାନ୍ୟ ସହଜ ହେଉଥିବାବେଳେ ସରସଦାକୁ ଯାତାୟାତ ପାଇଁ ଲୋକେ କଣ୍ଟକିତ ପଥ ଅତିକ୍ରମ କରୁଛନ୍ତି। ତେଣୁ ରାସ୍ତାର ନବୀକରଣ କାର୍ଯ୍ୟ ପାଇଁ ଗ୍ରାମବାସୀମାନେ ଦୃଢ଼ ଦାବି କରିଛନ୍ତି। ଏନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରଞ୍ଜନ ନାୟକଙ୍କୁ ପଚାରିବାରୁ ରାସ୍ତା ମରାମତି ବାବଦରେ ପ୍ରସ୍ତାବ ରହିଥିବା କହିଛନ୍ତି। ଅର୍ଥ ଆସିଲେ ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି।



## ରଣ ଜାଲିଆତି ଓ ଅନିୟମିତତା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଦାବି

ଅସୁରାଳି,୨୮।୫(ସମିସ)

ଧାମନଗର ବ୍ଲକ୍ ଅନ୍ତର୍ଗତ ପାଳସାହି ସେବା ସମବାୟ ସମିତିରେ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ସାଧାରଣ ସଭା (ଜେନେରାଲ ବଡି ମିଟିଙ୍ଗ୍) ହେଉ ନ ଥିବାରୁ ଅଞ୍ଚଳବାସୀ ଓ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପାଳସାହି ଓ ରଇପୁର ଭଳି ଦୁଇଟି ପ୍ରମୁଖ କୃଷିପ୍ରଧାନ ପଞ୍ଚାୟତକୁ ନେଇ ଗଠିତ ଏହି ସମିତି ଉପରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୮୦ ପ୍ରତିଶତରୁ ଅଧିକ ଚାଷୀ ନିର୍ଭରଶୀଳ। ନିୟମ ଅନୁଯାୟୀ, ପ୍ରତିବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଚାଷୀମାନଙ୍କୁ ନେଇ ସାଧାରଣ ସଭା ଅନୁଷ୍ଠିତ ହେବା କଥା, ମାତ୍ର ଏଠାରେ ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ୨ଟି ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଓ ଚାଷୀ ସମିତି କାର୍ଯ୍ୟାଳୟରେ ପହଞ୍ଚି ସଭାପତି ଓ କର୍ମଚାରୀଙ୍କ ସହ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିବା ସହ ପ୍ରତିବାଦ କରିଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ସାହୁଙ୍କ ଅନୁପସ୍ଥିତିରେ ସଭାପତି ଭାଗବତ ଖଟୁଆଙ୍କ ଉପସ୍ଥିତିରେ ଚାଷୀମାନେ ଏହାର ଜବାବ ମାଗିଥିଲେ। ଜଣାପଡ଼ିଛି ଯେ, ୨୦୨୪ ମସିହା ପରଠାରୁ ସମିତିର ଅଡିଟ୍ (ହିସାବ ସମୀକ୍ଷା) ହୋଇ ନ ଥିବାରୁ ମିଟିଂ ଡକାଯାଇପାରି ନାହିଁ ଏବଂ ଅଡିଟ୍ ସରିବା ପରେ ଆଗାମୀ ୨/୪ ମାସ ମଧ୍ୟରେ ବୈଠକ କରିବାକୁ ଚେଷ୍ଟା କରାଯିବ ବୋଲି ସମ୍ପାଦକ ଓ ସଭାପତି ମତ ରଖିଛନ୍ତି। ଅପରପକ୍ଷେ, ପୂର୍ବତନ ସମ୍ପାଦକ ସ୍ୱର୍ଗତ ରଞ୍ଜନ ମାଝୀ ସମିତିର ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ବାହାରେ ରଖି କାର୍ଯ୍ୟ କରୁଥିବାରୁ ଋଣୀ ଚାଷୀଙ୍କ ପାଇଁ ଅନେକ ସମସ୍ୟା ଉପୁଜିଥିବା ସଭାପତି ପ୍ରକାଶ କରିଛନ୍ତି। ଉକ୍ତ ସମବାୟ ସମିତିରେ ଦୀର୍ଘ ଦିନ ହେବ ବହୁ ମନମୁଖୀ ଓ ବେନିୟମ କାର୍ଯ୍ୟ ଚାଲିଥିବା ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଛନ୍ତି। ସମ୍ପାଦକ ପ୍ରାୟ ସମୟ ଅନୁପସ୍ଥିତ ରହୁଥିବାବେଳେ ତାଙ୍କର ଜଣେ ସମ୍ପର୍କୀୟ (ବାହାର ବ୍ୟକ୍ତି) କେଉଁ ନିୟମରେ କାର୍ଯ୍ୟାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ନଥିପତ୍ର ପରିଚାଳନା କରୁଛନ୍ତି, ତାହାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଏବେର ସମ୍ପାଦକ ନିକଟ ଅତୀତରେ ଏଠାରୁ ଇସ୍ତଫା ଦେଇ ବମକୁରା ସେବା ସମବାୟ ସମିତିକୁ ଯାଇଥିବାବେଳେ, ପୁଣି କେଉଁ ନିୟମ ଆଧାରରେ ଏଠାରେ ଆସି ଯୋଗଦେଲେ ତାହା ରହସ୍ୟଘେରରେ। ସବୁଠାରୁ ବଡ଼ ଅଭିଯୋଗ ହେଉଛି, ବହୁ ଚାଷୀଙ୍କ ଅଜାଣତରେ ସେମାନଙ୍କ ନାମରେ ହଜାର ହଜାର ଟଙ୍କାର ମିଥ୍ୟା ଋଣ ଦେଖାଇ ଅର୍ଥ ହଡ଼ପ କରାଯାଇଛି। ଏଭଳି ସ୍ଥିତିରେ ସମିତିରେ ଚାଲିଥିବା ସମସ୍ତ ଦୁର୍ନୀତିର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବା ସହ ଦୋଷୀମାନେ ଦଣ୍ଡିତ ହେବେ ବୋଲି ଦାବି ହୋଇଛି। ଏହି ପ୍ରତିବାଦ ଆଲୋଚନାରେ ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ଚାଷୀ ନେତା କାଶୀନାଥ ମହାନ୍ତି, ବିଜୟ ସୁତାର, ମୃତ୍ୟୁଞ୍ଜୟ ସାହୁ, ସୁରେନ୍ଦ୍ର ମଲିକ, ନିରାକାର ଦାସ, ବାସୁଦେବ ଜେନାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି।

● ପୁସ୍ତକ ଉନ୍ମୋଚନ ଉତ୍ସବ

## 'ନିରବତା ହିଁ ସମାଧାନର ରାସ୍ତା ଦେଖାଇବ'




ବାସୁଦେବପୁର,୨୮।୫(ସମିସ): ମଣିଷ ସଂସ୍କୃତି, ପରମ୍ପରା, ପ୍ରେମ ଓ ପରସ୍ପରକୁ ଭଲ ପାଇବା ଭୁଲିଗଲେଣି। ବୌଦ୍ଧିକ ବିକାଶ ନ ହେଲେ ସେ ଆଗକୁ ଯାଇପାରିବ ନାହିଁ। ଛୋଟ ଛୋଟ ମୁହୂର୍ତ୍ତକୁ ନେଇ ଚିନ୍ତନ କରି ବହିର ପରିକଳ୍ପନା କରାଯାଇପାରେ। ଯାହା ସମାଜର ବାସ୍ତବ ଚିତ୍ର ପୁସ୍ତକ ପରିପ୍ରକାଶ କରେ ବୋଲି ବାସୁଦେବପୁର ନୀଳମଣି ଟାଉନ୍ ହଲ୍‌ରେ ଲେଖିକା ଜସ୍ମିନ ଜ୍ୟୋତି ବେହେରାଙ୍କ ପୁସ୍ତକ ଉନ୍ମୋଚନ ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ କହିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଜୀବନର ବିଭିନ୍ନ ସମସ୍ୟା ଆସିବ। ତାକୁ ସାମ୍ନା କରିବାକୁ ହେବ। ସମସ୍ୟା ସମ୍ମୁଖୀନ ହେବାବେଳେ ଜୀବନର ଗତିପଥ ବଦଳିଯିବ। ସମସ୍ତେ ନିଜେ ନିଜକୁ ଭଲ ପାଇବା। ଯେଉଁଟାକୁ ଆମେ ବଦଳାଇପାରିବା ତାକୁ ଗ୍ରହଣ କରିବା। ଯାହାକୁ ବଦଳାଇପାରିବା ନାହିଁ ନିରବ ରହିବା। ନିରବତା ସମାଧାନ ରାସ୍ତା ଦେଖାଇବ। ଆୟୋଜିତ ସଭାରେ ବିଧାୟକ ଅଶୋକ କୁମାର ଦାସ କହିଥିଲେ ନିଜର ଅନୁଭବ ଓ ଅନୁଭୂତି ପରିପ୍ରକାଶ କଲେ ଦକ୍ଷତାର ବିକାଶ ଘଟିବ। ବରେଣ୍ୟ ଅତିଥି ଅଭିନେତା ପପୁ ପମ୍‌ପମ୍, ଅଭିନେତା ଅମ୍ଳାନ ଦାସ, ପୌରାଧ୍ୟକ୍ଷା ନିବେଦିତା ବେହେରା, ସ୍ନିଗ୍ଧା ମହାନ୍ତି, କବି ଦୀନବନ୍ଧୁ ପତି, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, କବି ପ୍ରଶାନ୍ତ ଦାସ, ଶିଳ୍ପୀ ଅଶୋକ ମହାନ୍ତି, ଭାଗିରଥି ପଲାଇ, ରମେଶ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର, ବୈଲୋଚନ ଜେନା ଯୋଗଦେଇଥିଲେ। ଲେଖିକ ଜସ୍ମିନ ଜ୍ୟୋତି ବେହେରା ପୁସ୍ତକ ରଚନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସୁଧାଂଶୁ ପଣ୍ଡା ସଭାର ସଂଯୋଜନା କରିଥିଲେ।

## ରମେଶ ଧାମନଗର ବ୍ଲକ୍ କଂଗ୍ରେସ ସଭାପତି

ଅସୁରାଳି,୨୮।୫(ସମିସ): ପିସିସି ଅନୁମୋଦନ କ୍ରମେ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ଦ୍ୱାରା ଧାମନଗର ବ୍ଲକ୍ କଂଗ୍ରେସର ଏକ ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାଯାଇଛି। ବହୁ ପୁରୁଖା, ଦକ୍ଷ ଏବଂ ଅଭିଜ୍ଞ ସଂଗଠକଙ୍କୁ ନେଇ ଏହି ନୂତନ କମିଟି ଗଠନ କରାଯାଇଛି। କମିଟିରେ ଜଣେ ବରିଷ୍ଠ ସଂଗଠକ ରମେଶ ଚନ୍ଦ୍ର ବେହେରାଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ଉପସଭାପତି ଭାବେ ପରମାନନ୍ଦ ସାମନ୍ତ, ରାଜେଶ ବିଶ୍ୱାଳ, ଦେବେନ୍ଦ୍ର ମୁଦୁଲି, କୋଷାଧ୍ୟକ୍ଷ ଭାବେ ଅଜିତ୍ ପଣ୍ଡା ଓ ୪ଟି ଜୋନ୍‌ର ସଭାପତି ଘୋଷଣା କରାଯାଇଛି। ଧାମନଗର ଜୋନ୍‌ରେ ସୀତାକାନ୍ତ ବିଶ୍ୱାଳ, ଦୋବଲ ଜୋନ୍‌ରେ ବିଷ୍ଣୁ ଚରଣ ଦାସ, ଅସୁରାଳି ଜୋନ୍‌ରେ ଶ୍ରୀକାନ୍ତ କୁମାର ପଣ୍ଡା ଓ ଧୃଷୁରୀ ଜୋନ୍‌ରେ ଶ୍ରୀଧର କୁମାର ଦାସଙ୍କୁ ନିଯୁକ୍ତି ମିଳିଛି। ସାଧାରଣ ସମ୍ପାଦକ ଭାବେ ଶରତ ଚନ୍ଦ୍ର ସୁତାର, କାଳନ୍ଦୀ ଚରଣ ରାଉତ, ଦେବାଶିଷ ସାମଲ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ମନୋଜ କୁମାର ଭୂୟାଁ, ନିରାକାର ଜେନା ଏବଂ ସୁଧାଂଶୁ ଶେଖର ନାୟକଙ୍କୁ ନିଯୁକ୍ତି ମିଳିଛି। ବରିଷ୍ଠ ନେତା ନାରାୟଣ ପାଢ଼ୀ, ବିଦ୍ୟାଧର ଯେନା, ବାବା ହରେକୃଷ୍ଣ ସେଠୀ ଓ ହୃଦାନନ୍ଦ ସେଠୀଙ୍କ ସମେତ ଅଞ୍ଚଳର ବହୁ ପୁରୁଖା ଏବଂ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ସାମିଲ୍ କରାଯାଇଛି।

■ ସହିଦ ନଗର ଉଚ୍ଛେଦ ଘଟଣା

## ବ୍ୟବସାୟୀଙ୍କୁ ବୁଝାଇଲା ପ୍ରଶାସନ

ସହିଦନଗର,୨୮।୫(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ ନଭେମ୍ବର ୨୮ରେ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଥିବା ସହିଦ ନଗରରୁ ଜବରଦଖଲ ଉଚ୍ଛେଦ ପାଇଁ ଦୀର୍ଘ ୧୦ ବର୍ଷ ପରେ ପ୍ରଶାସନ ତତ୍ପରତା ଦେଖାଇଛି। ବେଆଇନ ଜବରଦଖଲ ହଟାଇବା ପାଇଁ ଧାମନଗର ତହସିଲ୍ ୫୬ ଜଣଙ୍କୁ ନୋଟିସ୍ କରିଛି। ଐତିହାସିକ ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ସହିଦ ସ୍ମୃତିପୀଠର ସୌନ୍ଦର୍ଯ୍ୟକରଣ ଏବଂ ପାରିପାର୍ଶ୍ୱିକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ୧୧ କୋଟି ଆର୍ଥିକ ଅନୁଦାନରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ନୂଆ ପ୍ରକଳ୍ପର ପରିକଳ୍ପନା କାର୍ଯ୍ୟ ଆରମ୍ଭ ହୋଇଥିଲାବେଳେ ଉଚ୍ଛେଦକୁ ନେଇ ସେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଧାମନଗର ତହସିଲ୍‌ଦାର ଜ୍ଞାନ ରଞ୍ଜନ ସାହୁ ସହିଦ ନଗରଠାରେ ପହଞ୍ଚି ବଜାର କମିଟି ଓ ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରଶାସନ ଆଲୋଚନା ବେଳେ ଦର୍ଶାଇଛନ୍ତି ଯେ, ସହିଦ ସ୍ମୃତିପୀଠକୁ ରାଜ୍ୟ ତଥା ଜାତୀୟସ୍ତରରେ ସୁନ୍ଦର ପର୍ଯ୍ୟଟନସ୍ଥଳୀ ରୂପେ ପରିଚୟ ଦେବାକୁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବେଆଇନ ଦଖଲମୁକ୍ତ ହେବା ଜରୁରୀ। ଯେଉଁମାନେ ସରକାରୀ ଜାଗାରେ ଘର ଦୋକାନ ଆଦି କରିଛନ୍ତି ବର୍ତ୍ତମାନ ସେମାନଙ୍କୁ ଏଠାରେ ଥିବା ଆର୍‌ଏମ୍‌ସି ମାର୍କେଟ କମ୍ପ୍ଲେକ୍ସରେ ଗୃହ ଯୋଗାଇ ଦିଆଯିବ ଏବଂ ନିକଟରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ସେଠାରେ ସେମାନଙ୍କୁ ପୂର୍ବପରି ଥଇଥାନ କରାଯିବ। ବସୁନ୍ଧରା ଯୋଜନାରେ ଜାଗା ସହିତ ଗୃହ ଏବଂ ରେଡ୍‌କ୍ରସ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ସ୍ୱତନ୍ତ୍ର ମାଛ ମାର୍କେଟ ସହ ପୀଠର ବିକାଶ ଓ ପ୍ରଶସ୍ତ ଗମନାଗମନ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଏ ଦିଗରେ ସ୍ଥାନୀୟ ଜନସାଧାରଣ ଏବଂ ବ୍ୟବସାୟୀଙ୍କ ସହଯୋଗ ଲୋଡ଼ାଯାଇଛି।

## ବିଜୟଙ୍କ ପରିବାର ପ୍ରତିପୋଷଣରେ ଦାଉ ସାଧିଛି ରୋଗ

ଭଦ୍ରକ/ଆରଡ଼ି,୨୮।୫(ସମିସ): ୩ ବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଘରେ ବସି ରହିଛନ୍ତି ଭଦ୍ରକ ଜିଲ୍ଲା ସୁନ୍ଦରପୁର ପଞ୍ଚାୟତ କୁଲେଇପଦା ଗାଁର ବିଜୟ ଜେନା। ବାଟ ଚାଲିବାକୁ ବଳ ପାଉନି। ଆଖିକୁ ଆଉ ଭଲ ଦିଶୁନି। ଭଦ୍ରକ ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ଡାକ୍ତରଖାନା ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ବିଜୟ। ଯାହା କିଛି ସଞ୍ଚୟ ଅର୍ଥ ଥିଲା ତାହା ସବୁ ଚିକିତ୍ସାରେ ସରିଗଲାଣି। ପରିବାର ପ୍ରତିପୋଷଣ କିପରି କରିବେ, ଘରେ ୫ ପ୍ରାଣୀ କୁଟୁମ୍ବଙ୍କ ମୁହଁରେ ଆହାର ଦେବା ପାଇଁ ସମ୍ବଳ ନ ଥିବା କହିଛନ୍ତି ବିଜୟ।



କାନ୍ଧରେ ୫ ଜଣ ସଦସ୍ୟଙ୍କ ବୋଝ। ଏମିତି ଅବସ୍ଥାରେ ଲୋକେ ଆଉ କାମକୁ ଡାକୁ ନାହାନ୍ତି। ବାପାଅମଳରୁ ଥିବା ଆଜ୍‌ବେଷ୍ଟସ ଛାଉଣି ଘରେ ଖରା, ବର୍ଷାରେ ରହିବା କଷ୍ଟକର ହୋଇପଡ଼ିଛି। ସରକାରୀ ସାହାଯ୍ୟ କହିଲେ ସରକାରଙ୍କ ତରଫରୁ ଅନ୍ତ୍ୟୋଦୟ ୩୫ କିଲୋ ଚାଉଳ ମିଳୁଛି। ବିଜୟଙ୍କୁ ବୟସ ୪୦ ପାଖାପାଖି। ପରିବାର କହିଲେ ପତ୍ନୀ କବିତା, ବଡ଼ ଝିଅ ଲିଜାରାଣୀ, ସାନଝିଅ ଲିସାରାଣୀ ଓ ୪ ବର୍ଷର ପୁଅ ନାଗେଶ କୁମାର। ଘରର ସଉଦାପତ୍ରଠାରୁ ଆରମ୍ଭ କରି ପିଲାଙ୍କୁ ପାଠପଢ଼ାଇବା ଖର୍ଚ୍ଚ ତୁଲାଇବାକୁ ସେ ଅସମର୍ଥ ହୋଇ ପଡ଼ିଥିବା କହିଛନ୍ତି। ସ୍ତ୍ରୀ କବିତା ପର ଘରେ ମୂଲ ଲାଗି ଯାହା କିଛି ଆଣୁଛନ୍ତି ତେଲଲୁଣ ସଂସାରକୁ ନିଅଣ୍ଟ। ପରିବାର ଚଳାଉଥିବା ବିଜୟ ଆଜି ରୋଗାକ୍ରାନ୍ତ ଥିବାରୁ ଯାଇଆସି ପାରୁ ନ ଥିବା କହିଛନ୍ତି କବିତା। ପିଲାମାନେ କ'ଣ ଖାଉଛନ୍ତି କେମିତି ରହୁଛନ୍ତି ତାହା ସେ ଜାଣିପାରୁ ନାହାନ୍ତି। ବିଜୟଙ୍କ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କ ଏପରି ଅବସ୍ଥାରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ସେ ଧାରକରଜ କରି ସ୍ୱାମୀଙ୍କ ଚିକିତ୍ସା ସହ ପରିବାର ଚଳାଇ ଆସୁଛନ୍ତି। ଘରେ ଗ୍ୟାସ୍‌ରେ ରୋଷେଇ କରିବା ପରିବାର ପାଇଁ ସ୍ୱପ୍ନ ପାଲଟିଛି। ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ ହୋଇପାରୁ ନ ଥିବାରୁ ପ୍ରତି ମୁହୂର୍ତ୍ତରେ ବିଦ୍ୟୁତ୍ କଟିଯିବାର ଭୟ ମଧ୍ୟ ରହିଛି। ଏମିତି ଅବସ୍ଥାରେ ବିଜୟଙ୍କ ପରିବାରକୁ ଆର୍ଥିକ ସହାୟତାର ଆବଶ୍ୟକ ରହିଛି। ଜିଲ୍ଲା ପ୍ରଶାସନ ତଥା ବଦାନ୍ୟ ବ୍ୟକ୍ତି ଏହି ପରିବାରକୁ ଯଦି ସହାୟତାର ହାତ ବଢ଼ାନ୍ତେ, ତେବେ ବିଜୟଙ୍କ ପରିବାର ହସିଉଠନ୍ତା।

# ପଡ଼ିଆର ଭ୍ରମ ସୃଷ୍ଟି କରୁଛି ଦଳ ଭର୍ତ୍ତି ସାଳନ୍ଦୀ ନଦୀ

ଭଦ୍ରକ,୨୮।୫(ସମିସ)



ଭଦ୍ରକବାସୀଙ୍କ ଜୀବନରେଖା ବା ଲାଇଫ୍ ଲାଇନ୍ ଭାବେ ପରିଚିତ ସାଳନ୍ଦୀ ନଦୀ ଏବେ

### ଆଗକୁ ବଡ଼ ବର୍ଷା ହେଲେ ଉପୁଜିବ ବନ୍ୟା ସ୍ଥିତି

ଦଳରେ ଭର୍ତ୍ତି ହୋଇ ଏକ ପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଆଗକୁ ଯଦି ବଡ଼ ବର୍ଷା ହେବ ତେବେ ବନ୍ୟା ସ୍ଥିତି ଉପୁଜିବା ଆଶଙ୍କାରେ ଭଦ୍ରକ ସହରବାସୀ ଚିନ୍ତାରେ ପଡ଼ିଛନ୍ତି। ଏକଦା ଭଦ୍ରକ ସହର ଓ ଜିଲ୍ଲାବାସୀଙ୍କ ଜୀବନଧାରା ଭାବେ ବିବେଚିତ ହେଉଥିବା ଏହି ନଦୀ ଏବେ ଜିଲ୍ଲାବାସୀଙ୍କ ବିପଦର ସମ୍ଭାବନା ସୃଷ୍ଟି କରିଛି। ନଦୀର ଜଳ ପ୍ରବାହ ହ୍ରାସ ପାଇବା ସହିତ ନଦୀପଥକୁ ଏବେ ଦଳ କବଳିତ କରିଛି। ଆଗକୁ ବର୍ଷା ହେଲେ ସ୍ୱତଃ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ନଦୀ କୂଳ ଲଂଘନ କରି ବନ୍ୟା ପରିସ୍ଥିତି ସୃଷ୍ଟି କରିବା ନିଶ୍ଚିତ ବୋଲି ସହରବାସୀ ମତବ୍ୟକ୍ତ କରି ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରତିବର୍ଷ ବନ୍ୟା ଆସିଲେ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ଦଳ ସଫେଇ ହୁଏ। ସଫେଇ ନାମରେ କିଛି ପୋଲ, କଲ୍‌ଭର୍ଟ ମୁହଁରୁ ଦଳ ସଫା କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଯାଏ। ହେଲେ ସଫେଇ ତା' ବାଟରେ ଦଳ ତା' ବାଟରେ। କେବଳ ଦଳ ନୁହେଁ, ନଦୀପଥର ବେଆଇନ ଅବରୋଧ ମଧ୍ୟ ସାଳନ୍ଦୀ ନଦୀର ଜଳ ପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଗୋଟିଏ ପଟରେ ନଦୀପଥର ବେଆଇନ ଅବରୋଧ, ଅନ୍ୟପଟରେ ପୌରପାଳିକାର ଅଧିକାଂଶ ଡ୍ରେନ୍ ସିଧାସଳଖ ନଦୀକୁ ଛଡ଼ାଯିବା ସାଳନ୍ଦୀ ଜଳକୁ ଯେତିକି ପ୍ରଦୂଷିତ କରୁନି ନଦୀକୂଳବାସୀଙ୍କ ପାଣି, ପାଇଖାନା ଏବଂ ନର୍ଦ୍ଦମା ପାଣି ତା'ଠୁ ଅଧିକ ପ୍ରଦୂଷିତ କରିଛି। ଯାହାକି ସାଳନ୍ଦୀରେ ବୃଦ୍ଧି ପାଉଥିବା ଦଳକୁ ବଳ ଯୋଗାଉଛି ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭଦ୍ରକ ସାଳନ୍ଦୀ କେନାଲ ଡିଭିଜନ ପକ୍ଷରୁ ସାଳନ୍ଦୀ ନଦୀରୁ ଦଳ ସଫା କରିବାକୁ ଟେଣ୍ଡର ଆହ୍ୱାନ କରାଯାଇଛି। ୧୦.୦୩ ଲକ୍ଷରୁ ୧୪.୦୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୪ଟି କାମ ପାଇଁ ଆହ୍ୱାନ କରାଯାଇଥିବା ଉକ୍ତ ଟେଣ୍ଡର ଆସନ୍ତା ଜୁନ୍ ୪ ତାରିଖରେ ଖୋଲାଯିବା ପରେ କାମ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି। ତେବେ ସାଳନ୍ଦୀ ନଦୀରୁ ଦଳ ସଫା କାର୍ଯ୍ୟ ଅଧିକ ବିଳମ୍ବ ହେଲେ ଆଗକୁ ପରିସ୍ଥିତି ଅଣାୟତ ହେବ ବୋଲି କୁହାଯାଉଛି।

## କାଳବୈଶାଖୀରେ ଭାଙ୍ଗିଯାଇଥିଲା କାନୋପି ସେଡ୍

# ସପ୍ତାହେ ବିତିଲା, ମରାମତି ନୋହିଲା

ବାଲେଶ୍ୱର, ୨୮।୫(ସମିସ)



କାଳବୈଶାଖୀ ଝଡ଼ରେ ଭାଙ୍ଗିଯାଇଥିବା ରାସ୍ତା କଡ଼ର କାନୋପି ସେଡ୍ ସପ୍ତାହେରୁ ଅଧିକ ସମୟ ବିତିଯାଇଥିଲେ ବି ମରାମତି ହୋଇନାହିଁ। ଭାଙ୍ଗିବାର ୨୪ ଘଣ୍ଟା ଭିତରେ ନିର୍ମାଣ କରିବା ନିୟମ ଥିଲେ ମଧ୍ୟ ଏଯାଏଁ କାମ ସେମିତି ପଡ଼ିରହିଛି। ଚଳିତ ମାସ ୧୮ ତାରିଖରେ କାଳବୈଶାଖୀ ଯୋଗୁଁ ସହରର ଆଇଟିଆଇ ଛକସ୍ଥିତ ଗ୍ରୀନ୍ ସେଡ୍ ଭାଙ୍ଗିପଡ଼ିଥିଲା। ଯାହା ଏବେବି ଛକର ଦୁଇ ପାଖରେ କାମ ଅଧନିର୍ମିତ ହୋଇପଡ଼ିଛି। ଗତ ସପ୍ତାହରେ ହୋଇଥିବା କାଳବୈଶାଖୀରେ ଆଇଟିଆଇ ଛକର ଥିବା କାନୋପି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଏବେ କେବଳ ବାଉଁଶ ଖୁଣ୍ଟ ଛିଡ଼ା ହୋଇଛି, ଉପରେ କିଛି ନାହିଁ। ନିୟମ ଅନୁଯାୟୀ ଏଭଳି ସାର୍ବଜନୀନ ସେଡ୍ ଭାଙ୍ଗିଲେ ଦିନକ ଭିତରେ ପୁଣି ନିର୍ମାଣ ହେବା କଥା। ହେଲେ ସପ୍ତାହେରୁ ଅଧିକ ସମୟ ବିତିଗଲାଣି, ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ପଥଚାରୀ ଓ ଛୋଟ ଦୋକାନୀମାନେ ଏହି ସେଡ୍ ଉପରେ ନିର୍ଭର କରୁଥିଲେ। ଏବେ ସେଡ୍ ନଥିବାରୁ ସମସ୍ତେ ହଇରାଣ ହେଉଛନ୍ତି। ବିଭାଗୀୟ ଅବହେଳାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ନିର୍ମାଣରେ ଟେଣ୍ଡର କରାଯାଇ ନିର୍ମାଣ ହେବା ପରି ବି ଏହା ପ୍ରତି ଅବହେଳା ଦେଖିବାକୁ ମିଳିଛି। ତୁରନ୍ତ ଏହାର କାମ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ବାଲେଶ୍ୱର ପୌରପାଳିକା ଅଧୀନରେ ରାସ୍ତା ବ୍ୟବହାରକାରୀଙ୍କ ପାଇଁ ଟ୍ରାଫିକ୍ ଜଙ୍କସନ ତଥା ପୋଷ୍ଟରେ କାନୋପି ବା ଗ୍ରୀନ୍ ସେଡ୍ ସ୍ଥାପନ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ବାଲେଶ୍ୱର ପୌରପାଳିକା ଅଧୀନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ୍ ଜଙ୍କସନରେ ଘନ କପଡ଼ା ଆବରଣ (୨୦ ଫୁଟ ଉଚ୍ଚତା) ସହିତ ଦୃଢ଼ ବାଉଁଶ ଗଠନରେ ନିର୍ମିତ ଅସ୍ଥାୟୀ ଚାନ୍ଦୁଆ ସ୍ଥାପନ କାର୍ଯ୍ୟ କରିବାକୁ ବାଲେଶ୍ୱର ପୌରପାଳିକା ପକ୍ଷରୁ ଏପ୍ରିଲ ମାସ ୧୫ ତାରିଖ ଦିନ ମାଣିଖମ୍ବ ଅଞ୍ଚଳର ସନ୍ତୋଷ କୁମାର ଦେଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ଆଇଟିଆଇ ଛକର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ପାର୍ଶ୍ୱ, ଷ୍ଟେସନ୍ ଛକର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ପାର୍ଶ୍ୱ, ପୁଲିସ୍ ଲାଇନ ଛକ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ପାର୍ଶ୍ୱ ଏବଂ ଜିଲ୍ଲା ମୁଖ୍ୟ ହସ୍ପିଟାଲର ସମ୍ମୁଖରେ ଏହି ସେଡ୍ ନିର୍ମାଣ ହେବ। ଏହି ସେଡ୍ ଗୁଡିକ ଯେପରି ଯାତାୟାତରେ କୌଣସି ବାଧା ସୃଷ୍ଟି କରିବ ନାହିଁ ଏବଂ ପ୍ରତିକୂଳ ପାଗ ପରିସ୍ଥିତିକୁ ସହ୍ୟ କରିବା ପାଇଁ ଗଠନ ଯଥେଷ୍ଟ ମଜବୁତ ହେବା ଉଚିତ ବୋଲି ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଏହି କାର୍ଯ୍ୟଟି ତୁରନ୍ତ ଗ୍ରହଣ କରାଯିବ ଏବଂ ଏହି ନିର୍ଦ୍ଦେଶ ଜାରି ହେବାର ତାରିଖରୁ ତିନି ଦିନ ମଧ୍ୟରେ ପୌର ଯନ୍ତ୍ରୀ/ସହକାରୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମାପ୍ତ କରାଯିବ। ହେଲେ ନିର୍ଦ୍ଦେଶ ଦେବା ପରେ ଏହି କାର୍ଯ୍ୟ ଯଥେଷ୍ଟ ବିଳମ୍ବରେ ଆରମ୍ଭ ହୋଇଥିଲା। ଏହି ସେଡ୍ ନିର୍ମାଣ ପାଇଁ ପ୍ରାୟ ୯ ଲକ୍ଷ ଟଙ୍କା ପୌରପାଳିକା ଫଣ୍ଡରୁ ଖର୍ଚ୍ଚ ହୋଇଛି। ତେବେ ଏହି ସେଡ୍ ଦେଢ ମାସ ଯାଏଁ ରହିବ। ଯଦି ଏହି ଦେଢ ମାସ ଭିତରେ କିଛି ସେଡ୍ ଭାଙ୍ଗେ ତାହେଲେ ଗୋଟିଏ ଦିନ ମଧ୍ୟରେ ଟେଣ୍ଡର ନେଇଥିବା ଲୋକ କାମ କରିବ। ଏନେଇ ଏଗ୍ରିମେଣ୍ଟ ମଧ୍ୟ ହୋଇଛି। ହେଲେ ଭାଙ୍ଗିଥିବା ସେଡ୍ ସପ୍ତାହେ ଉପରେ ବିତିଥିଲେ ମଧ୍ୟ ନିର୍ମାଣ ଶେଷ ହୋଇନାହିଁ।

## ବାଲେଶ୍ୱରର ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଜୁହା ପାଳିତ



ବାଲେଶ୍ୱର, ୨୮।୫(ସମିସ): ସହର ସମେତ ସମଗ୍ର ବାଲେଶ୍ୱର ଜିଲ୍ଲାରେ ଆଜି ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଲ୍-ଜୁହା ତଥା ବକରିଦ ପାଳିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ଇସଲାମ ଧର୍ମାବଲମ୍ବୀ ମାନେ ସକାଳେ ଦରଘା ମଇଦାନ ସମେତ ସହର ଏବଂ ଆଖପାଖ ଅଞ୍ଚଳର ୧୯ ଟି ମସଜିଦ ରେ ପହଞ୍ଚି ସାମୂହିକ ନମାଜ ପାଠ କରିଥିଲେ। ଦରଘା ମୈଦାନରେ ଅନୁଷ୍ଠିତ ସାମୁହିକ ନମାଜ ପାଠକୁ ସେଖ୍ ଆସିକୁର ରହେମାନ୍ କାଦ୍ରି ପରିଚାଳନା କରିଥିଲେ। ପରେ ସେମାନେ ପୂର୍ବ ପୁରୁଷଙ୍କ କବରସ୍ଥାନ ସ୍ଥଳରେ ମଧ୍ୟ ଫାତେହା ଦୁଆ କରିଥିଲେ। ନିଜ ଭିତରେ ଥିବା ଭେଦଭାବକୁ ଭୁଲି ପରସ୍ପରକୁ ଆଲିଙ୍ଗନ କରି ଇଦ୍-ଉଲ୍-ଜୁହାର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଦରଘା ମଇଦାନରେ ଉପସ୍ଥିତ ରହି ସମସ୍ତଙ୍କୁ ଇଦ୍-ଉଲ-ଜୁହା ର ଅଭିନନ୍ଦନ ଜଣାଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲେଶ୍ୱର ପୁଲିସ ପକ୍ଷରୁ ସହରରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପକ୍ଷରୁ ବ୍ୟାପକ ପାଟ୍ରୋଲିଂ କରାଯାଉଥିବା ଲକ୍ଷ୍ୟ କରାଯାଇଛି। ଦରଘା ମଇଦାନ ରେ ଅନୁଷ୍ଠିତ ନମାଜ ପାଠ କାର୍ଯ୍ୟକ୍ରମରେ ହାଜି ମହମ୍ମଦ ଗୋଲାମ ଖାନ୍, ଆଇନଜୀବୀ ସେଖ୍ ଅବଦୁଲ ରଫିକ୍, ହାଜି ସେଖ୍ ଉସ୍ମାନ, ସେଖ୍ ସାକିଲ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ବାଲେଶ୍ୱର ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ସର୍ବଦଳୀୟ ବୈଠକ

ବାଲେଶ୍ୱର, ୨୮।୫ (ସମିସ): ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ, ଶାନ୍ତିପୂର୍ଣ୍ଣ ଓ ସଫଳତାର ସହ ଶେଷ କରିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହି କ୍ରମରେ ଜିଲ୍ଲାର ଭୋଗରାଇ ଏବଂ ରେମୁଣା ନିର୍ବାଚନ ମଣ୍ଡଳୀ ସମେତ ବିଭିନ୍ନ ସ୍ଥାନରେ ପ୍ରଶାସନିକ ଅଧିକାରୀ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକମାନ ଅନୁଷ୍ଠିତ ହୋଇଯାଇଛି। ୩୬-ଭୋଗରାଇ ନିର୍ବାଚନ ମଣ୍ଡଳୀ ପାଇଁ ବ୍ଲକ ସମ୍ମିଳନୀ କକ୍ଷଠାରେ ଏକ ସମୀକ୍ଷା ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଭୋଗରାଇ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ର ପ୍ରଶାସନିକ ରେଜିଷ୍ଟ୍ରାରଙ୍କ ଅଧକ୍ଷତା କରିଥିଲେ। ଏଥିରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସୁପରଭାଇଜରମାନଙ୍କ ସହ ସମସ୍ତ ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ରେମୁଣା ନିର୍ବାଚନ ମଣ୍ଡଳୀକୁ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁରୂପ ଭାବେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଅନ୍ୟାନ୍ୟ ନିର୍ବାଚନ ମଣ୍ଡଳୀ ଯଥା ବସ୍ତା, ସିମୁଳିଆ, ଜଳେଶ୍ୱର, ସୋର, ନୀଳଗିରି ଏବଂ ବାଲେଶ୍ୱର ସଦରରେ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କ ଦ୍ୱାରା ଏଭଳି ପ୍ରସ୍ତୁତି ବୈଠକ ଶେଷ ହୋଇଛି। ଏହି ସର୍ବଦଳୀୟ ବୈଠକଗୁଡ଼ିକରେ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାର ସମୟସୀମା ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ବିଶେଷ କରି ପ୍ରତି ବୁଥ୍‌ରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ 'ବୁଥ୍‌ସ୍ତରୀୟ ଏଜେଣ୍ଟ' ନିଯୁକ୍ତ କରିବା ଏବଂ ସମଗ୍ର ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଉପରେ ପ୍ରଶାସନ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବୁଥ୍ ସ୍ତରୀୟ ଏଜେଣ୍ଟମାନେ ସ୍ଥାନୀୟ ସରକାରୀ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବାରେ ସାହାଯ୍ୟ କରିବେ। ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ସ୍ୱତନ୍ତ୍ର ସଂଶୋଧନର ମୂଳ ଉଦ୍ଦେଶ୍ୟ ହେଉଛି କୌଣସି ବି ଯୋଗ୍ୟ ନାଗରିକ ଯେପରି ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ଏଥିରେ ସାମିଲ ନ ହୁଏ।

## ରୋଟାରୀ ଗଭର୍ଣ୍ଣରଙ୍କ ଜଳେଶ୍ୱର କ୍ଲବ୍ ପରିଦର୍ଶନ

ଜଳେଶ୍ୱର, ୨୮।୫(ସମିସ): ଜଳେଶ୍ୱର ରୋଟାରୀ କ୍ଲବକୁ ରୋଟାରୀ ଜିଲ୍ଲା ୩୨୬୨ର ଡିଷ୍ଟ୍ରିକ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀଙ୍କ ଅଫିସିଆଲ ପରିଦର୍ଶନ ସହ ବିଭିନ୍ନ ଜନହିତକର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ, ସମ୍ମାନନୀୟ ଅତିଥି ଇନରହୁଇଲ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ, ଡିଏସଜି ସୁରେଶ କୁମାର ସାହୁ, ପୂର୍ବତନ ସଭାପତି ବିକାଶ କୁମାର ଧର, ନିତ୍ୟଗୋପାଳ ଦାସ, ସୁବ୍ରତ କୁମାର ରଣା, ଡଃ ଦିପ୍ତିମୟୀ ମହାପାତ୍ର, ରାଜେଶ କୁମାର ଖଟୁଆ, ସୁରେଶ କୁମାର ଦାଶ, ନନ୍ଦନ କୁମାର ଦତ୍ତ, କ୍ଲବ ସମ୍ପାଦକ ଅଂଶୁମାନ ରାଉତ ଇନରହୁଇଲ ସଭାପତି ଜୟନ୍ତୀ ରଣା, ସମ୍ପାଦକ ପାରମିତା ସ୍ୱାଇଁ ପ୍ରମୁଖ ରୋଟାରୀର ସମାଜ ସେବା କାର୍ଯ୍ୟ ସମ୍ବନ୍ଧୀୟ ବିଶେଷ ଆଲୋଚନା କରିଥିଲେ। କ୍ଲବର ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ଦାସ ଅତିଥି ପରିଚୟ ଓ ରୋଟାରୀ କ୍ଲବର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ପ୍ରବୀର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜଳେଶ୍ୱର ବସଷ୍ଟାଣ୍ଡ ସନ୍ନିକଟରେ ଶୁଦ୍ଧ ଓ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଓ ବରଡିହା ପଞ୍ଚାୟତ ନିମଡିହି ଠାରେ ରୋଟାରୀ କମ୍ୟୁନିଟି କ୍ଲିନିକ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯାଇଥିଲା।




## ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ

ବାଲେଶ୍ୱର, ୨୮।୫ (ସମିସ): ୟୁନିସେଫ, ସୟୁଥ ଫର୍ ୱାଟର ପ୍ଲସ ଓ ମେ ଆଇ ହେଲ୍ପ ୟୁ ତରଫରୁ ସ୍ଥାନୀୟ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ସମାଜସେବୀ ଉବାଚକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆୟୁଷ ମେଡିକାଲ ଅଫିସର ଡା. ଅସିତ ପ୍ରଧାନ ଯୋଗଦେଇ ଋତୁଶ୍ରାବ ସମୟରେ ପରିଚ୍ଛନତା, ହାତଧୁଆ, ସାନିଟାରୀ ପ୍ୟାଡ଼ର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ଶିଶୁ ମଙ୍ଗଳ କମିଟି ସଦସ୍ୟ ଯାଦବେଶ ମିଶ୍ର, ଶିକ୍ଷୟିତ୍ରୀ ମଞ୍ଜୁ ସିଂହ ଓ ଆଇସିଡିଏସ ସୁପରଭାଇଜର ମଧୁସ୍ମିତା ପ୍ରଧାନ ଋତୁସ୍ରାବ ସମ୍ପର୍କିତ ଅନ୍ଧବିଶ୍ୱାସ ଓ କୈସର ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିମା ପ୍ରାମାଣିକ, ସସ୍ମିତା ଭୂୟାଁ, ଶେଫାଳି ମହାନ୍ତି, ଅନୁପମା ଦାଶ ଓ ଜୟନ୍ତି ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




## ଅନୁପ୍ରବେଶକାରୀଙ୍କ ଉପରେ ପୁଲିସର ତୀକ୍ଷ୍ଣ ନଜର

ବାଲେଶ୍ୱର, ୨୮।୫(ସମିସ): ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଚାଲିଥିବା ବେଳେ ଏହାକୁ ନେଇ ଓଡ଼ିଶା ପୋଲିସ ମଧ୍ୟ ସମ୍ପୂର୍ଣ୍ଣ ସତର୍କ ହୋଇଯାଇଛି। ବିଶେଷ କରି ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଥିବା ଓଡ଼ିଶାର ପୂର୍ବାଞ୍ଚଳ ରେଞ୍ଜର ତିନୋଟି ପୁଲିସ ଜିଲ୍ଲା (ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ) ଜିଲ୍ଲା ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୀମାନ୍ତ ଦେଇ କୌଣସି ସନ୍ଦିଗ୍ଧ ବ୍ୟକ୍ତି ଯେପରି ଓଡ଼ିଶା ମଧ୍ୟକୁ ପ୍ରବେଶ ନ କରିପାରିବେ, ସେଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏକ ବ୍ୟାପକ ଅଭିଯାନ ଚଳାଯାଇ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇଥିଲା। ସେମାନେ ପ୍ରଦାନ କରିଥିବା କାଗଜପତ୍ରର ଯାଞ୍ଚ ପାଇଁ ସମ୍ପୃକ୍ତ ପ୍ରଶାସନ ପାଖକୁ ପଠାଯାଇଥିଲା ମାତ୍ର ସେତେବେଳେ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ଏବେ ପୁନର୍ବାର ସୀମାନ୍ତ ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ନେଇ ସମାଚାର ହସ୍ତଗତ ହେବା ପରେ ପୋଲିସ ନିଜର ପ୍ରସ୍ତୁତି ଜୋରଦାର କରିଛି ବୋଲି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାକୁ ମିଶାଇ ପ୍ରାୟ ୮୧୦ଟି ଥାନା ଅଞ୍ଚଳ ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଛି। ସେହି ସବୁ ସୀମାନ୍ତ ଥାନାଗୁଡ଼ିକୁ ବିଶେଷ ଭାବେ ସତର୍କ କରାଯାଇଛି। ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତି ସୀମା ଆରପାରିରୁ ଏହି ଅଞ୍ଚଳକୁ ଆସନ୍ତି ତେବେ ତୁରନ୍ତ ତଥ୍ୟ ନେବା ସହ ସେମାନଙ୍କ କାଗଜପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମଗ୍ର ସୀମାନ୍ତ ଅଞ୍ଚଳ ଉପରେ ଏବେ ପୁଲିସ ତୀକ୍ଷ୍ଣ ନଜର ରଖିଛି। ନିକଟରେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ହୋଇଥିବା ନିର୍ବାଚନ ସମୟରେ, ନିର୍ବାଚନ କମିଶନଙ୍କ ଗାଇଡଲାଇନ ଅନୁଯାୟୀ ଓଡ଼ିଶା ପୋଲିସ ପକ୍ଷରୁ ଅନେକ ସ୍ପେଶାଲ ଚେକ୍‌ପୋଷ୍ଟ ନିର୍ମାଣ କରାଯାଇଥିଲା। ସେହି ସମୟରୁ ପୋଲିସ ପାଖରେ ଏକ ସ୍ପଷ୍ଟ ଚିତ୍ର ବା ଡାୟଗ୍ରାମ ରହିଛି ଯେ କେଉଁ କେଉଁ ପଥ ଦେଇ ସନ୍ଦିଗ୍ଧମାନେ ଅନୁପ୍ରବେଶ କରିବାର ସମ୍ଭାବନା ରହିଛି ଏବଂ କେଉଁ ଥାନାଗୁଡ଼ିକ ଅଧିକ ସଂବେଦନଶୀଳ। ଏହି ସମସ୍ତ ସୂଚନାକୁ ଆଧାର କରି ବର୍ତ୍ତମାନ ପାଟ୍ରୋଲିଂ ଓ ଜଗୁଆଳି ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯାଇଛି। ଆଗକୁ ନିର୍ବାଚନ କମିଶନ କିମ୍ବା ସରକାରୀ ସ୍ତରରୁ ଏସ.ଆଇ. ଆର କିମ୍ବା ଅନ୍ୟ କୌଣସି ନିର୍ଦ୍ଦେଶନାମା ଓ ଗାଇଡଲାଇନ ଜାରି ହେଲେ, ସେହି ଅନୁଯାୟୀ ପରବର୍ତ୍ତୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଜୁଣବଳଦା ହତ୍ୟାକାଣ୍ଡ; ମୃତକଙ୍କ ପରିବାରକୁ ଭେଟିଲେ ଜଳେଶ୍ୱର ବିଧାୟକ

ରାଜଘାଟ, ୨୮।୫ (ସମିସ): ବସ୍ତା ଥାନା କୁଳିଦା ପଞ୍ଚାୟତର ଜୁଣବଳଦା ଛକ ନିକଟରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ମୃତକଙ୍କ ପରିବାର ବର୍ଗଙ୍କୁ ଭେଟିଲେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର। ଗତ ୨୦ ତାରିଖ ବୁଧବାର ସନ୍ଧ୍ୟାରେ ବସ୍ତା ଥାନା ୧୬ ନଂ ଜାତୀୟ ରାଜପଥର ଜୁଣବଳଦା ଛକ ନିକଟରେ ଚାରି ଜଣ ଅଭିଯୁକ୍ତ ସଂଘବଦ୍ଧ ଭାବେ ଜୁଣବଳଦା ଗ୍ରାମର କମଳାକାନ୍ତ ମଲ୍ଲିକଙ୍କ ସାନ ପୁଅ ସଞ୍ଜିତଙ୍କୁ ଭୁଜାଲିରେ ହତ୍ୟା କରିଥିଲେ। ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଚାପା ଉତ୍ତେଜନା ସହ ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ରାସ୍ତା ଅବରୋଧ ହୋଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ର କରି ମୃତକଙ୍କ ପରିବାରକୁ ସୁରକ୍ଷା, କ୍ଷତିପୂରଣ ଓ ନ୍ୟାୟ ଦାବିରେ ଗତ ରବିବାର କୁଳିଦା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରାଯାଇଥିଲା। ଆଜି ଅପରାହ୍ନରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ଓ ସ୍ଥାନୀୟ ନେତୃବୃନ୍ଦ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରବର୍ଗଙ୍କୁ ସାକ୍ଷାତ କରି କିଛି ଆର୍ଥିକ ସହାୟତା କରିବା ସହ ଦୋଷୀଙ୍କୁ କଠୋରରୁ କଠୋରତମ ଦଣ୍ଡ ବିଧାନ ମାଧ୍ୟମରେ ମୃତକଙ୍କୁ ନ୍ୟାୟ ଦେବାପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



## ରେମୁଣା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଏଲ୍‌ଓ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, ୨୮।୫ (ସମିସ)

ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ତାଲିକା ସଂଶୋଧନ ଓ ଏସ.ଆଇ.ଆର ପ୍ରକ୍ରିୟାକୁ ସଫଳ କରିବା ପାଇଁ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତକାଲି ବାଲେଶ୍ୱର ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ପ୍ରତ୍ୟକ୍ଷ ଅଧକ୍ଷତାରେ ୩୯-ରେମୁଣା (ଏସସି) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏକ ସ୍ୱତନ୍ତ୍ର ବିଏଲଓ ଓ ବିଏଲଓ ସୁପରଭାଇଜର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୭୧ ଜଣ ବିଏଲଓ ଏବଂ ୨୬ ଜଣ ବିଏଲଓ ସୁପରଭାଇଜର ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ସମଗ୍ର ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଚାଲିଛି ପ୍ରଶିକ୍ଷଣ। ଏହି ପରିପେକ୍ଷୀରେ ରେମୁଣା ଭଳି ବାଲେଶ୍ୱର ଜିଲ୍ଲାର ଅନ୍ୟ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ସମ୍ପୃକ୍ତ ଇଆରଓ ଏବଂ ଏଇଆରଓ ମାନଙ୍କ ନେତୃତ୍ୱରେ ପର୍ଯ୍ୟାୟକ୍ରମେ ଏହିପରି ବିଏଲଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଓ ଅପଡେଟ୍ କରିବା ଏହି ପ୍ରଶିକ୍ଷଣର ମୂଳ ଲକ୍ଷ୍ୟ। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବି.ଏଲ.ଓ ମାନଙ୍କୁ ନୂତନ 'ଗଣନା ଫର୍ମ' ଏବଂ ସେମାନଙ୍କ ଦାୟିତ୍ୱ ବିଷୟରେ ଅବଗତ କରାଇବା। ବି.ଏଲ.ଓ ମାନେ ଖୁବ୍‌ଶୀଘ୍ର ଘରକୁ ଘର ବୁଲି ପ୍ରତ୍ୟେକ ଭୋଟରଙ୍କୁ ୨ଟି ଲେଖାଏଁ ଗଣନା ଫର୍ମ ପ୍ରଦାନ କରିବେ। ସେଥିମଧ୍ୟରୁ ଗୋଟିଏ ପୂରଣ ହୋଇଥିବା ଫର୍ମ ଭୋଟରଙ୍କ ଠାରୁ ସଂଗ୍ରହ କରାଯିବ। ଦ୍ୱିତୀୟ ଫର୍ମଟିକୁ ରସିଦ ବା ସ୍ୱୀକୃତିପତ୍ର ସ୍ୱରୂପ ଭୋଟରଙ୍କ ପାଖରେ ରଖାଯିବ। ଏହା ବ୍ୟତୀତ ଗଣନା ଫର୍ମର ଡିଜିଟାଇଜେସନ ପ୍ରକ୍ରିୟା, ତ୍ରୁଟି ସଂଶୋଧନ, ଅନୁପସ୍ଥିତ, ମୃତ, ସ୍ଥାନାନ୍ତରିତ ଏବଂ ନକଲି ଭୋଟରଙ୍କ ଚିହ୍ନଟ ପ୍ରକ୍ରିୟା ସହ 'ଇସିଆଇନେଟ' ମଡ୍ୟୁଲ୍ ର ବ୍ୟବହାର ସମ୍ପର୍କରେ କର୍ମଚାରୀମାନଙ୍କୁ ସବିଶେଷ ତାଲିମ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହକୁ ନେଇ ସ୍ୱତନ୍ତ୍ର ଗାଇଡଲାଇନ ଜାରି ରହିଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ସମ୍ପର୍କରେ ମଧ୍ୟ ବିଏଲଓମାନଙ୍କୁ ସଚେତନ କରାଯାଇଛି। ବର୍ତ୍ତମାନର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କ୍ଷେତ୍ର ପରିଦର୍ଶନ ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବିଶେଷ କରି ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରକୁ ଘର ବୁଲିବା କାର୍ଯ୍ୟକୁ ବନ୍ଦ ରଖିବା ଏବଂ କାର୍ଯ୍ୟ ସମୟରେ ପ୍ରଚୁର ପାଣି ପିଇ ନିଜକୁ ସୁସ୍ଥ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଖୁବ୍ ଶୀଘ୍ର ଏସ.ଆଇ.ଆର ବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାରୁ, ବି.ଏଲ.ଓ ମାନେ ଯେତେବେଳେ ତଥ୍ୟ ସଂଗ୍ରହ ପାଇଁ ଘରକୁ ଯିବେ, ସେତେବେଳେ ସେମାନଙ୍କୁ ସଠିକ୍ ତଥ୍ୟ ଦେଇ ସହଯୋଗ କରିବାକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି।




## ବିଜେପିର ମିଶ୍ରଣ ପର୍ବ

ଜଳେଶ୍ୱର, ୨୮।୫(ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକ କାଦରାୟାଁ ପଞ୍ଚାୟତରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିବା ଜଳେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ସନ୍ତୋଷପୁର ପଞ୍ଚାୟତର ସଭାପତି ବିରଞ୍ଚିନ ଦାସ ମହାପାତ୍ର, ଯୁବ ନେତା କାଳିଚରଣ ଦାସ, ସେକ ସାହିରୁଦ୍ଦିନ, ସେକ ହସିରୁଦ୍ଦିନ ବକ୍ସ, ସେକ ନଇମୁଦ୍ଦିନ, ସେକ ମରାଲ ମିଆଁ, ଲୋକମାନ ଖାଁନ, ୱାର୍ଡ ମେମ୍ବର ସସ୍ମିତା ଜେନା ଓ ସେକ ସାକିମୁଦ୍ଦିନ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ସେକ ମଇଜୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଣି ଓ ପଙ୍କ ମାଟିରେ ଚାଲିଛି ରାସ୍ତା କାମ

କାଳିପଦା, ୨୮।୫ (ସମିସ): ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ରାସ୍ତା କାମ। କୋଷ୍ଟ କେନାଲ ଲୁଣା ଓ ପଙ୍କ ମାଟିରେ ଚାଲିଛି ଗୁରୁତ୍ୱପୂର୍ଣ୍ଣ ରାସ୍ତା କାମ। ବିଭାଗ ସାଜିଛି ନିରବଦ୍ରଷ୍ଟା। ଲୋକଙ୍କ ଭିତରେ ଅସନ୍ତୋଷ। ତେବେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଯାହା ଉପରେ ଭବିଷ୍ୟତରେ ତିନୋଟି ନିର୍ବାଚନ ମଣ୍ଡଳୀର ଲୋକଙ୍କ ଗମନାଗମନ ତଥା ଭାରୀଯାନ ଚଳାଚଳ ପାଇଁ ନିର୍ମାଣ ହେଉଛି। ତାହାର ମୂଳଦୁଆ କିନ୍ତୁ ଲୁଣିମାଟି ଓ ପଙ୍କୁଆ ମାଟିରେ ପଡୁଛି। ରାସ୍ତା ନିର୍ମାଣର ଗାଇଡ ଲାଇନ ଉଲ୍ଲଂଘନ କରି ଚାଲିଛି ରାସ୍ତା କାମ। ସୂଚନାରୁ ପ୍ରକାଶ, ବାଲିଆପାଳ ବ୍ଲକ ଜାମକୁଣ୍ଡା ଲକ୍ ଠାରୁ କୋଷ୍ଟ କେନାଲ ପାଖଦେଇ ଜାତୀୟ ରାଜପଥ ୬୦ ହଳଦୀପଦାକୁ ଛୁଇଁବା ପାଇଁ ଦୀର୍ଘ ତିରିଶ କିଲୋମିଟର ନୂତନ ରାସ୍ତା ନିର୍ମାଣ ଚାଲିଛି। ତେବେ ଏହି ରାସ୍ତାଟି ଜିଲ୍ଲା ମୁଖ୍ୟାଳୟକୁ ଯୋଗାଯୋଗ ପାଇଁ ଭୋଗରାଇ, ବାଲିଆପାଳ ତଥା ସଦର ନିର୍ବାଚନ ମଣ୍ଡଳୀର ଲୋକଙ୍କ ପାଇଁ ସର୍ଟକର୍ଟ ରାସ୍ତା ହେବା ସହ ବହୁ କମ୍ ସମୟ ଭିତରେ ଜିଲ୍ଲା ମୁଖ୍ୟାଳୟକୁ ଲୋକେ ପହଞ୍ଚି ପାରିବେ। ଏହି ରାସ୍ତା ଭବିଷ୍ୟତରେ ତିନୋଟି ନିର୍ବାଚନ ମଣ୍ଡଳୀର ଲୋକଙ୍କ ଲାଇଫ୍ ଲାଇନ୍ ହେବାକୁ ଥିବାବେଳେ ଠିକାଦାର କିନ୍ତୁ ସରକାରୀ ନିୟମ କୁ ଉଲଂଘନ କରି ରାସ୍ତାରେ ଲୁଣା ପାଣି ସହିତ ପଙ୍କ ମାଟି ପକାଉଛନ୍ତି। ଫଳରେ ରାସ୍ତାର ସ୍ଥାୟୀତ୍ୱ ଓ ଗୁଣବତ୍ତା ଉପରେ ଉଠିଛି ପ୍ରଶ୍ନ। ଉକ୍ତ ରାସ୍ତା ଉପର ଦେଇ ଶହଶହ ଭାରି ଯାନ ଯିବାର ସମ୍ଭାବନା ଥିବାବେଳେ ଲୁଣି ତଥା ପଙ୍କ ମାଟି ଉପରେ କଂକ୍ରିଟ ଢଳେଇ ରାସ୍ତାର ସ୍ଥାୟୀତ୍ୱ କେତେ? ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀ ଯେମିତି ଆଖିବୁଜିଥିବା ପରି ମନେ ହେଉଛି। ତେବେ ଏପରି ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିବା ସହ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାର ଏକ ନିରପେକ୍ଷ ତଦନ୍ତ ହେଉ ବୋଲି ସ୍ଥାନୀୟ ଲୋକ ଚାହିଁଛନ୍ତି। ଠିକାଦାର ଅଭିଯୋଗ କୁ ଖଣ୍ଡନ କରିଛନ୍ତି।





## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୯୧୭- ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କ ଜନ୍ମ।
- ୧୯୨୨- ଆକ୍ୱାଡୋର ସ୍ୱାଧୀନ ହେଲା।
- ୧୯୭୦- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୮୭- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଦେହାନ୍ତ।
- ୨୦୦୭- ଜାପାନର ରିୟୋ ମୋରି ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।

## ଇଲେକ୍ଟ୍ରିକ୍ କରତରେ ନଖ କଟା

ସାମାଜିକ ଗଣମାଧ୍ୟମରେ ପ୍ରତିଦିନ କିଛି ନା କିଛି ନୂଆ ଭିଡିଓ ସେୟାର୍ କରାଯାଇଥାଏ। ଏହି କ୍ରମରେ ନିକଟରେ ଗିନିଜ୍ ବୁକ୍ ରେକର୍ଡସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ସେୟାର କରାଯାଇଥିବା ଏକ ଭିଡିଓ ସମସ୍ତଙ୍କୁ ଭାବବିହ୍ୱଳ କରିଦେଇଛି। ଟେକ୍ସାସ୍‌ରେ ରହୁଥିବା ଅୟାନା ୱିଲିଅମ୍ସ ଦୀର୍ଘ ୩୦ ବର୍ଷ ଧରି ନଖ କାଟି ନ ଥିଲେ। ୨୦୨୧ ମସିହାରେ ସେ ତାଙ୍କ ନଖ କାଟିବା ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ଏହି ମୁହୂର୍ତ୍ତ ତାଙ୍କ ପାଇଁ ବେଶ୍ କଷ୍ଟକର ଥିଲା। ଅୟାନାଙ୍କ ନଖ ଏତେ ବଡ଼ ଥିଲା ଯେ, ତାକୁ ନେଲ୍ କଟର୍‌ରେ କଟା ଯାଇ ପାରି ନ ଥାନ୍ତା। ଯେତେବେଳେ ତାଙ୍କ ନଖ କାଟିବା ପାଇଁ ଇଲେଟ୍ରିକ୍ କରତ ବ୍ୟବହାର କରାଗଲା ଏହା ବେଶ୍ ଯନ୍ତ୍ରଣାଦାୟକ ଥିଲା। ଗିନିଜ୍ ବିଶ୍ୱ ରେକର୍ଡ ପକ୍ଷରୁ ସେୟାର୍ କରାଯାଇଥିବା ଏହି ଭିଡିଓକୁ ଦେଖି ଲୋକେ ଭାବବିହ୍ୱଳ ହୋଇ ଯାଇଥିଲେ। ଅୟାନା ୧୯୯୧ ମସିହାରୁ ନଖ ବଢ଼ାଇବା ଆରମ୍ଭ କରିଥିଲେ। ଡିସେମ୍ବର ୨୦୨୧ ମସିହାରେ ସେ ଯେତେବେଳେ ତାଙ୍କ ନଖ କାଟିଥିଲେ ସେତେବେଳକୁ ତା'ର ଲମ୍ବ ୧୮ ଫୁଟ ୧୧ ଇଞ୍ଚ ଥିଲା। ସେତେବେଳେ ସେ ବିଶ୍ୱର ସବୁଠୁ ଲମ୍ବା ନଖ ରଖିଥିବା ମହିଳାଭାବେ ଗିନିଜ୍ ରେକର୍ଡ କରିଥିଲେ। ସ୍ୱାସ୍ଥ୍ୟଗତ ଓ ନିୟମିତ କାର୍ଯ୍ୟକୁ ସହଜରେ କରିବା ପାଇଁ ସେ ନଖ କାଟିବା ନିଷ୍ପତ୍ତି ନେଇଥିଲେ। ଭିଡିଓରେ ତାଙ୍କ ନଖ କଟାଯିବାବେଳେ ଅୟାନା ବେଶ୍ ଭାବବିହ୍ୱଳ ହୋଇ ପଡ଼ିଥିବାର ଦେଖାଯାଇଥିଲେ। ଏତେ ବଡ଼ ନଖ ଥିବାରୁ ତାଙ୍କ ପାଇଁ ପୋଷାକ ବଦଳାଇବା, ଖାଦ୍ୟ ରାନ୍ଧିବା, ଶୋଇବା ଓ ଗାଡ଼ି ଚଳାଇବା ଏତେ ସହଜ ନ ଥିଲା। ନଖକୁ ମୋଡ଼ିକି ରଖିବା ପାଇଁ ସେ କିଛି କୌଶଳ ବି ଅବଲମ୍ବନ କରୁଥିଲେ। ଅୟାନା କୁହନ୍ତି, ଯଦିଓ ଲମ୍ବା ନଖ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା, ହେଲେ ଗୋଟିଏ ସମୟରେ ଏହା ତାଙ୍କୁ ବୋଝ ପରି ଲାଗିଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଦୈନନ୍ଦିନ କାର୍ଯ୍ୟକ୍ରମରେ ସମସ୍ୟା ଯୋଗୁଁ ଶେଷରେ ତାଙ୍କୁ ନଖ କାଟିବାକୁ ପଡ଼ିଥିଲା। ସାମାଜିକ ଗଣମାଧ୍ୟମରେ ଅୟନାଙ୍କ ଭିଡିଓ ଭାଇରାଲ ହେବା ପରେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା।




## ପରଦାକୁ ଫେରିବେ ମୀନାକ୍ଷୀ

ଅଶୀ ଓ ନବେ ଦଶକର ଲୋକପ୍ରିୟ ଅଭିନେତ୍ରୀ ମୀନାକ୍ଷୀ ଶେଷାଦ୍ରୀ ପୁଣି ଥରେ ଚଳଚ୍ଚିତ୍ର ଦୁନିଆକୁ ଫେରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ମୀନାକ୍ଷୀ ବହୁ ବର୍ଷ ହେବ ଚଳଚ୍ଚିତ୍ର ଜଗତରୁ ଦୂରେଇ ରହିଛନ୍ତି। ହେଲେ, ଏବେ ସେ ଅଭିନୟକୁ ଫେରିବା ନେଇ ବେଶ୍ ସିରିୟସ୍ ଥିବା ଜଣାପଡୁଛନ୍ତି। ନିକଟରେ ମିନାକ୍ଷୀ ଏକ ଭିଡିଓ ସେୟାର୍ କରି ପ୍ରଯୋଜକମାନଙ୍କୁ କାମ ମାଗିଛନ୍ତି। ସେ କହିଛନ୍ତି ଯେ, ଭଲ ଭୂମିକା ମିଳିଲେ ସେ ଲିଡ୍, ସପୋର୍ଟିଂ କିମ୍ବା ଅତି ଛୋଟ ଭୂମିକାରେ ବି ଅଭିନୟ କରିବାକୁ ପ୍ରସ୍ତୁତ। ଏହାବାଦ୍ ସେ ତାଙ୍କ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ କହିଛନ୍ତି, 'ଆପଣମାନଙ୍କ ଭଲପାଇବା ଓ ଲଗାତାର ମିଳୁଥିବା ସମର୍ଥନ ପାଇଁ ମୁଁ ହୃଦୟରୁ ଧନ୍ୟବାଦ ଜଣାଉଛି। ୩୦ ବର୍ଷର ଏକ ଦୀର୍ଘ ଯାତ୍ରା ପରେ ମୁଁ ମୋର କର୍ମଭୂମି ମୁମ୍ବାଇକୁ ଫେରି ଆସିଛି। ଆଉ ଥରେ, ସମ୍ପୂର୍ଣ୍ଣ ଆଶା, ଆଗ୍ରହ ଏବଂ ସକାରାତ୍ମକ ଚିନ୍ତାଧାରା ସହିତ ମୁଁ ମନୋରଞ୍ଜନ ଦୁନିଆରେ ପାଦ ଥାପୁଛି।' ଏଠାରେ ପ୍ରକାଶ ଥାଉ କି, ମୀନାକ୍ଷୀ ୧୯୯୫ରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ହରିଶ ମୈସୁରଙ୍କୁ ବିବାହ କରି ଆମେରିକା ଚାଲି ଯାଇଥିଲେ। ବିବାହ ପରେ ସେ ଫିଲ୍ମ ଜଗତ ଛାଡ଼ି ପରିବାରକୁ ଗୁରୁତ୍ୱ ଦେଇଥିଲେ ଏବଂ ଆମେରିକାରେ ଏକ ଭାରତୀୟ କ୍ଲାସିକାଲ୍ ନୃତ୍ୟ ସ୍କୁଲ୍ ମଧ୍ୟ ଖୋଲିଥିଲେ। ମୀନାକ୍ଷୀ ତାଙ୍କ କ୍ୟାରିୟରେ 'ହିରୋ', 'ଦାମିନୀ', 'ଘାତକ' ଭଳି ହିଟ୍ ଫିଲ୍ମ ଦେଇଥିଲେ।



## ଦୋଳି ସହ ବିବାହ

ପୃଥିବୀରେ ଏମିତି ଅନେକ ଅଜବ ଘଟଣା ଘଟୁଛି ଯାହା ଶୁଣିବାକୁ ବେଶ୍ ଆଶ୍ଚର୍ଯ୍ୟ ଲାଗିଥାଏ। କିଛି ଲୋକ ମଣିଷ ବଦଳରେ ପୋଲ, ପ୍ରେସର୍ କୁକର, କିମ୍ବା ବିମାନକୁ ଭଲପାଇ ବାହା ହେଉଥିବାର ଦେଖାଯାଉଛି। ଏଭଳି ମନସ୍ତାତ୍ତ୍ୱିକ ସ୍ଥିତିକୁ ବିଜ୍ଞାନ ଭାଷାରେ ଅବଜେକ୍ଟୋଫିଲିଆ କୁହାଯାଏ। ଏହି କ୍ରମରେ ୫୬ ବର୍ଷୀୟା ଲିଣ୍ଡା ଡୁସାର୍ମେ ଟିଏଲ୍‌ସି ଚ୍ୟାନେଲର ଲୋକପ୍ରିୟ ରିଆଲିଟି ଶୋ 'ମାଇଁ ଷ୍ଟ୍ରେଞ୍ଜ ଆଡିକ୍ସନ୍'ରେ ତାଙ୍କ ଜୀବନ କାହାଣୀ ସେୟାର କରିଥିଲେ। ଲିଣ୍ଡା ଟ୍ରେନ୍ ଓ ଉଡ଼ାଜାହଜ ସହ ରିଲେସନ୍‌ସିପ୍‌ରେ ରହିବା ପରେ ସେ ଏବେ ଏକ ଚକ୍ରି ଦୋଳିକୁ ବିବାହ କରିଛନ୍ତି। ଲିମ୍ବା ଫ୍ଲୋରିଡ଼ାର ଟାମ୍ପାରେ ରୁହନ୍ତି। ତିନି ବର୍ଷ ହେଲାଣି ସେ ବ୍ରୁସ୍ ନାମକ ଏକ ୭୦ ଫୁଟ ଉଚ୍ଚ ଷ୍ଟିଲ୍‌ର ବିଶାଳକାୟ ଝୁଲିକୁ ଜୀବନସାଥୀ କରିଛନ୍ତି। ଲିଣ୍ଡାଙ୍କ କହିବା କଥା, ବ୍ରୁସ୍ ପୂର୍ବରୁ ସେ ଏକ ଉଡ଼ାଜାହାଜର ପ୍ରେମରେ ପଡ଼ିଥିଲେ। ଏହାପରେ ସେ ଏକ ଟ୍ରେନ୍ ସହ ସିରିଏସ୍ ରିଲେସନ୍‌ସିପ୍‌ରେ ଥିଲେ। ହେଲେ ଏହି ସମ୍ପର୍କ ଭାଙ୍ଗିଯିବା ପରେ ସେ ବ୍ରୁସ୍ ପ୍ରେମରେ ପଡ଼ିଥିଲେ। ବ୍ରୁସ୍‌କୁ ସେ ତାଙ୍କର ସଚ୍ଚା ଜୀବନସାଥୀ ମାନନ୍ତି ବୋଲି ଲିଣ୍ଡା ଶୋ'ରେ କହିଥିଲେ। ତେବେ ବ୍ରୁଜ୍‌ର ଅବସ୍ଥା ଭଙ୍ଗା ଦରଦରା ହୋଇ ଯାଇଥିଲା। ତାକୁ ସଜାଡ଼ିବାକୁ ଯାଇ ସେ ଭାରତୀୟ ମୁଦ୍ରାରେ ପାଖାପାଖି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଲିଣ୍ଡା ବ୍ରୁସ୍ ସହ କ୍ୟାଣ୍ଡେଲଲାଇଟ୍ ଡିନର କରିବା ସହ ସେ ତାକୁ ସ୍ୱାମୀ ଭଳି ସମ୍ମାନ ଦିଅନ୍ତି। ତେବେ ଶାରୀରିକ ସମ୍ପର୍କ ଅପେକ୍ଷା ଭାବନାତ୍ମକ ସମର୍ଥନ ସମ୍ପର୍କକୁ ଦୃଢ଼ କରିଥାଏ ବୋଲି ଲିଣ୍ଡା କୁହନ୍ତି। ସବୁଠୁ ବଡ଼ କଥା ହେଉଛି, ସେ ବ୍ରୁସ୍‌ଙ୍କୁ ଧୋକା ନ ଦେବା ପାଇଁ ଅନ୍ୟ କୌଣସି ଦୋଳିରେ ମଧ୍ୟ ବସନ୍ତି ନାହିଁ।







## ଗ୍ରୀନ୍ ଥେରାପି



ଆଜିର ଆଧୁନିକ ଯୁଗରେ ସ୍ମାର୍ଟଫୋନ୍ ମନୁଷ୍ୟ ଜୀବନର ମୁଖ୍ୟ ଅଂଶ ହୋଇଯାଇଛି। ସକାଳୁ ଉଠିବା ପରଠୁ ରାତିରେ ଶୋଇବା ଯାଏଁ ଅଧିକାଂଶ ଫୋନ୍ ବ୍ୟବହାର କରିଥାନ୍ତି। ଅନୁସନ୍ଧାନ ଅନୁଯାୟୀ, ମାତ୍ରାଧିକ ଫୋନ୍ ବ୍ୟବହାର ଶୟନ, ଏକାଗ୍ରତା, କାର୍ଯ୍ୟକ୍ଷମତା ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ବୟସ୍କ ବ୍ୟକ୍ତି ଚିନ୍ତା ଓ ଅବସାଦର ଶିକାର ହେବା ସହ ଏକାକୀ ଅନୁଭବ କରନ୍ତି। ତେଣୁ ଷ୍ଟେନ୍‌ଫୋର୍ଡ ୟୁନିଭର୍ସିଟି ଦ୍ୱାରା ୪୪୯ ଭିନ୍ନ ଭିନ୍ନ ଅଧ୍ୟୟନରୁ ପ୍ରମାଣିତ ହୋଇଛି ଯେ, ମାନସିକ ସୁସ୍ଥତା ପାଇଁ ଗ୍ରୀନ୍ ଥେରାପି ସର୍ବୋତ୍ତମ। ଜଣେ ବ୍ୟକ୍ତି ପ୍ରକୃତି ସହିତ ୧୦ରୁ ୨୦ ମିନିଟ୍ ସମୟ ବିତାଇବା ଦ୍ୱାରା ଏହା ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତି କରେ। ଶରୀରର କର୍ଟିସୋଲ ନାମକ ଚାପ ସୃଷ୍ଟିକାରୀ ହରମୋନ୍‌କୁ କମାଇଥାଏ। ମାନସିକ ଶାନ୍ତି ଯୋଗୁଁ ହୃଦ୍‌ସ୍ପନ୍ଦନ ଏବଂ ରକ୍ତଚାପ ସ୍ୱାଭାବିକ ରୁହେ। ଗ୍ରୀନ୍ ଥେରାପି ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାର ଏକ ପ୍ରାକୃତିକ ପଦ୍ଧତି। ଯେଉଁମାନେ ସପ୍ତାହକୁ ଅତି କମ୍‌ରେ ଦୁଇ ଘଣ୍ଟା ପ୍ରକୃତି ସହିତ ସମୟ ବିତାନ୍ତି, ସେମାନଙ୍କ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଭଲ ରୁହେ। ଏଥିପାଇଁ ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ। ଉଦ୍ୟାନରେ ଚାଲିବା, ଗଛ ଲଗାଇବା, ବଗିଚା କାମ କରିବା ସ୍ୱାସ୍ଥ୍ୟ ପାଇଁ ହିତକର।

## 'ସକାଳ'ର ସ୍ୱାସ୍ଥ୍ୟ: ଧୂମପାନ ଏକ ନିରବ ବିପଦ

ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ଧୂମପାନ ଏକ ଶୈଳୀ ହୋଇଯାଇଛି। ତେବେ ଏହି ଧୂମପାନ ଶରୀର ଉପରେ ଗଭୀର ପ୍ରଭାବ ପକାଏ। ଧୂମପାନ ଶରୀରକୁ ଧୀରେ ଧୀରେ ଆକ୍ରାନ୍ତ କରେ, କିନ୍ତୁ ଏହାର ପ୍ରଭାବ ଦୀର୍ଘସ୍ଥାୟୀ ଓ ଗୁରୁତର। ଆଜିର ଆଧୁନିକ ଜୀବନଶୈଳୀରେ ଧୂମପାନ କେବଳ ଫୁସ୍‌ଫୁସ୍ କିମ୍ବା ହୃଦୟକୁ ନୁହେଁ, ମେରୁଦଣ୍ଡ ହାଡ଼କୁ ମଧ୍ୟ ଗଭୀର ଭାବେ କ୍ଷତିଗ୍ରସ୍ତ କରୁଛି। ଅନେକେ ଏହାକୁ ଅବହେଳା କରିଥାନ୍ତି, କିନ୍ତୁ ଧୂମପାନ ଦୀର୍ଘ ସମୟରେ ପିଠିର ଯନ୍ତ୍ରଣା, ଡିସ୍କ ଖରାପ ହେବା ଓ ଚଳାଚଳରେ ଅସୁବିଧାର ମୁଖ୍ୟ କାରଣ ହୋଇପାରେ।

ମେରୁଦଣ୍ଡ ହାଡ଼ ମନୁଷ୍ୟ ଶରୀରର ମୂଳ ଭିତ୍ତି। ଏହା ଶରୀରକୁ ସମର୍ଥନ ଦେବା ସହିତ ଚାଲିବା, ବସିବା ଓ ଘୂରିବାରେ ସାହାଯ୍ୟ କରେ। ମେରୁଦଣ୍ଡର ହାଡ଼ମାନଙ୍କ ମଧ୍ୟରେ ଥିବା ଡିସ୍କଗୁଡ଼ିକ ଶକ୍ ଅବଜର୍ବର ଭଳି କାମ କରିଥାଏ। କିନ୍ତୁ ଧୂମପାନରେ ଥିବା ନିକୋଟିନ୍ ଓ ବିଷାକ୍ତ ରସାୟନ ରକ୍ତ ସଞ୍ଚାଳନ କମାଇ ଡିସ୍କକୁ ପୋଷକତତ୍ତ୍ୱ ମିଳିବାରେ ବାଧା ସୃଷ୍ଟି କରେ। ଫଳରେ ଡିସ୍କ ଶୀଘ୍ର କ୍ଷୟ ପାଇବା ଆରମ୍ଭ କରେ।

ଧୂମପାନ କରୁଥିବା ଲୋକମାନଙ୍କ ମଧ୍ୟରେ ଦୀର୍ଘ ସମୟର ପିଠି ଯନ୍ତ୍ରଣା, ସର୍ଭାଇକାଲ୍ ଓ ଲମ୍ବାର୍ ଡିସ୍କ ସମସ୍ୟା, ସିଆଟିକା ବା ପାଦରେ ଯନ୍ତ୍ରଣା ହେବା, ହାଡ଼ ଦୁର୍ବଳ ହେବା, ସ୍ପାଇନ୍ ସର୍ଜରୀ ପରେ ଧୀରେ ସୁସ୍ଥ ହେବା ଆଦି ସମସ୍ୟା ବେଶି ଦେଖାଯାଏ।



ଡା.ଆର୍ଯ୍ୟନ କୁମାର ମହାନ୍ତି

ଗବେଷଣାରୁ ପ୍ରମାଣିତ ହୋଇଛି ଯେ, ଧୂମପାନ କରୁଥିବା ବ୍ୟକ୍ତିଙ୍କର ମେରୁଦଣ୍ଡ କ୍ଷୟ ହେବାର ଝୁମ୍ପ ଅଧିକ। ସେମାନଙ୍କର ହାଡ଼ର ଘନତା କମିଯାଏ ଓ ଅପରେସନ୍ ପରେ ହାଡ଼ ଭଲ ଭାବେ ଯୋଡ଼ି ନ ଥାଏ। ଏହା ଚିକିତ୍ସାକୁ ଅଧିକ କଠିନ କରିଦିଏ।

ବିଶେଷକରି ଅଳ୍ପ ବୟସରୁ ଧୂମପାନ ଅଭ୍ୟାସ ଆରମ୍ଭ ହେଲେ, ୩୦-୪୦ ବର୍ଷ ବୟସରେ ଗୁରୁତର ଅଣ୍ଟା ପୀଡ଼ା ଓ ମେରୁଦଣ୍ଡ ସମସ୍ୟା ଦେଖାଯିବା ସମ୍ଭାବନା ବଢ଼ିଯାଏ। ଆଜିର ନିଷ୍କ୍ରିୟ ଜୀବନଶୈଳୀ, ମୋବାଇଲ୍ ଓ କମ୍ପ୍ୟୁଟରର ଅଧିକ ବ୍ୟବହାର ସହ ଧୂମପାନ ଯୋଗ ହେଲେ ସମସ୍ୟା ଅଧିକ ଗୁରୁତର ହୁଏ।

ତେଣୁ ସୁସ୍ଥ ମେରୁଦଣ୍ଡ ପାଇଁ ଧୂମପାନ ଛାଡ଼ିବା, ନିୟମିତ ବ୍ୟାୟାମ କରିବା, ସଠିକ୍ ଭଙ୍ଗୀ ରଖିବା, କ୍ୟାଲ୍‌ସିୟମ ଓ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ଖାଇବା, ଦୀର୍ଘ ସମୟ ଧରି ଏକ ଅବସ୍ଥାରେ ନ ବସିବା ଆବଶ୍ୟକ। ଏହି ସବୁ ଦିଗ ପ୍ରତି ସଚେତନ ହେଲେ ମେରୁଦଣ୍ଡ ସମସ୍ୟାକୁ ରୋକା ଯାଇପାରିବ।



- ଅର୍ଥୋପେଡିକ୍ ସର୍ଜନ, ସମ୍ବଲପୁର

## ଘର ବଇଦ

### ମୁଣ୍ଡବ୍ୟଥାର ଉପଚାର

- ଦୁଇଅଣି ଓଜନ ପିପ୍‌ପଳୀର ଗୁଣ୍ଡକୁ ମହୁ ସଙ୍ଗେ ଖାଇଲେ ୫ ମିନିଟ୍ ମଧ୍ୟରେ ମୁଣ୍ଡବ୍ୟଥା ଭଲ ହୋଇଥାଏ।
- ଅରୁଆ ଚାଉଳକୁ ଅରଖ କ୍ଷୀରରେ ତିନିଥର ଭାବନା ଦେଇ ଚୂର୍ଣ୍ଣ କରି ରଖିଥିବେ। ଏହାର ନସ୍ୟ ନେଲେ ମୁଣ୍ଡବ୍ୟଥା ଭଲ ହୁଏ।
- ଅପରାଜିତା ଫୁଲ ବା ମୂଳର ରସ ନସ୍ୟ ନେଲେ ମୁଣ୍ଡବ୍ୟଥାରୁ ଆରାମ ମିଳେ।
- ବାତ ଦୋଷରୁ ମୁଣ୍ଡବ୍ୟଥା ହେଉଥିଲେ ମୁଚୁକୁନ୍ଦ ଫୁଲକୁ ଚହ୍ଲା ବା କାଞ୍ଜିରେ ବାଟି କପାଳରେ ଲେପ ଦେଲେ ମୁଣ୍ଡବ୍ୟଥା ଭଲ ହୁଏ ଓ ନିଦ ହୁଏ।
- ଗୋବର ଘଷି ପାଉଁଶକୁ କନାରେ ଛାଣି ଶୁକ୍ଳ ଅରଖ କ୍ଷୀରରେ ତିନିଥର ଭାବନା ଦେଇ ରଖିଥିବେ। ଏହାର ନସ୍ୟ ନେଲେ ମୁଣ୍ଡବ୍ୟଥା ଭଲ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ବିଟ୍ ରସ

ବିଟ୍‌ରେ ଶ୍ୱେତସାର, ଭିଟାମିନ୍ ଏ, ସି, କେ, ବି୯, ଲୌହସାର ସହିତ ଅନେକ ଜରୁରି ପୋଷକତତ୍ତ୍ୱ ଥାଏ। ତେଣୁ ବିଟ୍ ରସ ପିଇବା ଶରୀର ପାଇଁ ଅତ୍ୟନ୍ତ ହିତକର।



ବିଟ୍ ନାଇଟ୍ରେଟ୍‌ରେ ଭରପୂର ଥିବାରୁ ଏହା ରକ୍ତ ସଞ୍ଚାଳନ ସହ ହୃଦ୍‌ୟକୁ କାର୍ଯ୍ୟକ୍ଷମ କରିଥାଏ। ବିଏମ୍‌ସି ନ୍ୟୁଟ୍ରିଶନ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ମୁତାବକ ବିଟ୍ ରସ ସେବନ କରିବା ଦ୍ୱାରା ରକ୍ତଚାପ ହ୍ରାସ ପାଇଥାଏ। ବିଟ୍ ରସ ଚିନ୍ତା ଦୂର କରିବା ସହ ଯକୃତ ଶୁଦ୍ଧିକରଣ କରିବାରେ ସାହାଯ୍ୟ କରିଥାଏ। ଏହା ପାଚନତନ୍ତ୍ରକୁ ସକ୍ରିୟ କରି କୋଷ୍ଠକାଠିନ୍ୟକୁ ମଧ୍ୟ ଦୂର କରେ। ଶରୀରକୁ ଶକ୍ତି ଯୋଗାଏ। ତେଣୁ ସପ୍ତାହକୁ ଦୁଇରୁ ତିନି ଦିନ ବିଟ୍ ରସ ୧୦୦ରୁ ୨୦୦ ମିଲିଲିଟର ତଥା ଏକ ଛୋଟ ଗ୍ଲାସ୍‌ରେ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ହୋଇଥାଏ। ଏହାକୁ ସକାଳୁ ଖାଲି ପେଟ କିମ୍ବା ୱାର୍କଆଉଟ୍ କରିବାର ୩୦ରୁ ୬୦ ମିନିଟ୍ ପୂର୍ବରୁ ପିଇବା ସର୍ବୋତ୍ତମ। ବୃକ୍କଜନିତ ସମସ୍ୟା ଥିଲେ ଏହାକୁ ସେବନ କରିବା ଅନୁଚିତ। ସର୍ବଦା ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବିଟ୍ ରସ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକର।

## ଗ୍ରୀଷ୍ମରେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା



ଡାକ୍ତର ସୁସ୍ମିତା ଦାଶ

ବର୍ତ୍ତମାନ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବାବେଳେ ଏହି ସମୟରେ ଗର୍ଭବତୀ ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ସର୍ବାଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ଖରାଦିନେ ଗର୍ଭବତୀ ମହିଳାମାନଙ୍କ ଶରୀରରେ ଜଳୀୟ ଅଂଶର ଅଭାବ (ଡିହାଇଡ୍ରେସନ୍) ଦେଖାଦେବାର ସମ୍ଭାବନା ଅଧିକ ଥାଏ। ତେଣୁ ସେମାନେ ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ। ଦିନସାରା ମଝିରେ ମଝିରେ ପର୍ଯ୍ୟାପ୍ତ ପରିମାଣରେ ପାଣି, ପଇଡ଼ ପାଣି, ଫଳ ରସ ଏବଂ ଓଆରଏସ୍ (ORS) ପିଇ ଶରୀରକୁ ସତେଜ ରଖିପାରିବେ।

ସକାଳ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରକୁ ଯିବା ଅନୁଚିତ। ବାହାରକୁ ଯିବା ନିହାତି ଜରୁରି ହେଲେ ଛତା, ଚଷମା ଓ ହାଲୁକା ସୂତା ବସ୍ତ୍ର ବ୍ୟବହାର କରିବା ଆବଶ୍ୟକ।

ତେଲ-ମସଲାଯୁକ୍ତ ଖାଦ୍ୟ ବଦଳରେ ହାଲୁକା, ସୁପାଚ୍ୟ ଓ ଘରୋଇ ଖାଦ୍ୟ ଗ୍ରହଣ କରିପାରିବେ। ଶାଗ, ପନିପରିବା ଓ ଫଳକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କରିବା ଜରୁରି। ସେହିପରି ଘର ଭିତରେ ବାୟୁ ଚଳାଚଳ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ଏବଂ ନିୟମିତ ବ୍ୟବଧାନରେ ବିଶ୍ରାମ ନିଅନ୍ତୁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗର୍ଭବତୀ ମହିଳାମାନେ ସାମାନ୍ୟ ଅସୁସ୍ଥତା ଅନୁଭବ କଲେ ମଧ୍ୟ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରିବା ସହିତ ନିଜର ଓ ଭ୍ରୂଣର ସୁରକ୍ଷା ପାଇଁ ଏହି ଖରାଦିନେ ସତର୍କ ରହିବା ଏକାନ୍ତ ଆବଶ୍ୟକ।

- ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ
ସାଇ କୃପା ନର୍ସିଂ ହୋମ, ଭଟଲି ଛକ, ବରଗଡ଼



# ଆଜି କ୍ୱାଲିଫାୟର ୨

# ଫାଇନାଲ ପାଇଁ ଲଢ଼ିବେ ଗୁଜରାଟ-ରାଜସ୍ଥାନ



ମୁଲାନପୁର, ୨୮।୫ (ଏଜେନ୍ସି):

ଆଇପିଏଲ୍‌ର ୧୯ତମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ଆଉ ଦୁଇଟି ମ୍ୟାଚ୍ ଓ ୩ ଦିନ ପରେ ଚଳିତ ସଂସ୍କରଣରେ କେଉଁ ଦଳ ଚାମ୍ପିଅନ ହେବ ତାହା ସ୍ପଷ୍ଟ ହେବ। ପୂର୍ବରୁ ପ୍ରଥମ ଦଳ ଭାବେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଏବେ ଶୁକ୍ରବାର ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟରର ବିଜେତା ରବିବାର ଫାଇନାଲ ଲଢ଼େଇରେ ଆରସିବିକୁ ଭେଟିବ। ତେଣୁ ସେମିଫାଇନାଲ ସଦୃଶ କ୍ୱାଲିଫାୟର-୨ ଉପରେ ଏବେ କ୍ରିକେଟ୍‌ପ୍ରେମୀଙ୍କ ନଜର ରହିଛି। ଉଭୟ ରାଜସ୍ଥାନ ଓ ଗୁଜରାଟ ପୂର୍ବରୁ ଦୁଇଥର ଲେଖାଏ ଫାଇନାଲ ଖେଳି ଥରେ ଲେଖାଏ ଚାମ୍ପିଅନ ହୋଇଛନ୍ତି। ଫଳରେ ଉଭୟ ଦଳ ନିକଟରେ ତୃତୀୟଥର ଆଇପିଏଲ୍ ଫାଇନାଲ ଖେଳିବା ଲାଗି ସୁଯୋଗ ସୃଷ୍ଟି ହୋଇଛି।

ପୂର୍ବରୁ ପ୍ରଥମ କ୍ୱାଲିଫାୟରରେ ଆର୍‌ସିବି ନିକଟରୁ ୯୨ ରନରେ ହାରି ଗୁଜରାଟ ସିଧାସଳଖ ଫାଇନାଲ ଟିକେଟ୍ ହାସଲରୁ ବଞ୍ଚିତ ହୋଇଥିଲା। ତେଣୁ ଶୁବମାନ ଗିଲ୍‌ଙ୍କ ଗୁଜରାଟ ଦଳ ନିକଟରେ ଫାଇନାଲ ଖେଳିବା ଲାଗି ଏବେ ଅନ୍ତିମ ତଥା ଦ୍ୱିତୀୟ ସୁଯୋଗ ଭାବେ କ୍ୱାଲିଫାୟର-୨ ରହିଛି। ଅପରପକ୍ଷରେ ଯୁବ ବ୍ରିଗେଡଙ୍କୁ ନେଇ ଗଠିତ ରିୟାନ ପରାଗଙ୍କ ରାଜସ୍ଥାନ ଏକମାତ୍ର ଏଲିମିନେଟର୍ ମ୍ୟାଚରେ ୪୭ ରନରେ ସନରାଇଜର୍ସ ହାଇଦରାବାଦକୁ ମାତ୍ ଦେଇ ଫାଇନାଲ ଦିଗରେ ପାଦେ ଅଗ୍ରସର ହୋଇଛି। ଏହି ଧାରା ଜାରି ରଖି ରାଜସ୍ଥାନ ଶୁକ୍ରବାର ଗୁଜରାଟକୁ ମାତ୍ ଦେଇ ଫାଇନାଲରେ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ବ୍ୟାଟିଂ ଉପରେ ନଜର ପକାଇଲେ ଗୁଜରାଟର ପଲା ଭାରି ରହିବ। ଆଗଧାଡ଼ିର ୩ ବ୍ୟାଟର୍ ସାଇ ସୁଦର୍ଶନ, ଅଧିନାୟକ ଗିଲ୍ ଓ ଜୋଶ୍ ବଟଲର୍ ଚଳିତ ଆଇପିଏଲ୍‌ରେ ଚମତ୍କାର ଫର୍ମରେ ରହିଛନ୍ତି। ୧୫ଟି ମ୍ୟାଚରୁ ୪୬.୫୭ ହାରରେ ସୁଦର୍ଶନ ୬୫୨ ରନ କରି ଚଳିତ ଆଇପିଏଲ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ୧୪ଟି ମ୍ୟାଚରୁ ୬୧୮ ରନ ସହ ଗିଲ୍ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ବଟଲର ମଧ୍ୟ ପାଖାପାଖି ୪୦ ହାରରେ ୪୯୮ ରନ ସଂଗ୍ରହ କରିଛନ୍ତି। ଏହି ୩ଜଣ ରାଜସ୍ଥାନ ବୋଲରଙ୍କ ପାଇଁ ଅଡୁଆ ସୃଷ୍ଟି କରିବେ। ଅପରପକ୍ଷରେ ଗୁଜରାଟ ବୋଲିଂ ବାହିନୀ ସାମ୍ନାରେ ବୈଭବ ସୂର୍ଯ୍ୟବଂଶୀ ଚ୍ୟାଲେଞ୍ଜ ରହିଛି। ୧୫ ବର୍ଷୀୟ ଏହି ଯୁବ ବାମହାତୀ ବ୍ୟାଟର୍ ଚଳିତ ସିଜନରେ ଯେଉଁଭଳି ଫର୍ମରେ ରହିଛନ୍ତି ତାହା ଗୁଜରାଟ ବୋଲରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏଲିମିନେଟର ମ୍ୟାଚରେ ସୂର୍ଯ୍ୟବଂଶୀ ମାତ୍ର ୨୯ ବଲରେ ୯୭ ରନ କରି ଅଳ୍ପକେ ବିଶ୍ୱରେକର୍ଡ ଶତକୀୟ ପାଳିରୁ ବଞ୍ଚିତ ହୋଇଥିଲେ। ସୂର୍ଯ୍ୟବଂଶୀ ବର୍ତ୍ତମାନ ସୁଦ୍ଧା ୬୮୦ ରନ କରି ଅରେଞ୍ଜ କ୍ୟାପ୍‌ର ଅଧିକାରୀ ରହିଛନ୍ତି। ସେହିଭଳି ଚଳିତ ଆଇପିଏଲ୍‌ରେ ୬୫ ଛକା ମାରି କ୍ରିସ ଗେଲ୍‌ଙ୍କ ରେକର୍ଡକୁ ମଧ୍ୟ ପଛରେ ପକାଇ ସାରିଛନ୍ତି। ବିଶ୍ୱର ପ୍ରମୁଖ ବୋଲରଙ୍କୁ ସୂର୍ଯ୍ୟବଂଶୀ ଯେଉଁଭଳି ଆଟାକ୍ କରୁଛନ୍ତି ତାଙ୍କୁ ଅଟକାଇବା ଏବେ ଗିଲ୍ ବୋଲିଂ ବାହିନୀ ପାଇଁ କଷ୍ଟକର ବ୍ୟାପାର ହୋଇଛି।

**ବୋଲରଙ୍କ ସାମ୍ନାରେ ବୈଭବ ଚ୍ୟାଲେଞ୍ଜ**

## ଗୁଜରାଟ- ୭: ରାଜସ୍ଥାନ- ୩



ଆଇପିଏଲ୍ ଇତିହାସର ରେକର୍ଡ ଉପରେ ନଜର ପକାଇଲେ ରାଜସ୍ଥାନ ବିପକ୍ଷରେ ଗୁଜରାଟର ପଲା ବେଶ୍ ଭାରି ରହିଛି। ଉଭୟ ଦଳ ବର୍ତ୍ତମାନ ସୁଦ୍ଧା ୧୦ଟି ମ୍ୟାଚରେ ସାମ୍ନାସାମ୍ନି ହୋଇସାରିଛନ୍ତି। ସେଥିମଧ୍ୟରୁ ଗୁଜରାଟ ୭ଟି ଓ ରାଜସ୍ଥାନ ୩ଟି ମ୍ୟାଚରେ ବିଜୟୀ ହୋଇଛି। ଚଳିତ ସିଜନରେ ଉଭୟ ଦଳ ଥରେ ଲେଖାଏ ପରସ୍ପର ବିପକ୍ଷରେ ଜିତିଛନ୍ତି। ସେହିଭଳି କ୍ୱାଲିଫାୟର-୨'ରେ ବିଜୟୀ ହୋଇ ରାଜସ୍ଥାନ ୨୦୨୨ ଫାଇନାଲ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ୨୦୨୨ ଫାଇନାଲରେ ରାଜସ୍ଥାନକୁ ହରାଇ ଗୁଜରାଟ ପ୍ରଥମ ଓ ଶେଷଥର ଲାଗି ଚାମ୍ପିଅନ ହୋଇଥିଲା।

## କୀର୍ତ୍ତିମାନ ଅପେକ୍ଷାରେ

**୧୫୦ ଛକା:** ଗୁଜରାଟ ଅଧିନାୟକ ଗିଲ୍ ଆଇପିଏଲ୍‌ରେ ୧୫୦ ଛକା ମାଇଲଖୁଣ୍ଟଠାରୁ ଗୋଟିଏ ପାଦ ପଛରେ ରହିଛନ୍ତି।

**୧୦୦ ମ୍ୟାଚ୍:** ଗୁଜରାଟର କାଗିସୋ ରାବାଡା ଏହି ମୁକାବିଲା ଖେଳି ଆଇପିଏଲ୍‌ରେ ତାଙ୍କର ୧୦୦ତମ ମ୍ୟାଚ୍ ମାଇଲଖୁଣ୍ଟ ପୂରଣ କରିବେ।

**୭୦୦ ରନ:** ସାଇ ସୁଦର୍ଶନ ଆଉ ୪୮ ରନ କଲେ ଆଇପିଏଲ୍‌ର ଚଳିତ ୧୯ତମ ସମସ୍କରଣରେ ୭୦୦ ରନ ସଂଗ୍ରହ କରିବେ।

**୨୩ରନ:** ଗୁଜରାଟ ଅଧିନାୟକ ଗିଲ୍ ଆଇପିଏଲ୍ ପ୍ଲେ-ଅଫ୍‌ରେ ୫୦୦ ରନ ପୂରଣଠାରୁ ଆଉ ମାତ୍ର ୨୩ ରନ ପଛରେ ରହିଛନ୍ତି।

■ ସିଙ୍ଗାପୁର ଓପନ୍

# କ୍ୱାର୍ଟରରେ ସିନ୍ଧୁ, ସାତ୍ୱିକ-ଚିରାଗ

ସିଙ୍ଗାପୁର, ୨୮।୫ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ୯.୬୦ କୋଟି ପୁରସ୍କାର ରାଶିବିଶିଷ୍ଟ ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ଧୁ ୨୧-୯, ୨୧-୧୨ ସିଧାସଳଖ ଗେମରେ ଜାପାନର ରିକୋ ଗୁଞ୍ଜିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ ଜିତିବାକୁ ସିନ୍ଧୁଙ୍କୁ ୩୭ ମିନିଟ୍ ସମୟ ଲାଗିଥିଲା। ଅପରପକ୍ଷରେ ପୁରୁଷ ଡବଲ୍ସରେ ଭାରତର ସାତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଚତୁର୍ଥ ସିଡ୍ ଏହି ଭାରତୀୟ ଯୋଡ଼ି ପ୍ରି-କ୍ୱାର୍ଟରରେ ୨୧-୧୫, ୧୧-୨୧, ୨୧-୧୮ରେ ଚାଇନିଜ ତାଇପେଇ'ର ଲି ଝେ ହୁଇ ଓ ୟାଙ୍ଗ ପୋ-ସୁଆନ ଯୋଡ଼ିଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ମଧ୍ୟ ଧ୍ରୁବ କପିଳା ଓ ତନିଶା କ୍ରାଷ୍ଟୋ ଯୋଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ମହିଳା ଟି-୨୦ ବିଶ୍ୱକପ୍ ପରିଚାଳନା କରିବେ ସମସ୍ତ ମହିଳା

# ଭାରତରୁ ଲକ୍ଷ୍ମୀ, ଗାୟତ୍ରୀ, ବ୍ରିନ୍ଦା ଓ ଜନନୀ ସାମିଲ

ଦୁବାଇ,୨୮।୫(ଏଜେନ୍ସି): ୪ଜଣ ଭାରତୀୟଙ୍କ ସମେତ ୧୮ଜଣ ଆଇସିସି ମ୍ୟାଚ୍ ଅଫିସିଆଲ୍ସ ଇଂଲଣ୍ଡ ଓ ୱେଲ୍ସରେ ଜୁନ୍ ୧୨ରୁ ଜୁଲାଇ ୫ ଯାଏ ଖେଳାଯିବାକୁ ଥିବା ମହିଳା ଟି-୨୦ ବିଶ୍ୱକପ୍ ପରିଚାଳନା କରିବାକୁ ନିଯୁକ୍ତ ହୋଇଛନ୍ତି। ନିଯୁକ୍ତ ହୋଇଥିବା ସମସ୍ତ ୧୮ଜଣଯାକ ମ୍ୟାଚ୍ ଅଫିସିଆଲ୍ସ ମହିଳା ଓ ଆଇସିସି ଦ୍ୱାରା ଆୟୋଜିତ କ୍ରମାଗତ ତୃତୀୟ ବିଶ୍ୱକପ୍‌ରେ ସମସ୍ତ ମହିଳା ମ୍ୟାଚ୍ ପରିଚାଳନା କରିବେ। ଭାରତୀୟ ମ୍ୟାଚ୍ ଅଫିସିଆଲଙ୍କ ମଧ୍ୟରେ ଜଣେ ମ୍ୟାଚ୍ ରେଫରି ଜିଏସ୍ ଲକ୍ଷ୍ମୀ, ୩ଜଣ ଅମ୍ପାୟାର ଯଥା ଗାୟତ୍ରୀ ଭେନୁଗୋପାଳନ, ବ୍ରିନ୍ଦା ରାଠୀ ଓ ଜନନୀ ଏନ୍। ଗାୟତ୍ରୀଙ୍କ ସମେତ ଅନ୍ୟ ୩ଜଣ ଅମ୍ପାୟାର କାଣ୍ଡେସ ଲା ବୋର୍ଡେ, କେରିନ୍ କ୍ଲାସ୍ତେ ଓ ସାଥୀରା ଜାକିର ଜେସି ପ୍ରଥମଥର ବିଶ୍ୱକପ୍ ପରିଚାଳନା କରିବେ। ଏହି ବିଶ୍ୱକପ୍ ଲାଗି ୪ଜଣ ମ୍ୟାଚ୍ ରେଫରି ଓ ୧୪ଜଣ ଅମ୍ପାୟାର ଏଥର ମନୋନୀତ ହୋଇଛନ୍ତି। ୨୦୨୪ରେ ବିଶ୍ୱକପ୍ ପରିଚାଳନା କରିଥିବା ୯ଜଣଙ୍କୁ ଏଥର ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଅଷ୍ଟ୍ରେଲିଆର କ୍ଲେଆର ପୋଲସାକ ସବୁଠାରୁ ଅଭିଜ୍ଞ ଭାବେ ୬ଷ୍ଠ ଥର ଲାଗି ବିଶ୍ୱକପ୍ ପରିଚାଳନା କରିବେ। ଏଯାଏ ସେ ୨୨ଟି ମ୍ୟାଚ୍ ପରିଚାଳନା କରିସାରିଛନ୍ତି। ତାଙ୍କ ପଛକୁ ଜ୍ୟାକ୍‌ଲିନ୍ ୱିଲିୟମ୍ସ ଓ କିମ୍ କଟନ ୧୯ଟି ଲେଖାଏଁ ମ୍ୟାଚ୍ ପରିଚାଳନା କରିବାର ଅଭିଜ୍ଞତା ରଖିଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟରେ ୩୩ଟି ମ୍ୟାଚ୍ ପରିଚାଳନା କରିବା ଲାଗି ୪ଜଣ ମ୍ୟାଚ୍ ରେଫରି ହେଲେ ଟ୍ରୁଡି ଆଣ୍ଡରସନ, ଶାନ୍ଦ୍ରେ ଫ୍ରିଜ୍, ଜିଏସ୍ ଲକ୍ଷ୍ମୀ ଓ ମିଚେଲ ପେରେରା। ୧୪ଜଣ ଅମ୍ପାୟାର ହେଲେ ଲୌରେନ୍ ଆଗନବାଗ୍, କିମ୍ କଟନ, ଆନ୍ନା ହାରିସ୍, ସାଥୀରା ଜାକିର ଜେସି, କେରିନ୍ କ୍ଲାସ୍ତେ, କାଣ୍ଡେସ ଲା ବୋର୍ଡ, ଜନନି ଏମ୍, ନିମାଲି ପରେରା, କ୍ଲେଆର ପୋଲୋସାକ୍, ବ୍ରିନ୍ଦା ରାଠୀ, ସୁଜାନେ ରେଡଫର୍ଣ୍ଣ, ଏଲୋଇସେ ଶେରିଡାନ, ଜ୍ୟାକ୍‌ଲିନ୍ ୱିଲିୟମ୍ସ ଓ ଗାୟତ୍ରୀ ଭେନୁଗାପାଳନ।

# ବିପର୍ଯ୍ୟୟ: ସିନ୍ନରଙ୍କୁ ହରାଇ ଜୁଆନା



ପ୍ୟାରିସ, ୨୮।୫ (ଏଜେନ୍ସି): ଚଳିତ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ୧୨୫ତମ ସଂସ୍କରଣରେ ସବୁଠୁ ବଡ଼ ବିପର୍ଯ୍ୟୟ ଗୁରୁବାର ଦେଖିବାକୁ ମିଳିଛି। ପଞ୍ଚମ ଦିବସରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ପରାସ୍ତ ହୋଇ ଟପ୍ ସିଡ୍ ଜାନିକ ସିନ୍ନର ବିଦାୟ ନେଇଛନ୍ତି। ଟାଇଟଲ୍ ଦୌଡ଼ରେ ସର୍ବାଗ୍ରେ ରହିଥିବା ଇଟାଲୀ ତାରକା ସିନ୍ନର ୬-୩, ୬-୨, ୫-୭, ୧-୬, ୧-୬ ସେଟ୍‌ରେ ଅଣସିଡେଡ୍ ଖେଳାଳି ଆର୍ଜେଣ୍ଟିନାର ଜୁଆନ ମାନୁଏଲଙ୍କ ନିକଟରୁ ହାରିଯାଇଥିଲେ। ଏହି ମ୍ୟାଚର ପ୍ରଥମ ଦୁଇଟି ସେଟ୍‌କୁ ସିନ୍ନର ଜିତିନେଇଥିଲେ। କିନ୍ତୁ ଜୁଆନା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୩ଟି ସେଟ୍‌କୁ ଜିତି ମ୍ୟାଚ୍‌କୁ ହାତେଇନେଇଥିଲେ। ସିନ୍ନରଙ୍କ ପରାଜୟ ସହ ଚଳିତ ଫ୍ରେଞ୍ଚ ଓପନ୍‌ର ସବୁଠୁ ବଡ଼ ବିପର୍ଯ୍ୟୟ ଘଟିଛି। ସିନ୍ନରଙ୍କ ପରଜାୟ ପରେ ଏବେ ଅନ୍ୟ ଦୁଇ ତାରକା ନୋଭାକ ଜୋକୋଭିଚ୍ ଓ ଦ୍ୱିତୀୟ ସିଡ୍ ଜର୍ମାନୀ ତାରକା ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ଜ୍ୱେରେଭ ଓ ଜୋକୋଭିଚ୍ ମଧ୍ୟ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିସାରିଛନ୍ତି। ଗୁରୁବାର ପୁରୁଷ ବିଭାଗରେ ବିଜୟ ହାସଲ କରିଥିବା ଅନ୍ୟ ଖେଳାଳିମାନେ ହେଲେ ୧୫ତମ ସିଡ୍ କାସ୍ପର ରୁଡ୍, ୧୦ମ ସିଡ୍ ଇଟାଲୀର ଫ୍ଲାବିଓ କୋବୋଲି, ୧୮ତମ ସିଡ୍ ଆମେରିକାର ଲର୍ନର ତିଏନ ପ୍ରମୁଖ ବିଜୟୀ ହୋଇଛନ୍ତି।

**ଫ୍ରେଞ୍ଚ ଓପନ୍**

### ଓସାକା, ମୁଚୋଭା ଆଗେଇଲେ

ଅପରପକ୍ଷରେ ମହିଳା ବିଭାଗରେ ୧୬ତମ ସିଡ୍ ଜାପାନାର ନାଓମି ଓସାକା, ୧୦ମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନ ମୁଚୋଭା, ୧୭ତମ ସିଡ୍ ଆମେରିକାର ଇଭା ଜୋଭିକ ପ୍ରମୁଖ ବିଜୟ ସହ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ୨୩ତମ ସିଡ୍ ବେଲ୍‌ଜିୟମର ଏଲିସେ ମର୍ଟେନ୍ସଙ୍କୁ ୬-୪, ୬-୦ରେ ହରାଇ ପୋଲାଣ୍ଡର ମାଜା ଚାୱାଲିସ୍କ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

## କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ

# କାଟାଗୋରୀ-ଏ'ରେ ଅଡି, ବୋରିସ୍ ଶୀର୍ଷରେ

ଭୁବନେଶ୍ୱର,୨୮।୫(ସମିସ): ଭାରତ ତଥା ଗୋଆର ଆଇଏମ୍ ଅଡି ଆମେୟା ଏବଂ ରୁଷିଆର ଗ୍ରାଣ୍ଡ ମାଷ୍ଟର ବୋରିସ ସାଭେଚେଙ୍କୋ ଏଠାରେ ଚାଲିଥିବା କିଟ୍ ଅନ୍ତର୍ଜାତୀୟ ଚେସ ମହୋତ୍ସବର ୮ମ ରାଉଣ୍ଡ ଖେଳ ଶେଷସୁଦ୍ଧା ୭ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ବୁକୋଲଜ୍‌ରେ ୨୧ ନମ୍ବର ସିଡ ଅଡି ଆମେୟା ପ୍ରଥମ ଓ ନଂ-୯ ସିଡ ବୋରିସ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୯ମ ରାଉଣ୍ଡରେ ଏମାନଙ୍କ ମଧ୍ୟରେ ମୁକାବିଲା ହେବ। ଏମାନଙ୍କ ପଛକୁ ୫ଜଣ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସମସ୍ତ ୪ଜଣଯାକ ହେଉଛନ୍ତି ଆଇଏମ୍। ସେମାନଙ୍କ ମଧ୍ୟରେ ଇସ୍ରାଏଲ୍‌ର ବେନି ଆଇଜେନବର୍ଗ ତୃତୀୟ ଓ ଅନ୍ୟ ୩ଜଣ ଭାରତୀୟ ଆଇଏମ୍ ତେଲଙ୍ଗାନାର ଶ୍ରୀରାମ ଆଦର୍ଶ, ଆସାମର ମୟଙ୍କ ଚକ୍ରବର୍ତ୍ତୀ ଓ ରେଲୱେ ପ୍ରମୋସନ ସ୍ପୋର୍ଟ୍ସ ବୋର୍ଡର ଆରଣ୍ୟକ ଘୋଷ। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସମ୍ବିତ ପଣ୍ଡା ୮ ରାଉଣ୍ଡରୁ ୫.୫ ପଏଣ୍ଟ ସଂଗ୍ରହ କରି ୫୧ତମ ସ୍ଥାନରେ ରହିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଫିଡେ ମାଷ୍ଟର ପ୍ରିୟାଂଶ ଦାସ ୫ ପଏଣ୍ଟ ସହ ୬୫ତମ, ତନ୍ମୟ ତଲିନ୍ ବେହେରା ୫ ପଏଣ୍ଟ ସହ ୮୧ତମ, ଆଶୀର୍ବାଦ ସ୍ୱାଇଁ ୫ପଏଣ୍ଟ ସହ ୮୭ତମ ସ୍ଥାନରେ ରହିଛନ୍ତି।

କାଟାଗୋରୀ-ସି'ରେ ୩ ରାଉଣ୍ଡ ସୁଦ୍ଧା ୮୩ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏମାନଙ୍କ ମଧ୍ୟରେ କ୍ଷେତ୍ରବର ମାଝୀ, ଦାଶରଥୀ ସାହୁ, ଭବାନୀ ପ୍ରସାଦ ମେହେର, ଦିଲୀପ ବେହେରା, ୧୩ ବର୍ଷରୁ କମ୍ ବାଳିକା ଦେବପ୍ରିୟା ବିଶ୍ୱାଳ ରହିଛନ୍ତି।

# ଫ୍ୟୁଚର ଚାମ୍ପିଅନ୍ସ କପ୍ ୩୦ରୁ

ଭୁବନେଶ୍ୱର, ୨୮।୫ (ସମିସ): ଦିଲୀପ ତିର୍କୀ ସ୍ପୋର୍ଟ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଫାଉଣ୍ଡେସନ (ଡିଟିଏସଆରଡିଏଫ୍) ଆନୁକୂଲ୍ୟରେ ଫ୍ୟୁଚର ଚାମ୍ପିଅନ୍ସ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମେ ୩୦ରୁ ଆରମ୍ଭ ହେବ। ୧୬ ବର୍ଷରୁ କମ୍ ଏହି ଲିଗ୍-କମ୍ ନକଆଉଟ୍ ପ୍ରତିଯୋଗିତାରେ ରାଜ୍ୟର ୮ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍-ଏ'ରେ ରେଡ୍ ଷ୍ଟାର୍, ଟାଉନ କ୍ଲବ, ପ୍ରଗତି ସ୍ପୋର୍ଟିଂ ଓ ଜୟଦେବ ସ୍ପୋର୍ଟିଂ ରହିଛି। ସେହିଭଳି ଗ୍ରୁପ୍-ବି'ରେ ପାରାମାଉଣ୍ଟ, ସହିଦ ସ୍ପୋର୍ଟିଂ, ରାମେଶ୍ୱର ଓ ମୁକ୍ତେଶ୍ୱର କ୍ଲବ ସ୍ଥାନ ପାଇଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କିଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତା ଜୁନ ୧୧ ତାରିଖରେ ଉଦ୍‌ଯାପିତ ହେବ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଭୁବନେଶ୍ୱର ଟାଉନ କ୍ଲବ ଗ୍ରାଉଣ୍ଡ ଓ ୧୨୦ ଇନଫାଣ୍ଟ୍ରି ବାଟାଲିୟନ ଗ୍ରାଉଣ୍ଡରେ ଖେଳାଯିବ। ଯୁବ କ୍ରିକେଟ୍ ପ୍ରତିଭାଙ୍କୁ ଉତ୍ସାହିତ କରିବା ଓ ତୃଣମୂଳସ୍ତରରୁ କ୍ରିକେଟ୍‌ର ବିକାଶକୁ ଆଗେଇ ନେବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ବୋଲି ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି।

## ଜାତୀୟ ସବ୍‌ଜୁନିଅର ବେସ୍‌ବଲ

# ବାଳିକାରେ ମହାରାଷ୍ଟ୍ର ଚାମ୍ପିଅନ



ଭୁବନେଶ୍ୱର, ୨୮।୫ (ସମିସ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୩୧ତମ ଜାତୀୟ ସବ୍-ଜୁନିଅର ବେସବଲ୍ ଚାମ୍ପିଅନସିପର ବାଳକ ବିଭାଗରେ ମହାରାଷ୍ଟ୍ର ଚାମ୍ପିଅନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଛତିଶଗଡ଼କୁ ପରାସ୍ତ କରି ମହାରାଷ୍ଟ୍ର ବାଳିକା ଦଳ ଟାଇଟଲ୍ ଜିତିଛି। ତେବେ ଆୟୋଜକ ଓଡ଼ିଶା ବାଳିକା ଦଳକୁ ନିରାଶ ହେବାକୁ ପଡ଼ିଛି। ଦ୍ୱିତୀୟ ସେମିଫାଇନାଲରେ ଓଡ଼ିଶା ବାଳିକା ଦଳକୁ ୧୯-୧ରେ ପରାସ୍ତ କରି ଛତିଶଗଡ଼ ଫାଇନାଲକୁ ଉଠିଥିଲା। ସେହିଭଳି ଅନ୍ୟ ଏକ କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ମହାରାଷ୍ଟ୍ର ୧-୦ ସ୍କୋରରେ ଆନ୍ଧ୍ରପ୍ରଦେଶକୁ ହରାଇଥିଲା। ଅପରପକ୍ଷରେ ଶୁକ୍ରବାର ବାଳକ ବିଭାଗ ଫାଇନାଲ ସହ ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ଟାଇଟଲ୍ ଲଢ଼େଇ ମୁକାବିଲାରେ ମହାରାଷ୍ଟ୍ର ଓ ଛତିଶଗଡ଼ ସାମ୍ନାସାମ୍ନି ହେବେ। ସେମିଫାଇନାଲରେ ମହାରାଷ୍ଟ୍ର ବାଳକ ଦଳ ୮-୧ ସ୍କୋରରେ ପଞ୍ଜାବକୁ ଏବଂ ଛତିଶଗଡ଼ ୭-୬ରେ ଦିଲ୍ଲୀକୁ ହରାଇ ଫାଇନାଲକୁ ଉଠିଥିଲା।

# ସିନିଅର ଆର୍ବିଟର ସେମିନାରରେ ୩୨ ପ୍ରାର୍ଥୀ

ଭୁବନେଶ୍ୱର, ୨୮।୫ (ସମିସ): ନିଖିଳ ଓଡ଼ିଶା ରାଜ୍ୟ ଚେସ ସଂଘ (ଏଓସିଏ) ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ପରିସରରେ ନ୍ୟାସନାଲ ସିନିଅର ଆର୍ବିଟର ସେମିନାର ଓ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ସମଗ୍ର ଦେଶରୁ ୩୨ଜଣ ଦକ୍ଷ ପ୍ରାର୍ଥୀ ଅଂଶଗ୍ରହଣ କରିବା ସହ ପରୀକ୍ଷା ଦେଇଥିଲେ। ଏମାନଙ୍କୁ ଦେଶର ବରିଷ୍ଠ ଆର୍ବିଟର ଆର୍. ଅନନ୍ତରମଣ ଚେସ୍ ଖେଳର ବିଭିନ୍ନ ମୌଳିକ ନିୟମ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପରୀକ୍ଷା ପରେ ସେମିନାରର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲାବେଳେ ରାଜ୍ୟର ପ୍ରଥମ ଆଇଏଫ୍ ଶେଖରଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ଏଓସିଏ ସଭାପତି ଜିସି ମହାପାତ୍ର, ଚେସ୍ ଉପଦେଷ୍ଟା ରଞ୍ଜନ ମହାନ୍ତି, ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, କୋଷାଧ୍ୟକ୍ଷ ବିବି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ

# ୧୧ ଆଥଲେଟ୍ ଜିତିଲେ ୧୯ ପଦକ

ଭୁବନେଶ୍ୱର,୨୮।୫(ସମିସ):



କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁରେ ଗତ ୩ ଦିନ ଧରି ଶ୍ରୀ କାନ୍ତିରାଭା ଷ୍ଟାଡିୟମ୍‌ରେ ଚାଲିଥିବା ୮ମ ଇଣ୍ଡିଆନ୍ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାରୁ ୧୧ ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ। ୧୧ ଜଣ ଆଥ୍‌ଲେଟ ମୋଟରେ ୧୮ଟି ପଦକ ଜିତିବାରେ ସଫଳ ହୋଇଥିଲେ। ଏହି ୧୮ଟି ପଦକ ମଧ୍ୟରେ ରହିଛି ୮ ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ। ସେହିପରି ଏହି ପ୍ରତିଯୋଗିତାରୁ ଜାପାନରେ ହେବାକୁ ଥିବା ଏସିଆନ ପାରା ଗେମ୍ସ ଲାଗି ଖେଳାଳି ଚୟନ ପ୍ରକ୍ରିୟା ଶେଷ ହୋଇଛି।

ପଦକ ଜିତିଥିବା ଆଥ୍‌ଲେଟଙ୍କ ମଧ୍ୟରୁ କମଳାକାନ୍ତ ନାୟକ ୨ ସ୍ୱର୍ଣ୍ଣ ସହ ୧ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ଜାନକୀ ଓରାମ ୨ ସ୍ୱର୍ଣ୍ଣ ୧ ରୌପ୍ୟ, ସ୍ୱସ୍ତିକ ସାହୁ ୧ ସ୍ୱର୍ଣ୍ଣ ଓ ୨କାଂସ୍ୟ, ସୁଚିତ୍ରା ପରିଡ଼ା ଶ୍ରେଷ୍ଠ ପ୍ରଦର୍ଶନ ସହ ୧ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଯଦୁନାଥ ମାଝୀ, ଜୟପ୍ରକାଶ ବାରିକ ଅନ୍ୟ ଦୁଇଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

ଅନ୍ୟ ପଦକ ବିଜେତାଙ୍କ ମଧ୍ୟରେ ଅଛନ୍ତି ମୋହନ ସାହୁ, ଜୟନ୍ତୀ ବେହେରା ଓ କୁନିଲତା ବାରିକ୍। ପଦକ ବିଜେତା, କ୍ରୀଡ଼ା ଓ ଯୁବସେବା ବିଭାଗକୁ ଓଡ଼ିଶା ପାରା ଆଥ୍‌ଲେଟିକ୍ ଆସୋସିଏସନ ପକ୍ଷରୁ ସଭାପତି କମଳାକାନ୍ତ ରଥ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS